78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ■ ସଂଖ୍ୟା-୩୨୮● କଟକ● ଗୁରୁବାର ●୩ ଜୁଲାଇ-୨୦୨୫ ● ମିଥୁନ- ୨୨● ସାଲ୍ ୧୪୩୧
CUTTACK• THURSDAY • 3 July-2025 • RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ୮ ଦିନିଆ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଆଜିଠୁ ୮ ଦିନିଆ ବିଦେଶ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଘାନାରୁ ଆରମ୍ଭ ହେବାକୁ ଥିବାବେଳେ ସେ ୫ଟି ଦେଶ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଥାନା ଗସ୍ତ ଏବଂ ୩୦ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଘାନା ଗସ୍ତ କରୁଛନ୍ତି। ସେଠାରେ ସେ ଘାନାର ରାଷ୍ଟ୍ରପତିଙ୍କୁ ଭେଟି ଶକ୍ତି, ଅର୍ଥନୈତିକ , ପ୍ରତିରକ୍ଷା ଏବଂ ବିକାଶ ସହଯୋଗ ପ୍ରସଙ୍ଗରେ ଆଲୋଚନା କରିବେ। ପରେ ୩-୪ ତାରିଖରେ ତ୍ରିନିଦାଦ ଏବଂ ଟୋବାଗୋ ଗସ୍ତ କରିବେ ପିଏମ୍ ମୋଦୀ। ରାଷ୍ଟ୍ରପତି କ୍ରିଷ୍ଟିନ୍ ବାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପ୍ରସାଦ ବିସେସାରଙ୍କୁ ଭେଟିବେ। ଏବଂ ସହସଦର ଏକ ମିଳିତ ଅଧିବେଶନକୁ ସମ୍ବୋଧନ କରିପାରନ୍ତି। ସେହିପରି ଜୁଲାଇ ୪ ଏବଂ ୫ ତାରିଖରେ ଆର୍ଜେଣ୍ଟିନା ଗସ୍ତ କରି ରାଷ୍ଟ୍ରପତି ଜାଭିୟର ମାଇଲିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ୫ ତାରିଖରେ ୧୭ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ପିଏମ୍। ଏହା ମୋଦୀଙ୍କର ଚତୁର୍ଥ ବ୍ରାଜିଲ୍ ଗସ୍ତ ହେବ। ଶେଷରେ ଜୁଲାଇ ୯ ତାରିଖରେ ନାମିବ୍ୟା ଗସ୍ତରେ ଯିବେ ପିଏମ ମୋଦୀ। ଏହି ସମୟରେ ସେ ଦେଶର ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ ନଦାଇତ୍ୱ ଙ୍କୁ ଭେଟିବେ ଏବଂ ନାମିବ୍ୟାର ପ୍ରଥମ ରାଷ୍ଟ୍ରପତି ଡକ୍ଟର ସାମ ନୁଜୋମାଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବେ।

# ଜଗନ୍ନାଥ ପ୍ରଧାନଙ୍କୁ ନେଇ ବଢ଼ିଲା ଅଡୁଆ

**ଭୁବନେଶ୍ୱର:** ରାଜଧାନୀ ଭୁବନେଶ୍ୱରରେ ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ପରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ନେଇ ହରଡ-ଘଣାରେ ରାଜ୍ୟ ସରକାର। ଆକ୍ରମଣ ଘଟଣାରେ ଜଗନ୍ନାଥ ଓରଫ ଜଗା ପ୍ରଧାନଙ୍କୁ ଗିରଫ କରିବା ଦାବି ଜୋର ଧରିବା ପରେ ବୁଧବାର ସକାଳେ ନିଜଆଡୁ କେତେକ ଗଣମାଧ୍ୟମରେ ଆକ୍ରମଣକୁ ଏକ ପ୍ରକାର ଯଥାର୍ଥ ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ କେତେଜଣ ଦଳୀୟ ନେତା ଏଭଳି ମନ୍ତବ୍ୟକୁ ନାପସନ୍ଦ କରିଥିଲେ। ତେବେ ଦିନ ତମାମ ଏକ ପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସମୂହ ଛୁଟିରେ ଯାଇଥିବା ଓଏଏସ ସଙ୍ଘ ସହ ଓଡିଶା ରେଭିନ୍ୟୁ ସର୍ଭିସର ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ। ପରିସ୍ଥିତିକୁ ଦେଖି ଓ ଦଳୀୟ ଚାପରେ ସନ୍ଧ୍ୟା ବେଳକୁ ଜଗନ୍ନାଥ ପ୍ରଧାନଙ୍କ ସ୍ୱର ନରମି ଯାଇଥିଲା। ଏକ ଟ୍ୱିଟ ଜରିଆରେ ସେ 'ଆଇନକୁ ସମ୍ମାନ ଦେଉଛି' ବୋଲି ସ୍ପଷ୍ଟ କରିଥିଲେ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "ରାଜ୍ୟରେ ଦୁଇ ଦିନ ହେବ ବିଏମସି ଘଟଣାରେ ବିରୋଧୀ ଦଳ ଏକ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି। ମୁଁ ଆଗରୁ କହିଛି, ଏବେ ବି କହୁଛି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡକୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାରର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରୁ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି।"

ସୂଚନା ଅନୁଯାୟୀ, ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଅଭିଯୋଗରେ ଜଗନ୍ନାଥ ପ୍ରଧାନ ଗିରଫ ହେବା ନେଇ ଅନୁମାନ ଲାଗି ରହିଛି। ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପାର୍ଟି କାର୍ଯ୍ୟାଳୟକୁ ଯାଇଥିଲେ। ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ସେ ଶୃଙ୍ଖଳା କମିଟି ଆଗରେ ନିଜର ମତ ରଖିଥିଲେ। ଶ୍ରୀ ପ୍ରଧାନ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଲା ପରେ କିଛି ବଡ଼ଧରଣର ଘଟଣା ଘଟିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହି ବୈଠକ ଚାଲିଥିବା ସମୟରେ କାର୍ଯ୍ୟାଳୟ ବାହାରେ ଜଗନ୍ନାଥ ପ୍ରଧାନଙ୍କ ଶତାଧିକ ସମର୍ଥକଙ୍କ ଭିଡ଼ ଏକତ୍ରିତ ହୋଇଥିବା ଦେଖାଯାଇଛି, ଯାହା ଏହି ଘଟଣାର ଗମ୍ଭୀରତାକୁ ଆହୁରି ସ୍ପଷ୍ଟ କରୁଛି। ବିଜେପି କାର୍ଯ୍ୟାଳୟ ସାମ୍ନାରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ସେହିପରି ଖାରବେଳ ନଗର ଥାନାରେ ମଧ୍ୟ ପୁଲିସ ମୁତୟନ କରାଯାଇଛି। ଭାଜପା କାର୍ଯ୍ୟାଳୟରେ ଚାଲିଥିବା ଏହି ଆଲୋଚନା ଜଗନ୍ନାଥ ପ୍ରଧାନଙ୍କ ଇସ୍ତଫା ବା ତାଙ୍କୁ ଦଳୀୟ କାର୍ଯ୍ୟରୁ ନିଲମ୍ବନ କରାଯିବା ସମ୍ଭାବନାକୁ ନେଇ ଅନୁମାନ ସୃଷ୍ଟି କରିଛି। ତେବେ, ଏ ସମ୍ପର୍କରେ ଭାଜପା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବୟାନ ଜାରି ହୋଇନାହିଁ।ଏହି ଘଟଣା ରାଜଧାନୀ ଭୁବନେଶ୍ୱରରେ ରାଜନୈତିକ ଓ ପ୍ରଶାସନିକ ମହଲରେ ତୀବ୍ର ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏହି ମାମଲାରେ ତଦନ୍ତ ଜାରି ରଖିଛି ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଜଗନ୍ନାଥ ପ୍ରଧାନଙ୍କ ରାଜନୈତିକ ଭବିଷ୍ୟତ ଭାଜପାର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡ଼ିତ କର୍ପୋରେଟର ଅରୂପ ନାରାୟଣ ରାଉତଙ୍କ ଓ ଅନ୍ୟ ୪ଜଣଙ୍କୁ ପୁଲିସ ଗିରଫ କରିବା ପରେ ବିଜେପି ମଧ୍ୟ ସେମାନଙ୍କୁ ଦଳରୁ ନିଲମ୍ବନ କରିସାରିଛି । ତେବେ ଏହି ଘଟଣାରେ ଶ୍ରୀ ପ୍ରଧାନଙ୍କୁ ମାଷ୍ଟରମାଇଣ୍ଡ ବୋଲି ଅଭିହିତ କରି ଓଏଏସ୍ ସଂଘ ଓ ବିଏମସି କର୍ମଚାରୀମାନେ ଦାବି କରିଆସୁଛନ୍ତି । ଗତ ଦୁଇଦିନ ଧରି ରାଜ୍ୟବ୍ୟାପୀ ପ୍ରଶାସନିକ ଅଚଳାବସ୍ଥା ଲାଗି ରହିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ଆଶ୍ୱାସନା ସହ ୫ଜଣଙ୍କ ଗିରଫ ସତ୍ତ୍ୱେ ଓଏଏସ୍ ସଂଘ ନିଜ ଜିଦରେ ଅଟଳ ରହି ଶ୍ରୀ ପ୍ରଧାନଙ୍କ ଗିରଫ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି ।

ରାଜ୍ୟରେ ଏଭଳି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ ବିଜେପି ପକ୍ଷରୁ ଏହି ଘଟଣାରେ ଉଭୟ ପକ୍ଷର ସମ୍ମାନ ରକ୍ଷା ଭଳି ଉପାୟ ଖୋଜାଯାଉଛି । ବିଜେପି ଏହି ଘଟଣାରେ ନିଜର ଭୁବନେଶ୍ୱର ସେଂଟ୍ରାଲ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କୁ ସିଧାସଳଖ ସମର୍ଥନ ଦେଇନଥିଲେ ମଧ୍ୟ ତାଙ୍କୁ ରାଜ୍ୟ ମୁଖ୍ୟାଳୟକୁ ଡକାଇ ଘଟଣା ସମ୍ପର୍କରେ ପ୍ରାୟ ଦୁଇ ଘଣ୍ଟା ଧରି ପଚରାଉଚୁରା କରିଥିବା ଜଣାପଡ଼ିଛି ।

### ମୁଁ ଏବେ ଘରକୁ ଯାଉଛି



ଭୁବନେଶ୍ୱର: ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଡାକିଥିଲେ। ସେଥିପାଇଁ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିଥିଲି। ରାଜ୍ୟ ସଭାପତିଙ୍କ ସହିତ କଥା ହେଲି। ତାଙ୍କର ସହିତ ମୋର ଆଲୋଚନା ହୋଇଛି। ଯେମିତି ଗୋଟେ ପରିବାରରେ ଆଲୋଚନା ହୁଏ, ସେହିଭଳି ଆଲୋଚନା ହୋଇଛି। ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଆଜି ରାତିରେ ଗଣମାଧ୍ୟମକୁ ଏହି ପ୍ରତିକ୍ରିୟା ଦେଇଛନ୍ତି।ତେବେ ଶ୍ରୀ ପ୍ରଧାନ ଦଳୀୟ ନେତୃତ୍ୱଙ୍କ ସହିତ କ'ଣ କଥା ହେଲେ ସେନେଇ ମୁହଁ ଖୋଲି ନାହାନ୍ତି। ସେହିପରି ଦଳ ପକ୍ଷରୁ ମଧ୍ୟ ଜଗନ୍ନାଥ ପ୍ରଧାନ ସହିତ କ'ଣ ଆଲୋଚନା ହେଲା, ସେନେଇ ଜଣାପଡ଼ି ନାହିଁ।

## ଚିଟ୍‌ଫଣ୍ଡ ଜମାକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର: ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଅର୍ଥ ଫେରସ୍ତ ପାଇବେ। ଏଥି ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ମୋହନ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲାସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏତଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଦୀର୍ଘ ୧୦ ବର୍ଷ ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

## ପାକିସ୍ତାନୀ ମିଡିଆ ଏବଂ ସୋସିଆଲ ମିଡିଆ ଉପରୁ ହଟିଲା ପ୍ରତିବନ୍ଧକ

ନୂଆଦିଲ୍ଲୀ: ପାକିସ୍ତାନୀ ମିଡିଆ ଏବଂ ସୋସିଆଲ ମିଡିଆ ଉପରୁ ହଟିଲା ପ୍ରତିବନ୍ଧକ । ପାକିସ୍ତାନର ବଡ ବଡ ସେଲିବ୍ରିଟି ଏବଂ ଖେଳାଳୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରୁ ହଟିଛି ପ୍ରତିବନ୍ଧକ । ଯଦିଓ ସରକାରୀ ସ୍ତରରେ ଏହାକୁ ନେଇ କୌଣସି ଘୋଷଣା କରାଯାଇନି ମାତ୍ର ବିଭିନ୍ନ ପାକିସ୍ତାନୀ ଟିଭି ଚ୍ୟାନେଲ ଏବଂ ସୋସିଆଲ ମିଡିଆ ଭାରତରେ ଦେଖିବାକୁ ମିଳୁଛି । ପହଲଗାମ୍ ହମଲା ପରେ ଅପରେସନ ସିନ୍ଦୂର ସମୟରେ ଏହି ପ୍ରତିବନ୍ଧକ ଲଗାଇଥିଲା ଭାରତ । ଅପରେସନ ସିନ୍ଦୂର ବେଳେ ଅପପ୍ରଚାର ଏବଂ ଦଙ୍ଗା ସୃଷ୍ଟିକାରୀ କଣ୍ଟେଣ୍ଟ ପକାଉଥିବାରୁ ପାକିସ୍ତାନୀ ମିଡିଆ ଏବଂ ସୋସିଆଲ ମିଡିଆ ସହ ସେଲିବ୍ରିଟିଙ୍କ ଆକାଉଣ୍ଟକୁ ବନ୍ଦ କରାଯାଇଥିଲା । ମାତ୍ର ଏବେ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ସହ ହମ୍ ଟିଭି, ଏଆରୱାଇ ଡିଜିଟାଲ, ହର ପଲ ଜିଓ ଏବେ ଭାରତରେ ଦୃଶ୍ୟମାନ ହେଉଛି ।

## ପୁରୀ ଦଳାଚକଟା ଘଟଣା: ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠିତ

ପୁରୀ : ପୁରୀ ଶରଧାବାଲି ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ୪ ଜଣ ଓଏଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି। ବୁଧବାର ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।ନିର୍ଦ୍ଦେଶନାମା ଅନୁଯାୟୀ, ଏହି ୪ ଜଣିଆ ତଦନ୍ତ କମିଟିରେ ଓଏଏସ୍ ଅଧିକାରୀ ମାନସ ରଂଜନ ସାମଲ, ବିନୟ କୁମାର ଦାଶ, ରଶ୍ମୀ ରଂଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ସାମିଲ କରାଯାଇଛି। ଏହି ୪ଜଣ ଜଣ ଓଏଏସ୍ ଅଧିକାରୀ ପ୍ରତିଦିନ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅପରାହ୍ନ ୩ଟାରୁ ୫ଟା ଯାଏଁ ତଦନ୍ତରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ସାହାଯ୍ୟ କରିବେ।

## କମୁଛି ବୈତରଣୀ, ବଢୁଛି ସାଳନ୍ଦୀ ଜଳସ୍ତର

ଭଦ୍ରକ (ପିପିଏସ୍): ଉପରମୁଣ୍ଡରେ ବର୍ଷା କମିଥିବାରୁ ତଳମୁଣ୍ଡରେ ଅର୍ଥାତ ଆରଡି ସମେତ ଆଖପାଖ ଓଳଗ, ସୁନ୍ଦରପୁର, ଦୋହରା, ପାଳଟପୁର, ମୁଆଁ, ଶୀତଳପୁର ଆଦି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଜଳସ୍ତର କମିଥିବା ବେଳେ ହଦଗଡ ଡ୍ୟାମରୁ ଆସୁଥିବା ପାଣିରେ ସାଳନ୍ଦୀ ନଦୀର ଜଳସ୍ତର ବଢିବାରେ ଲାଗିଛି। ଆଗକୁ ପୂର୍ଣ୍ଣିମାତିଥି ଥିବାରୁ ଧାମରା ନିକଟରେ ସମୁଦ୍ର ଜୁଆରିଆ ରହିବା ଫଳରେ ବୈତରଣୀ ଓ ସାଳନ୍ଦୀ ନଦୀର ଆସିଥିବା ବନ୍ୟାପାଣି ଠିକ ଭାବେ ନିଷ୍କାସନ ହେଉନଥିବାରୁ ସିଧାସଳଖ ଭାବେ ବିଭିନ୍ନ ଏସେକେପ ଓ ନଇଯୋର ଦେଇ ଶହଶହ ଏକର ଚାଷଜମିକୁ ମାଡି ଚାଲିଛି ବନ୍ୟା ପାଣି। ଗତ ୩ଦିନ ହେଲା ବନ୍ୟା ପାଣିରେ ବୁଡି ରହିଛି ସାରଦ ଧାନତଳି। ବନ୍ୟାର ସ୍ଥିତି କିପରି ରହିଛି, ଏଥିପାଇଁ ଭଦ୍ରକ ଜିଲାପାଳଙ୍କ ପରାମର୍ଶକ୍ରମେ ଧାମନଗର ଜଳସେଚନ ବିଭାଗର ଯନ୍ତ୍ରୀ କିଶୋର ଦାସ ବୈତରଣୀ ନଦୀର ସାଠିବାଙ୍କୁଡା, ଦୋହରାପାଟଣା, ସୁନ୍ଦରପୁର, ବୋଡକ ଆଦି ନଦୀବନ୍ଧର ଯାଞ୍ଚ କରିବା ସହ ଗତ ମଙ୍ଗଳବାର ରାତି ତମାମ ଜଗିରହିବା ସହ ବୁଧବାର ମଧ୍ୟ ସମସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ବୈତରଣୀ ନଦୀର ଉପରମୁଣ୍ଡରେ ବନ୍ୟା ଜଳ କମୁଥିବାରୁ ବନ୍ୟାର ଆଶଙ୍କା ନଥିବା କହିଛନ୍ତି ଶ୍ରୀ ଦାସ।

**ସମ୍ପାଦକୀୟ**

**ସବୁଠୁ ବଡ଼ ଅଧିକାର**


**ବାଟେଘାଟେ**



କଟକ ସହର ଉବୁଟୁବୁ ହେଲା
ବୁଡ଼ିଲା ସହର ସାରା
ମଳ ମୂତ୍ର ପଙ୍କ ନର୍ଦ୍ଦମା ଜଳରେ
ଠାକୁର ଘରଟି ମାରା
ବାଲଟିରେ ପାଣି ଛେଦେଇ ଛେଦେଇ
ହାତଟା ପରାଶ ପରା
ସହରରେ ଏବେ ନଉକା ପଡିବ
ଶିଖିବେ ସବୁ ପହଁରା
ପିଇବା ପାଣି ଟି ରଖିବା ପାଇଁକି
ଦର୍କାର ମାଠିଆ ଗରା
ବିଜେଡି ଦଳକୁ ଭୋଟ ଦେଇଣ
ସବୁ ଏବେ ବେସାହାରା
-ରାହୀ

# ଆକସ୍ମିକ ମୃତ୍ୟୁର କାରଣ ନୁହେଁ କୋଭିଡ ଟିକା



ନୂଆଦିଲ୍ଲୀ : ଆକସ୍ମିକ ମୃତ୍ୟୁର କାରଣ ନୁହେଁ କୋଭିଡ ଟିକା । ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ICMR ଏବଂ ନ୍ୟାଶନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ NCDC ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମୃତ୍ୟୁ ସଂପର୍କିତ ଅଭିଯୋଗକୁ ଖାରଜ କରାଯାଇଛି। ଭାରତରେ କରୋନା ମହାମାରୀ ପରେ କୋଭିଡ୍ ଟିକା ନେଇଥିବା ଲୋକଙ୍କ ଆକସ୍ମିକ ମୃତ୍ୟୁ ହେଉଛି ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏମିତିକି ଚାଲିବା, ବୁଲିବା ବେଳେ ଲୋକଙ୍କର ଆକସ୍ମିକ ମୃତ୍ୟୁ ହେଉଥିବା କୁହାଯାଇଥିଲା । ତେବେ ଏହି ଦାବିକୁ ଖାରଜ କରାଯାଇଛି । ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ରିସର୍ଚ୍ଚ ଏବଂ ଅନୁଧ୍ୟାନରୁ କୋଭିଡ ଟିକା ସହ ହୃଦଘାତ ସଂପର୍କରେ କୌଣସି ସିଧାସଳଖ ସଂପର୍କ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବରଂ ଏହି ଟିକା ନିରାପଦ ଏବଂ ଫଳପ୍ରଦ ସାବ୍ୟସ୍ତ ହୋଇଛି । ଟିକା ନୁହେଁ, ବରଂ ଲୋକଙ୍କ ଜୀବନ ଶୈଳୀ, ଜିନ୍ ଗତ ପାଇଁ ଆକସ୍ମିକ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିବୃତ୍ତି ଜାରି କରି କହିଛି ଯେ, କୋଭିଡ୍ -୧୯ ଟୀକା ସହ ଯୁବ ଓ ବୟସ୍କଙ୍କ ମଧ୍ୟରେ ଦେଖା ଦେଉଥିବା ହୃଦଘାତର କୌଣସି ସମ୍ପର୍କ ନାହିଁ । କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପୂର୍ବରୁ କହିଥିଲେ ଯେ, ରାଜ୍ୟରେ କୋଭିଡ୍ ଟୀକା ସହ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ଜଡିତ । ବିଶେଷକରି ଦେଶରେ ୪୦ ବର୍ଷରୁ କମ ବୟସ୍କଙ୍କ ମଧ୍ୟରେ ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଏହା ଚିନ୍ତଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଯଦିଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଏହା ପଛରେ ଜୀବନଶୈଳୀ ନିର୍ଭର କରୁଛି । ବିଗତ କିଛି ବର୍ଷ ମଧ୍ୟରେ ୪୦ ଓ ୫୦ ବର୍ଷରୁ କମ୍ ବୟସ୍କ ସେଲେବ୍ରିଟି ମାନେ ହଠାତ୍ ହୃଦଘାତରେ ମୃତ୍ୟୁବରଣ କରୁଛନ୍ତି । ନିକଟରେ ଏପରି ଅନେକ ଘଟଣା ଦେଖାଦେଇଛି । ଅଭିନେତା ସିଦ୍ଧାର୍ଥ ସୁକ୍ଳା, ଗାୟକ କେକେ, ପୁନୀତ ରାଜକୁମାର, ରାଜ କୌଶଳ ଏବଂ ରାଜୁ ଶ୍ରୀବାସ୍ତବ ମଧ୍ୟ ହଠାତ୍ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି । ବର୍ତ୍ତମାନ ଆଇସିଏମଆର ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡ଼ିସି) ୧୮ ବର୍ଷରୁ ୪୫ ବର୍ଷ ବୟସ୍କଙ୍କ ମଧ୍ୟରେ ଦେଖାଦେଉଥିବା ଆକସ୍ମିକ ମୃତ୍ୟୁର କାରଣ ଜାଣିବା ପାଇଁ ଅଦ୍ୟୟନ କରୁଛନ୍ତି । ତେବେ ହଠାତ୍ ହୃଦଘାତ ଜନିତ ମୃତ୍ୟୁକୁ କୋଭିଡ୍-୧୯ ଟୀକା ସହ ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ବିବୃତ୍ତିରେ କୁହାଯାଇଛି ଯେ, ଆକସ୍ମିକ ମୃତ୍ୟୁ ଜିନଗତ ଓ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ହେଉଛି ।

## ହଠାତ୍ ଅସୁସ୍ଥ ହୋଇପଡ଼ିଲେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ

ଭୁବନେଶ୍ୱର : ହଠାତ୍ ଅସୁସ୍ଥ ହୋଇପଡ଼ିଲେ ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁ । ବିଏମସି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ରତ୍ନାକର ସାହୁ । ଛାତି ଯନ୍ତ୍ରଣା ଏବଂ ଯେଉଁଠି ଆକ୍ରମଣବେଳେ ଆହତ ହୋଇଥିଲେ ସେହି ଜାଗାରେ ଚିକିତ୍ସା କରାଯାଉଛି । ତଳି ପେଟରେ ବହୁତ ଆଘାତ ଲାଗି ଥିବାରୁ ଅସହ୍ୟ ହୋଇପଡ଼ିଛନ୍ତି ରତ୍ନାକର ସାହୁ । ବିଏମସି କାର୍ଯ୍ୟାଳୟରେ ବସି ଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ତେଣୁ ତାଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ବିଏମସି ହସ୍ପିଟାଲ୍ ନିଆଯାଇଛି । ଅଧିକ ଚିକିତ୍ସା ଆବଶ୍ୟକ ଅଛି ତାଙ୍କର ଆଲଟ୍ରା ସାଉଣ୍ଡ ହେବ । ଛାତି ଯନ୍ତ୍ରଣା ହେଉଥିବାରୁ ତାଙ୍କର ଇସିଜି ଚାଲିଛି । ଅନ୍ୟପଟେ ବିଏମସି ହସ୍ପିଟାଲରେ ସିଏମଏମ୍ ଓ ଅଧିକାରୀ ସମେତ ସମସ୍ତ ଅଧିକାରୀ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ସମର୍ଥନ କରିଛନ୍ତି। ତେଣୁ ସମସ୍ତେ ଏହି ଘଟଣାକୁ ନିନ୍ଦା କରିଛନ୍ତି ବୋଲି କହିଛନ୍ତି ବିଏମସି ହସ୍ପିଟାଲର ସିଏମଏମଓ ।




ଟି ଟାଇମ୍
ପ୍ରଜାତନ୍ତ୍ର



୩.୭.୨୦୨୫

# ଆନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ




ପ୍ଲାଷ୍ଟିକ୍ ବ୍ୟାଗୁଡିକ ଆମ ଦୈନନ୍ଦିନ ଜୀବନର ଏକ ସୁବିଧାଜନକ ଏବଂ ବହୁଳ ଭାବରେ ବ୍ୟବହୃତ ଅଂଶ ହୋଇଯାଇଛି। ଏହା ଏମିତି ଏକ ଅଂଶ ହୋଇଗଲାଣି ଯେ ଏହାକୁ ଆମେ ଛାଡିବାକୁ ଚାହିଁଲେ ବି ଛାଡ଼ି ହେଉନି। ଏହା କିନ୍ତୁ ପରିବେଶ ପ୍ରଦୂଷଣର ଏକ ପ୍ରମୁଖ ଉତ୍ସ ହୋଇଯାଇଛି।ପ୍ଲାଷ୍ଟିକ୍ ବ୍ୟାଗୁଡିକ କ୍ଷୟ ହେବାକୁ ପ୍ରାୟ ୫୦୦ ବର୍ଷ ଲାଗିଯାଏ। ଏନେଇ ଏହା ଉଭୟ ମାଟି ଏବଂ ପାଣିରେ ଜମା ହୋଇ ଇକୋସିଷ୍ଟମ ଏବଂ ସାମୁଦ୍ରିକ ଜୀବ ପାଇଁ କ୍ଷତି ଘଟାଇ ଥାଏ। ଖାଲି ଏତିକି ନୁହେଁ ଏହା ମଧ୍ୟ ଡ୍ରେନେଜ୍ ସିଷ୍ଟମରେ ସମସ୍ୟା ସୃଷ୍ଟି କରୁଛି, ପୁନଃବ୍ୟବହାର ପ୍ରକ୍ରିୟାକୁ ବାଧା ଦେଇ ଜଳପଥକୁ ଦୂଷିତ କରୁଛି। ଏସବୁକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ୦୩ ଜୁଲାଇରେ 'ଆନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ' ପାଳନ କରାଯାଏ। ପ୍ଲାଷ୍ଟିକ୍ ପ୍ରଦୂଷଣ ପ୍ରତି ଶୂନ୍ୟ-ସହନଶୀଳ ଦୃଷ୍ଟିକୋଣକୁ ବଢାଇବା ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୁନଃବ୍ୟବହାର ଏବଂ କମ୍ପୋଷ୍ଟିଂର ଗୁରୁତ୍ୱକୁ ବଢାଇବା ନେଇ ଏହି ଦିନକୁ ଉତ୍ସର୍ଗ କରାଯାଇଛି। ପ୍ଲାଷ୍ଟିକ୍ ବ୍ୟାଗଗୁଡିକର ଇତିହାସ ୧୯୩୦ ଦଶକ ଆରମ୍ଭରୁ ଆରମ୍ଭ ହୋଇଥିଲା, ଯେତେବେଳେ ଇଂଲଣ୍ଡର ନର୍ଥବିଚ୍ରେ ଥିବା ଏକ ରାସାୟନିକ କାରଖାନା ହଠାତ୍ ପଲିଥିନ୍ ସୃଷ୍ଟି କରିଥିଲା। ଏହାର ବ୍ୟବହାର ପ୍ରଥମେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହୋଇଥିଲା। ଏହା ଗୁପ୍ତ ସାମରିକ ଗ୍ଲୋଭସ୍ ତିଆରି କରିବାରେ ବ୍ୟବହୃତ ହୋଇଥିଲା। ୧୯୬୦ ଦଶକରେ ସ୍ୱିଡେନ୍ କମ୍ପାନୀ ସେଲୋପ୍ଲାଷ୍ଟ ଏକ ଖଣ୍ଡ ପଲିଥିନ ସପିଙ୍ଗ୍ ବ୍ୟାଗ ପାଇଁ ପେଟେଣ୍ଟ କରିଥିଲା, ଯାହା ୟୁରୋପରେ କପଡାର ଜାଗା ନେଇଥିଲା। ଜିରୋ ୱେଷ୍ଟ୍ ୟୁରୋପ (ZWE) ସଦସ୍ୟ ରେଜେରୋ ପ୍ରଥମ 'ଆନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ' ଆରମ୍ଭ କରିଥିଲେ, ଯାହା ୦୩ ଜୁଲାଇ ୨୦୦୮ରେ ପାଳନ କରାଯାଇଥିଲା।

# ରକ୍ତଚାପ ନିୟନ୍ତ୍ରଣ କରେ ଗୁଜୁରାତି



ଆପଣ ପ୍ରାୟତଃ ଗୁଜୁରାତିକୁ ଏକ ମସଲା ଭାବରେ ବିଚାର କରିଥିବେ ଯାହା ମିଠା, ଚା କିମ୍ବା ବିରିୟାନୀର ସ୍ୱାଦ ବଢ଼ାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହି ଛୋଟ ଜିନିଷ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଆୟୁର୍ବେଦିକ ଚମତ୍କାରଠାରୁ କମ୍ ନୁହେଁ? ପ୍ରତିଦିନ କେବଳ ଗୋଟିଏ କିମ୍ବା ଦୁଇଟି ଗୁଜୁରାତି ଖାଇବା, ତାହା ମଧ୍ୟ ଖାଲି ପେଟରେ ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ଏପରି ଲାଭ ମିଳିପାରେ, ଯାହା ଆପଣ କ୍ୱଚିତ୍ ଭାବିଥିବେ। ବିଶେଷକରି ଯଦି ଆପଣ ଏହାକୁ ସାତ ଦିନ ପର୍ଯ୍ୟନ୍ତ ଲଗାତାର ଖାଇବେ, ତେବେ ଏହାର ପ୍ରଭାବ ଆପଣଙ୍କ ପାଚନ, ମୁଖ ଦୁର୍ଗନ୍ଧ, ରକ୍ତଚାପ ଏବଂ ତ୍ୱଚାର ଚମକ ଉପରେ ମଧ୍ୟ ଦେଖାଯିବା ଆରମ୍ଭ କରିବ।

ପାଚନ ପ୍ରଣାଳୀ ମଜବୁତ ହେବ- ଗୁଜୁରାତିରେ ଫାଇବର ଏବଂ ଆବଶ୍ୟକୀୟ ତେଲ ମିଳିଥାଏ, ଯାହା ଆପଣଙ୍କ ପାଚନକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାକୁ ୭ ଦିନ ପର୍ଯ୍ୟନ୍ତ ସେବନ କରିବା ଦ୍ୱାରା ଗ୍ୟାସ୍, ବଦହଜମୀ ଏବଂ ଏସିଡିଟି ସମସ୍ୟାରୁ ବହୁତ ମୁକ୍ତି ମିଳିଥାଏ।

ଦୁର୍ଗନ୍ଧରୁ ମୁକ୍ତି- ଯଦି ଆପଣଙ୍କର ପାଟି ଦୁର୍ଗନ୍ଧ ସମସ୍ୟା ରହିଛି, ତେବେ ସବୁଜ ଗୁଜୁରାତି ଏକ ପ୍ରାକୃତିକ ପାଟି ସତେଜକାରୀ ଭାବରେ କାମ କରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ପାଟିରେ ଥିବା ବ୍ୟାକ୍ଟେରିଆକୁ ଦୂର କରି ନିଶ୍ୱାସକୁ ସତେଜ କରିଥାଏ।

ରକ୍ତଚାପ ନିୟନ୍ତ୍ରଣ କରେ- ଗୁଜୁରାତିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥାଏ, ଯାହା ଶରୀରରେ ସୋଡିୟମ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

ଚର୍ମକୁ ପ୍ରାକୃତିକ ଚମକ ପ୍ରଦାନ କରେ- ଗୁଜୁରାତିରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ଚର୍ମରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହାକୁ ସାତ ଦିନ ପର୍ଯ୍ୟନ୍ତ ନିରନ୍ତର ସେବନ କରିବା ଦ୍ୱାରା ଚର୍ମରେ ଏକ ପ୍ରାକୃତିକ ଚମକ ଆସିଥାଏ ଏବଂ ବ୍ରଣ ଭଳି ସମସ୍ୟା ହ୍ରାସ ପାଇଥାଏ।

ଚାପ ହ୍ରାସ କରେ- ଗୁଜୁରାତିର ସୁଗନ୍ଧ ସ୍ନାୟୁତନ୍ତ୍ରକୁ ଶାନ୍ତ କରିଥାଏ। ଏହାର ସେବନ ମନୋଭାବ ଭଲ ରଖେ, ନିଦ ଭଲ କରେ ଏବଂ ମାନସିକ ଚାପ ହ୍ରାସ କରେ।

ଆପଣଙ୍କ ହୃଦୟକୁ ସୁସ୍ଥ ରଖେ- ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁଜୁରାତି ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା କୋଲେଷ୍ଟ୍ରଲକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରେ।

# ନାକଚଣା ଦ୍ୱାର କ'ଣ?



ଶ୍ରୀଗୁଣ୍ଡିଚା ମନ୍ଦିର ପାଚେରିର ସମ୍ମୁଖ ଭାଗରେ ରହିଛି ଦୁଇଟି ଦ୍ୱାର। ଗୋଟିଏ 'ସିଂହଦ୍ୱାର' ଓ ଅନ୍ୟଟି 'ନାକଚଣା ଦ୍ୱାର'। ରଥଯାତ୍ରା ଦିନ ତିନିରଥ ଯାଇ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରଠାରେ ଲାଗେ। ସେଇ ବାଟରେ ଠାକୁରମାନେ ଗୋଟି ପହଣ୍ଡିରେ ଯାଇ ଆଡ଼ପ ମଣ୍ଡପରେ ବିଜେ ହୁଅନ୍ତି। ଏଣୁ ଏହା ଗୁଣ୍ଡିଚା ମନ୍ଦିରର ମୁଖ୍ୟ ପ୍ରବେଶଦ୍ୱାର। କିନ୍ତୁ ଏହି ଦ୍ୱାରର ପୂର୍ବ ପଟକୁ, ଆଉ ଏକ ଦ୍ୱାର ରହିଛି। ଏହା ହେଉଛି, ଗୁଣ୍ଡିଚା ମନ୍ଦିରର ଦ୍ୱିତୀୟ ଦ୍ୱାର। ତିନିରଥ ଦକ୍ଷିଣ ମୋଡ଼ ହୋଇ ଏହି ଦ୍ୱାର ସାମ୍ନାକୁ ଆସିଥାଆନ୍ତି ଏବଂ ଏହି ଦ୍ୱାର ଦେଇ ଧାଡ଼ିପହଣ୍ଡିରେ ଆସି ଠାକୁରମାନେ ବାହୁଡ଼ା ଯାତ୍ରା ପାଇଁ ରଥରେ ବିଜେ ହୁଅନ୍ତି। ଏଣୁ ଏହା ଠାକୁରମାନଙ୍କର ପ୍ରସ୍ଥାନ ଦ୍ୱାର। ଏହାର ଲୋକପ୍ରିୟ ନାମ 'ନାକଚଣା ଦ୍ୱାର'। ଏହି ଦ୍ୱାରର ନାମ 'ନାକଚଣା ଦ୍ୱାର' କିପରି ହେଲା, ସେ ସଂପର୍କରେ କାହାଣୀ, କିମ୍ବଦନ୍ତୀ ଶୁଣିବାକୁ ମିଳେ। ଏହା ମଧ୍ୟରୁ ଗୋଟିଏ କିମ୍ବଦନ୍ତୀ ହେଉଚି, ହେରାପଞ୍ଚମୀ ଦିନ ଦେବୀ ଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ଆସିଥିବା ବେଳେ, ସଂଧ୍ୟାଧୂପର 'ଟେରା' ପଡ଼ିଯିବାରୁ ସେ କ୍ରୋଧାନ୍ୱିତ ହୋଇଥିଲେ। ସେ ସିଂହଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରିଥିଲେ ହେଁ, ରାଗରେ ଦକ୍ଷିଣ ଦ୍ୱାର ଦେଇ ବାହାରି ଯାଇଥିଲେ। ସେହି ବାଟେ ତରତର ହୋଇ ବାହାରି ଯିବାବେଳେ ତାଙ୍କ ନାକରୁ ନାକ ଅଳଙ୍କାରଟି ଖସି ପଡ଼ିଥିଲା। ସେହି ଅଳଙ୍କାର 'ଚଣା' ଆକୃତିର ହୋଇଥିବାରୁ, ତାହାର ସ୍ମୃତିରେ ଦ୍ୱାରର ନାମ 'ନାକଚଣା' ହେଲା। ଅନ୍ୟ ପ୍ରସିଦ୍ଧ କିମ୍ବଦନ୍ତୀଟି ହେଉଛି, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ରାଣୀ ଗୁଣ୍ଡିଚା ନାକରେ ପିନ୍ଧୁଥିବା ସୁନାର 'ନାକଚଣା'ରେ ହୀରା ଖଚିତ ହୋଇଥିଲା। ତେଣୁ ତାହା ବହୁମୂଲ୍ୟ ଥିଲା। ତାହାକୁ ବିକ୍ରୟ କରି ସେହି ଅର୍ଥରେ ଗୁଣ୍ଡିଚା ରାଣୀ ମନ୍ଦିରର ଏହି ଦ୍ୱିତୀୟ ଦ୍ୱାର ନିର୍ମାଣ କରାଇଥିଲେ। ତେଣୁ ତାହା 'ନାକଚଣା ଦ୍ୱାର' ନାମରେ ପ୍ରସିଦ୍ଧ ହେଲା।

# ଆଜିର ରାଶିଫଳ



ମେଷ : ଆଜି ଆପଣଙ୍କୁ ବ୍ୟବସାୟରେ ଟଙ୍କା ମିଳିବ, ଅଧିକ ଖର୍ଚ୍ଚ ହେବ। ଆଜି ଆପଣ ଭୌତିକ ସାମଗ୍ରୀ କିଣା ଏବଂ ବିକା କରିପାରିବେ। ବୈବାହିକ ଜୀବନ ଖୁସି ରହିବ, ଆଜି ଆପଣଙ୍କ ପିଲାମାନେ ଭଲ ପାଠପଢ଼ା କରିବେ। ଆଜି ଆପଣଙ୍କ ଘରକୁ ସମ୍ପର୍କୀୟ ଆସିପାରନ୍ତି। ଆପଣଙ୍କର ଦୈନନ୍ଦିନ କାର୍ଯ୍ୟ ସହିତ ଜଡିତ ସମସ୍ତ କାମ ଭଲ ଭାବରେ କରିବେ।

ବୃଷ : ଆଜି ନୂତନ କାମ ଆରମ୍ଭ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ଶୁଭ ଦିନ। ବ୍ୟବସାୟରେ ଭଲ ଲାଭ ମିଳିବ, ପାରିବାରିକ ପରିବେଶ ସୁଖଦ ରହିବ। ଆଜି ଆପଣ ନିଜ କାମ ପାଇଁ ଅନ୍ୟ ସହରକୁ ଯାତ୍ରା କରିପାରିବେ, ଆଜି ଆପଣ ଜଣେ ବନ୍ଧୁଙ୍କୁ ଭେଟିବେ, କିଛି ପୁରୁଣା ସ୍ମୃତି ତାଜା ହେବ । ଚାକିରିରେ ପଦୋନ୍ନତିର ସୁଯୋଗ ମିଳିବ ।

ମିଥୁନ : ଆପଣଙ୍କ ବୈବାହିକ ଜୀବନରେ କିଛି ନୂତନ ଦାୟିତ୍ୱ ନେବେ। ପିଲାମାନଙ୍କ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହେବାର ଆବଶ୍ୟକତା ନାହିଁ, ଆଜି ସେମାନେ ନିଜର କାମ ଭଲ ଭାବରେ କରିପାରିବେ। ଆଜି ଆପଣଙ୍କୁ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ମିଳିପାରେ।

କର୍କଟ : ଆଜି ଆପଣଙ୍କୁ ବ୍ୟବସାୟରେ ହଠାତ୍ ଏକ ବଡ଼ ଆର୍ଥିକ ଲାଭ ମିଳିବ, ଆପଣଙ୍କୁ ଭୌତିକ ସୁଖ ମିଳିବ। ଯେଉଁ କାମ ପାଇଁ ଆପଣ ବହୁତ ଦିନ ଧରି ଚିନ୍ତିତ ଥିଲେ, ଆଜି ସେହି କାମ ସମାପ୍ତ ହେବ । ଆପଣଙ୍କ ଶ୍ୱଶୁର ଘର ଲୋକଙ୍କଠାରୁ ଶୁଭ ଖବର ମିଳିବ। ଡିଜିଟାଲ ଦୁନିଆରେ ବହୁତ ସଫଳତା ମିଳିବ।

ସିଂହ : ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ଜଡିତ ବ୍ୟକ୍ତିମାନେ ଆଜି ଏକ ବଡ଼ ଫିଲ୍ମ ପାଇଁ ଅଫର ପାଇପାରନ୍ତି। ଯାହା ଯୋଗୁଁ ଆପଣଙ୍କୁ ଅଭିଜ୍ଞ ଲୋକଙ୍କ ସହିତ କାମ କରିବାର ସୁଯୋଗ ମିଳିବ। ବୈବାହିକ ଜୀବନରେ ଉନ୍ନତି ହେବ, ଆପଣଙ୍କୁ ପିଲାମାନଙ୍କର ସମର୍ଥନ ମିଳିବ। ପ୍ରେମୀମାନଙ୍କ ପାଇଁ ଆଜି ଏକ ଭଲ ଦିନ ।

କନ୍ୟା : ଯେଉଁମାନେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ କରୁଛନ୍ତି ସେମାନେ ଆଜି ସେମାନଙ୍କୁ ଧନ ଲାଭ ହେବ। ବୈବାହିକ ଜୀବନ ସୁଖଦ ରହିବ, ପରିବାରର ସମସ୍ତଙ୍କ ସହିତ ସମ୍ପର୍କ ମଧୁର ହେବ। ଆଜି ଆପଣ ଆପଣଙ୍କ ଜୀବନସାଥୀଙ୍କଠାରୁ ଶୁଭ ଖବର ପାଇପାରନ୍ତି। ରାଜନୀତି ସହିତ ଜଡିତ ଲୋକମାନେ ଆଜି ବରିଷ୍ଠ ଲୋକଙ୍କୁ ଭେଟିବାର ସୁଯୋଗ ପାଇବେ।

ତୁଳା : ଆଜି ଆପଣଙ୍କ ପାଇଁ ଏକ ବିଶେଷ ଦିନ ହେବ। ବ୍ୟବସାୟ ଦୃଷ୍ଟିକୋଣରୁ, ଆଜି ଆପଣ ଲାଭଜନକ ସ୍ଥିତିରେ ରହିବେ। ଯେଉଁମାନେ ଏକ ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଆଜି ଏକ ବଡ଼ ପ୍ରସ୍ତାବ ମିଳିବ। ବୈବାହିକ ଜୀବନରେ ମଧୁରତା ରହିବ, ପିଲାମାନଙ୍କଠାରୁ ଖୁସି ଆସିବ। ଅବିବାହିତ ଲୋକଙ୍କ ପାଇଁ ଆଜି ଏକ ଭଲ ପ୍ରସ୍ତାବ ଆସିବ।

ବିଛା : ଯେଉଁମାନେ ସମ୍ପତ୍ତି କାରବାର କରୁଛନ୍ତି ସେମାନେ ଆଜି ଭଲ ଡିଲ୍ ପାଇବେ। ଆଜି ଆପଣ ବନ୍ଧୁମାନଙ୍କ ସହିତ ଭଲ ସମୟ ବିତାଇବେ। ଛାତ୍ରମାନଙ୍କ ପାଇଁ ଆଜି ଭଲ ଦିନ, ସେମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇବେ। ମିଡିଆ ଜଗତ ସହିତ ଜଡିତ ଲୋକମାନେ ଆଜି କିଛ ବଡ଼ ଖବର ଉପରେ କାମ କରିବେ, ଯାହା ଯୋଗୁଁ ସେମାନଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ।

ଧନୁ : ଆଜି ଆପଣଙ୍କୁ ବ୍ୟବସାୟରେ ଭଲ ଟଙ୍କା ମିଳିବ, ଯାହା ଆପଣଙ୍କୁ ବ୍ୟବସାୟରେ ଅଭିବୃଦ୍ଧି ଦେବ। ଜୀବନସାଥୀଙ୍କ ସହିତ ସମ୍ପର୍କ ମଧୁର ହେବ। ଆପଣ ପରିବାର ସହିତ ଭ୍ରମଣ କରିବାକୁ ଯୋଜନା କରିପାରନ୍ତି। ଡିଜିଟାଲ୍ ଜଗତ ସହିତ ଜଡିତ ଲୋକମାନେ ଆଜି ଏକ ନୂତନ ଦିଗ ପାଇବେ, ଯାହା ଯୋଗୁଁ ଆପଣ ସମାଜ ପାଇଁ କିଛି ଭଲ କାମ କରିବେ।

ମକର ରାଶି : ଯେଉଁମାନେ ସେୟାର ବଜାରରେ ନିବେଶ କରୁଛନ୍ତି ସେମାନେ ଆଜି ଦ୍ୱିଗୁଣା ଲାଭ ପାଇବେ। ଆଜି ଆପଣ ଟଙ୍କା କାରବାରରୁ ଦୂରେଇ ରହିବା ଉଚିତ, କୌଣସି ଅଜଣା ବ୍ୟକ୍ତିଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଚାକିରିରେ ଉନ୍ନତିର ନୂତନ ରାସ୍ତା ଖୋଲିବ, ପାରିବାରିକ ବାତାବରଣ ଖୁସିରେ ପରିପୂର୍ଣ୍ଣ ରହିବ।

କୁମ୍ଭ : ବୈବାହିକ ଜୀବନରେ ଖୁସି ରହିବ, ଆପଣଙ୍କ ଜୀବନସାଥୀଙ୍କ ସହିତ ରାତ୍ରୀଭୋଜନ କରିବାକୁ ଯିବେ। ଡାକ୍ତରୀ ଛାତ୍ରମାନେ ଆଜି ଅଭିଜ୍ଞ ଡାକ୍ତରଙ୍କୁ ଭେଟିବାର ସୁଯୋଗ ପାଇବେ। କଳା ଜଗତରେ ସଙ୍ଗୀତ ସହିତ ଜଡିତ ବ୍ୟକ୍ତିମାନେ ଆଜି ଏକ ନୂତନ ପରିଚୟ ପାଇବେ।

ମୀନ : ବ୍ୟବସାୟ ଦୃଷ୍ଟିକୋଣରୁ, ଆଜି ଆପଣଙ୍କ ସ୍ଥିତି ଭଲ ରହିବ। ଆଜି ଆପଣ ଭୌତିକ ସୁବିଧା ପାଇଁ ବହୁତ ଖର୍ଚ୍ଚ କରିପାରନ୍ତି। ଆଜି ଆପଣଙ୍କୁ ସମ୍ପତ୍ତି ମାମଲାରେ କୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିବ। ଆପଣଙ୍କ ଘରେ ଏକ ପୂଜା ଆୟୋଜନ କରିପାରିବେ। ଛାତ୍ରମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ, ଶିକ୍ଷକମାନେ ସେମାନଙ୍କୁ ସମର୍ଥନ କରିବେ।

# ପିଲାର ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ଆପଣାନ୍ତୁ ଏହି ୭ଟି ଟିପ୍ସ



ପିଲାମାନେ ପ୍ରାୟତଃ ଖେଳ, ଟିଭି କିମ୍ବା ମୋବାଇଲରେ ଏତେ ହଜିଯାଆନ୍ତି ଯେ, ସେମାନେ ପାଠପଢ଼ା କିମ୍ବା ଗୁରୁତ୍ୱପୂର୍ଣ୍ଣ ଜିନିଷରେ ଧ୍ୟାନ ଦେଇପାରନ୍ତି ନାହିଁ। କିନ୍ତୁ ପ୍ରତ୍ୟେକ ଥର ଗାଳି ଦେବା କିମ୍ବା ବାଧ କରିବା ଦ୍ୱାରା ପିଲାଟିର ଧ୍ୟାନ କେନ୍ଦ୍ରୀଭୂତ ହୁଏ ନାହିଁ । ପିଲାମାନଙ୍କୁ ମଧ୍ୟ ବୟସ୍କମାନଙ୍କ ପରି ପ୍ରେରଣା ଏବଂ ବୁଦ୍ଧିମାନ ମାର୍ଗଦର୍ଶନ ଆବଶ୍ୟକ । ଧ୍ୟାନ ହରାଇବା ପିଲାମାନଙ୍କ ବୟସର ଏକ ଅଂଶ, କିନ୍ତୁ ସଠିକ୍ ପଦ୍ଧତି ଅବଲମ୍ବନ କରି ଆପଣ ପିଲାକୁ ଉନ୍ନତ କରିପାରିବେ । କାରଣ କେବଳ ଗାଳି ଦେବା କିମ୍ବା ଦଣ୍ଡ ଦେବା ଦ୍ୱାରା ପିଲାଟି ଅଧିକ ଜିଦ୍ଖୋର ହୋଇପାରେ । ଏପରି ପରିସ୍ଥିତିରେ, ଆସନ୍ତୁ ଆମେ ଆଜି ଆପଣଙ୍କୁ ଏପରି ୭ଟି ଟିପ୍ସ କହିବୁ ଯାହା ଦ୍ୱାରା ଆପଣଙ୍କ ପିଲାର ଧ୍ୟାନ ବିଚଳିତ ହେବ ନାହିଁ ।

ପିଲାର ଧ୍ୟାନ ବୃଦ୍ଧି କରିବା ପାଇଁ ଗାଳି ଦେବା ପରିବର୍ତ୍ତେ ତାକୁ ପ୍ରଶଂସା କରନ୍ତୁ । ଏହା ତା'ର ଆତ୍ମବିଶ୍ୱାସକୁ ବୃଦ୍ଧି କରିବ । ପ୍ରତ୍ୟେକ ଥର ପିଲାକୁ ଗାଳି ଦେଲେ କିମ୍ବା ଦଣ୍ଡ ଦେଲେ, ସେ ଉନ୍ନତି କରିବା ପରିବର୍ତ୍ତେ ଅଧିକ ଚିଡ଼ଚିଡ଼ା ହୋଇପାରେ । ବରଂ ଯେତେବେଳେ ସେ ଭଲ କାମ କରେ ସେତେବେଳେ ତାକୁ ପ୍ରଶଂସା କରନ୍ତୁ। ଏହା ପିଲାକୁ ପ୍ରେରଣା ଦିଏ।

ପିଲାର ଧ୍ୟାନ ବୃଦ୍ଧି କରିବା ପାଇଁ ଟିକେ ଧୈର୍ଯ୍ୟ ରଖନ୍ତୁ କାରଣ ପିଲାମାନେ ଧୀରେ ଧୀରେ ଶିଖନ୍ତି । ତେଣୁ ସେମାନେ ପ୍ରେମ ଏବଂ ଧୈର୍ଯ୍ୟ ଦ୍ୱାରା ଭଲ ଭାବରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଶିଖିବେ । ପିଲାମାନେ ତୁରନ୍ତ ସବୁକିଛି ବୁଝିପାରନ୍ତି ନାହିଁ । ସେମାନଙ୍କୁ ବାରମ୍ବାର ଗୋଟିଏ ଜିନିଷ ବିଷୟରେ କହିବା ଦ୍ୱାର କୌଣସି ଲାଭ ହେବନାହିଁ । କେବଳ ପ୍ରେମ ଏବଂ ସମୟ ସହିତ ବୁଝାଇବା ଦ୍ୱାରା ପିଲା ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଶିଖିବ। ଏହା ବ୍ୟତୀତ ପିଲାମାନଙ୍କ ଉପରେ ଚାପ ପକାନ୍ତୁ ନାହିଁ । ଯଦି ଆପଣ ସେମାନଙ୍କୁ ଏକାଥରେ ବହୁତ କାମ ଦିଅନ୍ତି, ତେବେ ପିଲାଟି ଭୟଭୀତ ହୋଇଯିବ। ତେଣୁ ଯଦି ଆପଣ କାମଟିକୁ ଛୋଟ ଛୋଟ ଭାଗରେ ଦିଅନ୍ତି, । ତେବେ ଏହା ସହଜ ମନେ ହେବ ଏବଂ ସେ ସମ୍ପୂର୍ଣ୍ଣ ଏକାଗ୍ରତାର ସହିତ କାମ କରି ପାରିବ। କାମକୁ ଛୋଟ ଛୋଟ ଭାଗରେ ବିଭକ୍ତ କରି, ପିଲାଟି ଗୋଟିଏ ପରେ ଗୋଟିଏ ପୂର୍ଣ୍ଣ ଧ୍ୟାନ ସହିତ କାମ କରିପାରିବ।

ପିଲାର ଧ୍ୟାନ ବୃଦ୍ଧି କରିବା ପାଇଁ, ପିଲାର ପାଠପଢ଼ାକୁ ଆକର୍ଷଣୀୟ ଏବଂ ମଜାଦାର କରନ୍ତୁ। କେବଳ ପିଲାମାନେ ନୁହେଁ ବରଂ ବୟସ୍କମାନେ ମଧ୍ୟ ବିରକ୍ତିକର ଜିନିଷଗୁଡ଼ିକରେ ଧ୍ୟାନ ଦେଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ, ପିଲାମାନଙ୍କର ପାଠପଢ଼ାରେ ଖେଳ, କାହାଣୀ କିମ୍ବା ରଙ୍ଗ ଯୋଡନ୍ତୁ। ଏହା ପାଠ ପଢାକୁ ଅଧିକ ମଜାଦାର କରିବ ଏବଂ ପିଲା ନିଜ ଉପରେ ଧ୍ୟାନ ଦେଇ ଜିନିଷଗୁଡ଼ିକ ଶିଖିବ।

ପିଲାଟିର ପାଠପଢ଼ା ଏବଂ ଧ୍ୟାନ ସହିତ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁସ୍ଥ ଖାଦ୍ୟ। ଯଦି ପିଲାଟି ବାରମ୍ବାର ଜଙ୍କଫୁଡ୍ ଖାଏ, ତେବେ ତା'ର ମସ୍ତିଷ୍କ ଧୀର ରହିବ । ତେଣୁ ପିଲାଟିକୁ ସବୁଜ ପନିପରିବା, ଫଳ, ଅଣ୍ଡା, ଡାଲି ଭଳି ଜିନିଷ ଦିଅ। ଏହା ଦ୍ୱାରା ତା'ର ମସ୍ତିଷ୍କ ଦ୍ରୁତ ଗତିରେ କାମ କରିବ ଏବଂ ତା'ର ଧ୍ୟାନ ମଧ୍ୟ ବୃଦ୍ଧି ହେବ। ପିଲାର ଧ୍ୟାନ କେନ୍ଦ୍ରିତ କରିବା ପାଇଁ ସ୍କ୍ରିନ୍ ସମୟ ନିୟନ୍ତ୍ରଣ କରନ୍ତୁ। ପିଲାମାନଙ୍କୁ ଟିଭି ଏବଂ ମୋବାଇଲ୍ ବ୍ୟବହାରରୁ ସମ୍ପୂର୍ଣ୍ଣ ନିବୃତ୍ତ କରିବା କଷ୍ଟକର । କିନ୍ତୁ ଆପଣ ଏକ ସମୟ ସ୍ଥିର କରିପାରିବେ। ଏହା ସହିତ ସେମାନଙ୍କୁ ବାହାରେ ଖେଳିବା, ପୁସ୍ତକ ପଢିବା କିମ୍ବା କିଛି ଅତିରିକ୍ତ କାର୍ଯ୍ୟକଳାପ କରିବାକୁ ପ୍ରେରଣା ଦିଅନ୍ତୁ।

ଏସବୁ ବ୍ୟତୀତ ପିଲାର ଧ୍ୟାନ ବୃଦ୍ଧି କରିବା ପାଇଁ ସେମାନଙ୍କର ଶୋଇବା ସମୟ ସ୍ଥିର କରନ୍ତୁ। ପିଲାମାନଙ୍କ ପାଇଁ ୯ ରୁ ୧୨ ଘଣ୍ଟା ଶୋଇବା ଆବଶ୍ୟକ। ଯଦି ନିଦ ସମ୍ପୂର୍ଣ୍ଣ ନହୁଏ, ତେବେ ପିଲାଟି ଦିନସାରା ଚିଡ଼ଚିଡ଼ା ରହିବ ଏବଂ କୌଣସି କାମ କରିବାକୁ ଇଚ୍ଛା କରିବ ନାହିଁ । ତେଣୁ ଶୋଇବା ସମୟ ସ୍ଥିର କରନ୍ତୁ । ଯାହା ଦ୍ୱାରା ଠିକ୍ ଭାବରେ ଶୋଇବା ଦ୍ୱାରା ପିଲାଟି ପରଦିନ ଅଧିକ ଧ୍ୟାନ ଦେଇପାରିବ।

# 'ଆଖୋଁ କି ଗୁସ୍ତାଖିୟାଁ' ଜରିଆରେ ଡେବ୍ୟୁ କରିବେ ଶନାୟା

'ଆଖୋଁ କି ଗୁସ୍ତାଖିୟାଁ' ଜରିଆରେ ବଲିଉଡ୍ରେ ଡେବ୍ୟୁ କରିବାକୁ ଯାଉଛନ୍ତି ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର । ଏଥିରେ ସେ ବିକ୍ରାନ୍ତ ମେସିଙ୍କ ଅପୋଜିଟ୍ରେ ସ୍କ୍ରିନ୍ ଶେୟାର କରିଛନ୍ତି । ଫିଲ୍ମରେ ସେ ରୋଲ୍ କେମିତି ପାଇଲେ, ସେ ବିଷୟରେ ଆଲୋଚନା କରିଛନ୍ତି । ସାଧାରଣ ଅଡିସନ୍ ପ୍ରକ୍ରିୟା ମାଧ୍ୟମରେ ତାଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିନାହିଁ, ବରଂ ଭାଗ୍ୟ ତାଙ୍କୁ ଏଠାରେ ପହଞ୍ଚାଇଛି । ଶନାୟା ଫିଲ୍ମରେ ଅଭିନେତ୍ରୀ ହେବାକୁ ଚାହୁଁଥିବା ଜଣେ ଯୁବତୀ (ସବା ଶେରଗିଲ) ଭୂମିକା ନିର୍ବାହ କରିଛନ୍ତି, ଯିଏକି ବିକ୍ରାନ୍ତ ମେସି ନିର୍ବାହ କରିଥିବା ଜାହାନ୍ ବକ୍ସୀ ନାମକ ଜଣେ ମ୍ୟୁଜିସିଆନ୍ ଚରିତ୍ରର ଅପୋଜିଟ୍ରେ ଅଭିନୟ କରିଛନ୍ତି । ଫିଲ୍ମରେ ଉଭୟଙ୍କ ସୃଜନାତ୍ମକ ଯାତ୍ରା ପ୍ରଦର୍ଶିତ ହୋଇଛି । ନିଜ ନିଜ ପାସନ୍କୁ ସେମାନେ ଆବିଷ୍କାର କରିଛନ୍ତି । ଶନାୟା କହିଛନ୍ତି, ଅନ୍ୟ ଏକ ପ୍ରୋଜେକ୍ଟ ପାଇଁ ସେ ଅଡିସନ୍ ଦେଇଥିଲେ । କିନ୍ତୁ ସେଥିରେ ସେ ଫେଲ୍ ହୋଇଥିଲେ । ହେଲେ ସେହି ଅଡିସନ୍କୁ 'ଆଖୋଁ କି ଗୁସ୍ତାଖିୟାଁ'ର କାଷ୍ଟିଂ ଡାଇରେକ୍ଟର ପସନ୍ଦ କରି ଫିଲ୍ମର ନିର୍ଦ୍ଦେଶକ ସନ୍ତୋଷ ସିଂହଙ୍କୁ ତାହା ଦେଖାଇଲେ । ସନ୍ତୋଷ ବି ତାକୁ ପସନ୍ଦ କଲେ । ଶେଷରେ ଫିଲ୍ମରେ ତାଙ୍କୁ କାଷ୍ଟ୍ କରାଗଲା । କିନ୍ତୁ ଏହା ତାଙ୍କ ପାଇଁ ଭଲ ଅନୁଭବ ନ ଥିଲା । ତଥାପି ସେ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କଲେ । ଆସନ୍ତା ୧୧ ତାରିଖରେ 'ଅଖୋଁ କି ଗୁସ୍ତାଖିୟାଁ' ମୁକ୍ତିଲାଭ କରିବ । ଶନାୟାଙ୍କ ଅପ୍କମିଙ୍ଗ ପ୍ରୋଜେକ୍ଟରେ ଅଛି ବିଜୟ ନାମ୍ବିୟାରଙ୍କ ଥ୍ରିଲର୍ ଫିଲ୍ମ 'ତୁ ୟା ମେଁ' । ଏଥିରେ ସେ ଆଦର୍ଶ ଗୌରବଙ୍କ ସହ ନଜର ଆସିବେ । ୨୦୨୬, ଭାଲେନ୍ଟାଇନ୍ସ ଡେ' ଅବସରରେ ଏହା ମୁକ୍ତିଲାଭ କରିବ।



# ଜାମୁକୋଳି ଖାଇବା ପରେ ଖାଆନ୍ତୁନି ଏହି ଜିନିଷ



ପ୍ରାୟତଃ ଲୋକ ଜାମୁକୋଳି ଖାଇବାକୁ ଖୁବ୍ ପସନ୍ଦ କରନ୍ତି। ଏହି ଫଳ ଖାଇବାକୁ ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଜାମୁକୋଳି ଖାଇବା ପରେ, ଏପରି କିଛି ଜିନିଷ ଅଛି ଯାହାକୁ ତୁରନ୍ତ ଖାଇଲେ ଶରୀରରେ ପ୍ରତିକ୍ରିୟା ସୃଷ୍ଟି ହୁଏ? ଏହି ମିଶ୍ରଣ ସ୍ୱାସ୍ଥ୍ୟ ପାଇଁ ବିଷ ଭଳି କାର୍ଯ୍ୟ କରିପାରେ। ଆସନ୍ତୁ ଜାଣିବା ସେହି ଜିନିଷ ଗୁଡିକ ବିଷୟରେ...

କ୍ଷୀର : ଜାମୁକୋଳି ଏବଂ କ୍ଷୀର ଏକାଠି ଖାଇବା ଦ୍ୱାରା ହଜମ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ଉଭୟ ମିଶି ଏସିଡ୍-ବେସ୍ ପ୍ରତିକ୍ରିୟା ସୃଷ୍ଟି କରେ ଯାହା ଗ୍ୟାସ୍, ପେଟ ଯନ୍ତ୍ରଣା ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିପାରେ।

କାକୁଡି : କାକୁଡି ଏବଂ ଜାମୁକୋଳି ଉଭୟର ଥଣ୍ଡା ପ୍ରଭାବ ଥାଏ। ଉଭୟକୁ ଏକାଠି ଖାଇବା ଦ୍ୱାରା ଶରୀରରେ ଥଣ୍ଡା ଆବଶ୍ୟକତାଠାରୁ ଅଧିକ ବଢ଼ିଯାଏ, ଯାହା ଥଣ୍ଡା ଏବଂ ବଦହଜମୀର କାରଣ ହୋଇପାରେ।

ପାଣି : ଜାମୁକୋଳି ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ପାଚନକ୍ରିୟା ବିଗିଡ଼ିପାରେ। ଏହା ପେଟରେ ଗ୍ୟାସ୍ ଏବଂ ବାନ୍ତି ମଧ୍ୟ କରାଇପାରେ। ତେଣୁ ଅତି କମରେ ୩୦ ମିନିଟ୍ ପରେ ପାଣି ପିଅନ୍ତୁ।

ଅଚାର: ଜାମୁକୋଳି ଏବଂ ଅଚାର ଉଭୟ ଖଟା ଏବଂ ଏସିଡିକ୍। ଏମାନଙ୍କୁ ଏକାଠି ଖାଇବା ଦ୍ୱାରା ଏସିଡିଟି, ଛାତି ପୋଡ଼ିବା ଏବଂ ପେଟ ଯନ୍ତ୍ରଣା ହେବାର ସମ୍ଭାବନା ବହୁ ଗୁଣ ବଢ଼ିଯାଏ।

# କ୍ରିସ୍ପି ଚିକେନ୍ ହନି ଚିଲି

**ଆବଶ୍ୟକ ସାମଗ୍ରୀ:** ବୋନ୍ଲେସ୍ ବ୍ରେଷ୍ଟ ପିସ୍ ଚିକେନ୍, କର୍ନଫ୍ଲାୱାର୍, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଲଙ୍କା ଗୁଣ୍ଡ, କଞ୍ଚାଲଙ୍କା, ଅଦା ଓ ରସୁଣ କଟା, ଭୃସୁଙ୍ଗ ପତ୍ର, ଭଜା ରାଶି, ରିଫାଇନ୍ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍କୁ ଭଲଭାବେ ଧୋଇଦେବେ। ପରେ ଏହାକୁ ଛୋଟ ଓ ପତଳା କରି କାଟି ଦିଅନ୍ତୁ। ଏହାପରେ ଚିକେନ୍ରେ ଲେମ୍ବୁରସ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ସ୍ୱାଦ୍ ଅନୁଯାୟୀ ଲୁଣ ପକାଇ ଗୋଳାଇ କିଛି ସମୟ ରଖି ଦିଅନ୍ତୁ। ତା'ପରେ ସେଥିରେ କର୍ନଫ୍ଲୋର ଗୋଳାଇ ଦିଅନ୍ତୁ। ଏବେ ଏକ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଗୋଳା ହୋଇ ରହିଥିବା ଚିକେନ୍କୁ ଗୋଟି ଗୋଟି କରି ଫ୍ରାଏ କରନ୍ତୁ। ଚିକେନ୍ଗୁଡ଼ିକ ସୁନେଲି ରଙ୍ଗ ହେବା ଯାଏ ଫ୍ରାଏ କରନ୍ତୁ ଓ ତା'ପରେ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ଆଉ ଏକ କଡ଼େଇରେ ଅଳ୍ପ ତେଲ ଗରମ କରନ୍ତୁ, ବର୍ତ୍ତମାନ ଏଥିରେ କିଛି ଭୃସୁଙ୍ଗ ପତ୍ର, କଞ୍ଚା ଲଙ୍କା, ରସୁଣ ଓ ଅଦା କଟା ପକାଇ ଭାଜନ୍ତୁ। ଏହାପରେ ଏଥିରେ ଅଳ୍ପ ଟମାଟୋ ସସ୍ ,ମହୁ, କିଛି ଭଜା ରାଶି ଓ ସ୍ୱାଦ ଅନୁଯାୟୀ ଲୁଣ ପକାନ୍ତୁ। ବର୍ତ୍ତମାନ ଏହାକୁ ୫ ମିନିଟ୍ ଫ୍ରାଏ କରି ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କର 'କ୍ରିସ୍ପି ଚିକେନ୍ ହନି ଚିଲି'।



cmyk cmyk cmyk

## ଭୋପାଳରେ କଟକ ସାଂସଦ



ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ୍ କରୁଛନ୍ତି କଟକ ସାଂସଦ ଶ୍ରୀ ମହତାବ



ସାଂସଦ ଶ୍ରୀ ମହତାବଙ୍କୁ ସ୍ୱାଗତ କରୁଛନ୍ତି ତଥ୍ୟ ବିକାଶ ନିର୍ଦ୍ଦେଶକ ଡକ୍ଟର ମହେଶ କୁମାର



ସହଯୋଗୀ କୃଷି ବିପଣନ ପରାମର୍ଶ ଦାତା ଅକ୍ଷୟ ଯାକୁବଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରୁଛନ୍ତି ଶ୍ରୀ ମହତାବ



ସାଂସଦ ଶ୍ରୀ ମହତାବଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଏଏମ୍‌ପିଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଟି. ଭାସ୍କର

## ଧସିଲା ମାଟି ଅତଡା, ଆତଙ୍କିତ ବସ୍ତି ବାସିନ୍ଦା



ଧୂଷୁରୀ, (ପିପିଏସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସାହାସପୁର ପଞ୍ଚାୟତ ଅଧୀନସ୍ଥ ଜଗନ୍ନାଥ ସାହି ଗାଁ ପାଖରେ ପ୍ରବାହିତ ହେଉଥିବା ନଦୀରେ ଅତଡ଼ା ଖସିଛି। ଏହି ନଦୀ ଏବେ ଗାଁ ପାଇଁ ଦୁଃଖ ପାଲଟିଛି। ଗ୍ରାମବାସୀଙ୍କ ନିର୍ମିତ କୋଠା ଘର ଗୁଡିକ ଏବେ ନଦୀ ଗର୍ଭରେ ଲୀନ ହେବା ଭଳି ପରିସ୍ଥିତି ଦେଖା ଦେଇଛି। ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ନିର୍ମିତ ହୋଇଛି ପ୍ରୋଟେକ୍ସନ ୱାଲ। ଅର୍ଦ୍ଧ ନିର୍ମିତ ଏହି ୱାଲ ନିକଟରେ ପ୍ରାୟ ୫୦ ଫୁଟ ଚଉଡାର ମାଟି ଅତଡା ଖସିଛି। ମାଟି ଅତଡା ଖସିବା ପରେ ଗ୍ରାମବାସୀ ମାନେ ଆତଙ୍କିତ ହୋଇ ପଡିଛନ୍ତି। ଆଜି ସକାଳୁ ସକାଳୁ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧର୍ମକୁ ଆଖିଠାର ମାରିବା ଭଳି ଅତଡା ଖସିଥିବା ସ୍ଥାନରେ ବିଭାଗ ବାଉଁଶ ଜାଫର ଦେଇ ବାଲିବସ୍ତା ପ୍ୟାକିଂ କରିବାକୁ ଅଣ୍ଟା ଭିଡିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଏବେ ଲୋକ ଲୋଚନକୁ ଆସିଛି। ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ଏହି ନଦୀ ଦେଇ ପ୍ରବାହିତ ହେବ। ବାଉଁଶ ଜାଫର ଓ ବାଲିବସ୍ତା ଏହି ଗ୍ରାମକୁ କେତେ ସୁରକ୍ଷା ଦେବ ଏ ନେଇ ପ୍ରଶ୍ନ ଉଠିଛି। ପ୍ରୋଟେକ୍ସନ ୱାଲ ନିର୍ମାଣ ବର୍ଷାଦିନ ପୂର୍ବରୁ ଶେଷ ହେବା ଲାଗି ସମୟ ଧାର୍ଯ୍ୟ ହୋଇଥିଲେବି ଏହା କାହିଁକି ଶେଷ ହୋଇନାହିଁ ବୋଲି ଗ୍ରାମବାସୀ ମାନେ ପ୍ରଶ୍ନ କରିଛନ୍ତି। ଏଥି ସହିତ ଏହାର ନିରପେକ୍ଷ ତଦନ୍ତ କରାଯାଇ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସଡିଓ କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ ବର୍ଷା ଲାଗି ରହିବାରୁ ସୁରକ୍ଷା ୱାଲ ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ସେଠାରେ ବାଉଁଶ ଜାଫର କରାଯାଇ ବାଲିବସ୍ତା ଦିଆ ଯାଉଛି। ପରେ ସ୍ଥାୟୀ ପ୍ରୋଟେକ୍ସନ ୱାଲ କରାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

### ବାଲ୍ୟ ବାନ୍ଧବୀ ଅନ୍ୟତ୍ର ବିବାହକୁ ସହଜରେ ଗ୍ରହଣ କରିପାରିଲାନି ପ୍ରେମିକ

# ହୋଟେଲକୁ ଡାକି ୨୦ ଥର ଛୁରି ଭୁସି ହତ୍ୟା

ବ୍ରହ୍ମପୁର(ପିପିଏସ୍): ଯାହାକୁ ପିଲାଟି ଦିନରୁ ଭଲ ପାଉଥିଲା ସେହି ପ୍ରେମିକାକୁ ବିଭତ୍ସ ହତ୍ୟାକଲା ପ୍ରେମିକ । କାରଣ ଅନ୍ୟତ୍ର ବିବାହକୁ ସହଜରେ ଗ୍ରହଣ କରିପାରୁନଥିଲା ପ୍ରେମିକ । ଏଭଳି ଏକ ଘଟଣାକୁ ନେଇ ବ୍ରହ୍ମପୁର ସହର ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରେମିକା ଶରୀରରେ ୧୫ରୁ ଉର୍ଦ୍ଧ୍ୱ ଥର ଛୁରୀ ଭୁଷି ହତ୍ୟା କରିବାପରେ ଥାନାରେ ଆତ୍ମସମର୍ପଣକରି ଜେଲ୍ ଯାଇଛି ପ୍ରେମିକ । ଗିରଫ ପ୍ରେମିକ ହେଲେ ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ଉମାନଗରର ଅଭୟ ମହାରଣା । ମିଳିଥିବା ସୂଚନା ପ୍ରକାରେ ନୂଆବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସ୍‌କୁ ପ୍ରେମିକ ଅଭୟ ନିଜର ପିଲାଦିନର ପ୍ରେମିକା ଲାଞ୍ଜିପଲ୍ଲୀ ଅଞ୍ଚଳର ପ୍ରିୟା ମହାରଣାକୁ ନେଇ ମଙ୍ଗଳବାର ଯାଇଥିଲା । ହୋଟେଲର ୧୧୨ନମ୍ବର ରୁମ୍‌ରେ ପ୍ରଥମେ ବାର୍ତ୍ତାଳପ ପରେ ପ୍ରିୟାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା ଅଭୟ । ଅଭୟ ରୁମ୍‌ରୁ ଯାଇ କିଛି ସମୟପରେ ଅର୍ଥାତ୍

## ପ୍ରେମିକ ଗିରଫ

ଗୋଷାଣୀନୂଆଗାଁ ଥାନାରେ ନିଜ ପ୍ରେମିକା ପ୍ରିୟାକୁ ହତ୍ୟା କରିଥିବା ନେଇ ଖବର ଦେବାପରେ ଗୋଷାଣୀନୂଆଗାଁ ଓ ବୈଦ୍ୟନାଥପୁର ପୁଲିସ୍ ମିଶି ଗେଷ୍ଟ ହାଉସ୍‌କୁ ଆସି ୧୧୨ନମ୍ବର ରୁମ୍‌କୁ ଖୋଲି ରକ୍ତାକ୍ତ ଅବସ୍ଥାରେ ପଡିଥିବା ପ୍ରିୟାଙ୍କୁ ଉଦ୍ଧାରକରି ବଡ ମେଡିକାଲ୍‌କୁ ନେଇଥିଲା । ସେଠାରେ ଡାକ୍ତର ପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ । ପରେ



ଖବରପାଇ ପ୍ରିୟାଙ୍କ ପରିବାର ଲୋକେ ମେଡିକାଲ୍‌ରେ ପହଞ୍ଚିଥିଲେ । ସୂଚନାଥାଉକି, ପ୍ରିୟା ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀରେ ଥିବା ଏକ ଘରୋଇ ହସ୍‌ପିଟାଲରେ ଲ୍ୟାବ୍ ଟେକ୍ନିସିଆନ ଭାବେ କାମ କରୁଥିଲେ । ପ୍ରତିଦିନ ଭଳି ଗତକାଲି ମଧ୍ୟ ହସ୍‌ପିଟାଲ ଯାଉଛି କହି ଘରୁ ବାହାରିଥିଲେ । କିନ୍ତୁ ହସ୍‌ପିଟାଲ ନଯାଇ ପୁଷ୍ପାଞ୍ଜଳି ଗେଷ୍ଟ ହାଉସ୍‌କୁ ନିଜର ପୁରୁଷ ବନ୍ଧୁ ଅଭୟଙ୍କ ସହ ଯାଇଥିଲେ । ସେଠାରେ ଦୁହିଁଙ୍କ ମଧ୍ୟରେ ବାର୍ତ୍ତାଳପରେ ଅଭୟ ପ୍ରିୟାଙ୍କୁ ଛୁରୀ ଭୁଷି ହତ୍ୟା କରିଥିଲେ । ଏହି ଘଟଣାଟି ପ୍ରିୟାଙ୍କ ପରିବାର ଲୋକଙ୍କୁ ଆଘାତ ଦେଇଛି । ପିଲାଦିନର ସାଥି ହେବାସହ ସମ୍ପର୍କୀୟଙ୍କ ସହ ଏଭଳି କିପରି ଘଟଣା ଘଟିଲା ତାହାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ପ୍ରିୟାଙ୍କ ପରିବାର ଲୋକେ । ସେପଟେ ବୁଧବାର ଅଭୟ କିପରି ପ୍ରିୟାଙ୍କୁ ହତ୍ୟାକଲା ତାହାର ଡେମୋ ଦେଖାଇଥିଲା ପୁଲିସ୍‌କୁ । ପୁଲିସ୍ ହୋଟେଲକୁ ଅଭୟକୁ ନେଇ ହତ୍ୟାକାଣ୍ଡ କିପରି ଘଟାଇଲା ସେନେଇ ପଚରା ଉଚୁରା କରିଛି । ପୁଲିସ୍‌କୁ ଅଭୟ ଦେଇଥିବା ସୂଚନା ପ୍ରକାରେ, ପ୍ରିୟା ସହ ପିଲାଦିନୁ ଏକା ଶ୍ରେଣୀରେ ପାଠପଢ଼ି ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପ୍ରିୟା ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ବେଳେ ଅଭୟ ମଧ୍ୟ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । କିଛିଦିନ ପୂର୍ବେ ଅଭୟକୁ ଚାକିରୀରୁ ଛଟେଇ ହୋଇଯାଇଥିଲା । ଏହାପରେ ପ୍ରିୟା ପୂର୍ବ ଅପେକ୍ଷା ଆଉ ଅଭୟକୁ ସମ୍ମାନ ଦେଇନଥିବା ବେଳେ ପ୍ରିୟାଙ୍କ ପାଇଁ ବହୁ ବିବାହ ପ୍ରସ୍ତାବ ମଧ୍ୟ ଆସିଥିଲା । ଏହା ଜାଣିବାପରେ ଅଭୟ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରିୟାଙ୍କୁ ଗେଷ୍ଟ ହାଉସ୍‌କୁ ଡାକି ହତ୍ୟା କରିଥିବା ପ୍ରିୟାଙ୍କ ପରିବାର ଲୋକେ କହିଛନ୍ତି । ଅଭୟ ହତ୍ୟା କରିବାପରେ ବିଜିପୁର ବନ୍ଧରେ ପ୍ରମାଣ ନଷ୍ଟ କରିବା ପାଇଁ ଉଭୟଙ୍କ ମୋବାଇଲ୍ ଫୋନ୍‌କୁ ଫିଙ୍ଗି ଦେଇଥିବା ନେଇ ପୁଲିସ୍‌କୁ କହିଥିଲା । ପୋଖରୀରୁ ପୁଲିସ୍ ମୋବାଇଲ୍ ଫୋନ୍ ଉଦ୍ଧାର କରିଛି । ସନ୍ଧ୍ୟାରେ ଅଭୟଙ୍କୁ ବୈଦ୍ୟନାଥପୁର ପୁଲିସ୍ ହତ୍ୟା ମାମଲା ରୁଜୁକରି କୋର୍ଟଚାଲାଣ କରିଛି ।

### ବିଏମ୍‌ସି ଘର ଟିକସ ବୃଦ୍ଧି ପ୍ରସଙ୍ଗ

## ପୁଣି ରହିତାଦେଶ ଜାରିକଲେ ହାଇକୋର୍ଟ



ବ୍ରହ୍ମପୁର (ପିପିଏସ୍): ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବରେ ଅହେତୁକ ଘର ପାନୁ ବୃଦ୍ଧିକୁ ଯେଉଁପରି ଭାବରେ ମହାନଗର ନିଗମ କର୍ତ୍ତୃପକ୍ଷ ବ୍ରହ୍ମପୁରବାସୀଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦେଇଥିଲେ ତାହାରି ବିରୁଦ୍ଧରେ ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ, ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ୨୦୨୧ମସିହାରେ ଏହା ବିରୁଦ୍ଧରେ ମହାନଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ବେଆଇନ ଘରପାନୁ ବୃଦ୍ଧି ବିରୁଦ୍ଧରେ ଓଡ଼ିଶାର ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁପି(ସି) ନଂ-୧୧୨୯୦/୨୦୨୧ରେ ଆଇନଜୀବୀ ଶ୍ରୀ ପଣ୍ଡା ଏକ ମକଦ୍ଦମା ରୁଜୁ କରିଥିଲେ । ଉକ୍ତ ମକଦ୍ଦମାକୁ ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରଥମେ ରହିତାଦେଶ ଜାରୀ କରି ବର୍ଦ୍ଧିତ ଘରପାନୁ ଆଦାୟ ଉପରେ ରୋକ ଲଗାଇଥିଲେ। ପରବର୍ତ୍ତି ସମୟରେ ଚୂଡ଼ାନ୍ତ ଆଦେଶରେ ମାନ୍ୟବର ଅଦାଲତ ମହାନଗର ନିଗମକୁ ୪ମାସ ମଧ୍ୟରେ କାଉନସିଲ ବୈଠକ ଡାକି ଘରପାନୁ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ମହାନଗର ନିଗମ ବେଆଇନ୍ ଘର ଟିକସ ବୃଦ୍ଧିକୁ ଯଥାର୍ଥ ପ୍ରତିପାଦନ କରି ଘରପାନୁ ବୃଦ୍ଧି ଠିକ୍ ବୋଲି ନିଷ୍ପତ୍ତି ଗ୍ରହଣ କଲେ। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଆଇନଜୀବୀ ପୀତବାସ ପଣ୍ଡା ମହାନଗର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହୋଇ ପୁଣି ଡବ୍ଲ୍ୟୁପି(ସି) ୮୭୮୪/୨୦୨୫ ପ୍ରକାରେ ବେଆଇନ୍ ଘର ଟିକସ ବୃଦ୍ଧିକୁ ପୁଣି ବିରୋଧ କରି ମାନ୍ୟବର ଅଦାଲତରେ ମହାନଗର ନିଗମର ନିଷ୍ପତିକୁ ଚ୍ୟାଲେଞ୍ଜ୍ କରିଥିଲେ। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଣି ବର୍ଦ୍ଧିତ ଘରପାନୁ ବୃଦ୍ଧିକୁ ରୋକ୍ ଲଗାଇବା ସହ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅହେତୁକ ଘର ଟିକସ ବୃଦ୍ଧିର କାରଣ କ'ଣ ବୋଲି ନୋଟିସ୍ ଜାରୀ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୦ମସିହାରେ ମହାନଗର ନିଗମ ଯେତେବେଳେ ଘର ଟିକସ ବୃଦ୍ଧି କରିଥିଲେ ସେତେବେଳେ ଜନଶୁଣାଣି କରିନାହାନ୍ତି କିମ୍ବା କାଉନସିଲ୍‌ର ଅନୁମତି ନେଇ ନଥିଲେ । ଏଥିପାଇଁ କୌଣସି ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିନଥିଲେ । ଉକ୍ତ ମକଦ୍ଦମାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ସିଦ୍ଧାର୍ଥ ପାଢ଼ୀ ପରିଚାଳନା କରୁଛନ୍ତି।


cmyk cmyk cmyk

cmyk cmyk cmyk



# ସମୂହ ଛୁଟିରେ ଗଲେ ଓଏଏସ୍ ଅଧିକାରୀ



କେନ୍ଦ୍ରାପଡ଼ା, (ପିପିଏସ୍)): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରି କେନ୍ଦ୍ରାପଡ଼ା ଜିଲାରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା ଏବଂ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ସେମାନେ ଏଥିରେ ଦର୍ଶାଇଛନ୍ତି ଯେ ଜଣେ ଓଏଏସ୍ ଅଧିକାରୀଙ୍କୁ କାର୍ଯ୍ୟରତ ସମୟରେ ତାଙ୍କ କାର୍ଯ୍ୟାଳୟରେ ତାଙ୍କୁ ଯେଉଁଭଳି ଅମାନୁଷିକ ଭାବେ ସଂଗବଦ୍ଧ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣା ରାଜ୍ୟରେ କାର୍ଯ୍ୟରତ ସମସ୍ତ ଓଏଏସ୍ ଅଧିକାରୀଙ୍କୁ ବେଶ ଆଘାତ ପହଞ୍ଚାଇଛି। ଏହିଭଳି ଅମାନୁଷିକ ଆକ୍ରମଣ କୌଣସି କାର୍ଯ୍ୟସ୍ଥଳୀରେ ଗ୍ରହଣୀୟ ନୁହେଁ। ଏହା ଜଣେ ଅଧିକାରୀଙ୍କ ଉପରେ ଯେ ଆକ୍ରମଣ ତାହା ନୁହେଁ ଏହା ସମଗ୍ର ପ୍ରଶାସନିକ ବ୍ୟବସ୍ଥା ଉପରେ ଆକ୍ରମଣ। ପୂର୍ବରୁ ମଧ୍ୟ କାର୍ଯ୍ୟରତ ଓଏଏସ୍ ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଛି।

ଏହା କାର୍ଯ୍ୟରତ ଅଧିକାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଦ୍ୱାରା ଅଧିକାରୀମାନେ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟ କରିବା ପାଇଁ ହତୋତ୍ସାହିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ସଂଘ ପକ୍ଷରୁ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ଏହି ଆକ୍ରମଣରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ହୋଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ କୁମାର ନାୟକ, ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଗରଦପୁର ତହସିଲଦାର ତୃପ୍ତି ଦାଶ, ବିଡିଓ ଗରଦପୁର ଆଲୋକ କୁମାର ସେଠୀ, ବିଡିଓ ଆଳି ଅବିନାଶ ସେଠୀ, ଡେପୁଟୀ କଲେକ୍ଟର ରବି ନାରାୟଣ ଆଚାର୍ଯ୍ୟ, କେନ୍ଦ୍ରାପଡ଼ା ଅତିରିକ୍ତ ତହସିଲଦାର କୁମୁଦିନୀ ଜେନାଙ୍କ ସମେତ ଜିଲ୍ଲାର ୨୯ ଜଣ ଓଏଏସ ଓ ଓଆରଏସ୍ ଅଧିକାରୀ ଉପସ୍ଥିତ ଥିଲେ।

# ଗୌରାଙ୍ଗପୁରରେ ଶ୍ରୀଚୈତନ୍ୟଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ପୂଜନ

ଧାମନଗର (ପିପିଏସ୍): ଜାଗତିକ ଦୃଷ୍ଟିରେ ଶ୍ରୀଚୈତନ୍ୟ ଦେବ ସମଗ୍ର ବିଶ୍ୱର ଏକ ବିସ୍ମୟ ବ୍ୟକ୍ତିତ୍ୱ। ପରମାର୍ଥିକ ଦୃଷ୍ଟିରେ ଜଣେ ଧର୍ମ ସଂସ୍କାରକ ଭକ୍ତି ଧାରାର ବଡ଼ ଆରାଧ୍ୟ ଓ ବୈଷ୍ଣବ ରୂପେ ଜଣା ଯାଉଥିଲେ ମଧ୍ୟ ସେ ଥିଲେ ସନାତନ ଧର୍ମର ଅଧିଦେବତା। ଅନେକ ତାଙ୍କୁ ବିଷ୍ଣୁଙ୍କ ଅବତାର ବୋଲି କହନ୍ତି। ବାଲ୍ୟକାଳରୁ ଶ୍ରୀକୃଷ୍ଣଙ୍କ ଭକ୍ତ ଭାବରେ ନିମାଇ ଶ୍ରୀଚୈତନ୍ୟ ରାଧା କୃଷ୍ଣଙ୍କ ଅମର ପ୍ରେମ ଭାବର ପ୍ରଚାର ସହିତ ବୈଷ୍ଣବ ଧର୍ମର ପ୍ରଚାରକ ଥିଲେ। ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ଶ୍ରୀରାଧା ଓ କୃଷ୍ଣଙ୍କ ଦର୍ଶନ ପାଉଥିବା ଶ୍ରୀ ଚୈତନ୍ୟ ବହୁବାର ନବଦ୍ୱୀପରୁ ପୁରୀ ସଙ୍କୀର୍ତ୍ତନ ଯାତ୍ରା କରିଥିଲେ। ବିଭିନ୍ନ ଜାତି ଓ ଧର୍ମର ଲୋକେ ତାଙ୍କ ଅଲୌକିକ ଦିବ୍ୟ ବାଣୀ ଶ୍ରବଣ ପୂର୍ବକ ତାଙ୍କ ଶରଣ ନେବାସହ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ। ଚୈତନ୍ୟଙ୍କ ଭାବଗତ ଆଦର୍ଶରେ ଅନୁପ୍ରାଣିତ ହୋଇ ଧାମନଗର ବ୍ଲକ ଅନ୍ତର୍ଗତ ସୋହୋଡ଼ା ଗ୍ରାମ ପଞ୍ଚାୟତ ଜୟଚିରା ଗ୍ରାମର ଚୌହାନ ବଂଶୀୟ କ୍ଷତ୍ରିୟ ବଂଶଧର ମହାପାତ୍ର ବୈଷ୍ଣବ ଧର୍ମ ସହ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ପରେ ଗୋସ୍ୱାମୀ ସାଜିଥିବା ପାଉଥିଲେ। ନିଜ ପ୍ରିୟ ଶିଷ୍ୟର ଅନୁରୋଧ କ୍ରମେ ପାଖାପାଖି ୧୫୦୯ କିମ୍ବା ୧୫୧୦ ମସିହା ବେଳକୁ ଶ୍ରୀଚୈତନ୍ୟ ଏହି ବାଟେ ଯାଜପୁର ଦେଇ ପୁରୀ ଯିବାବେଳେ ଜୟଚିରା ଗ୍ରାମ ନିକଟରେ ଏକ ନିମ୍ବ ଗଛକୁ ଡେରିହୋଇ ବିଶ୍ରାମ କରିଥିଲେ। ଜୀବନର ଶେଷ ୨୪ ବର୍ଷ ପୁରୀରେ ଅବସ୍ଥାନ କରି ୧୫୩୪ ମସିହାରେ କୃଷ୍ଣନାମ ସଙ୍କୀର୍ତ୍ତନ ସମୟରେ ଶ୍ରୀଜଗନ୍ନାଥଙ୍କ ଠାରେ ଲୀନ ହୋଇଯାଇ ଥିଲେ।

ଶ୍ରୀଚୈତନ୍ୟଙ୍କ ପରମଗତି ପ୍ରାପ୍ତ ପରେ ଆଜକୁ ପାଞ୍ଚ ଶହ ବର୍ଷ ପୂର୍ବେ ସେ ବସିଥିବା ନିମ୍ବ ଦାରୁରେ ତାଙ୍କ ପୂର୍ଣ୍ଣାବୟବ ବିଗ୍ରହ ନିର୍ମାଣ କରାଯାଇ ଏହି ଗ୍ରାମରେ ସ୍ଥାପିତ କରାଯାଇ ଥିଲା। ସେହି ଦିନୁ ଏହି ଗ୍ରାମ ଗୌରାଙ୍ଗପୁର ନାମରେ ଖ୍ୟାତ। ଠାକୁର ସେବାରି ଅଂଶୀଦାର ମାନେ ଦୈନିକ ଦୁଇ ଜନି ଅନ୍ନ, ବ୍ୟଞ୍ଜନ ଓ ସକାଳେ ବାଲ୍ୟଭୋଗ ସହ ନିତିକାନ୍ତି, ବୈଶାଖ ମାସ ଦହି ପଖାଳ, କାର୍ତ୍ତିକ ମାସ ବଡ଼ଭୋଗ ଏବଂ ପାର୍ବଣ ପୂଜା ପାଇଁ ବ୍ରହ୍ମଣ ସେବକ ନିଯୁକ୍ତ କରି ନିଜର ଇଷ୍ଟ ରୂପେ ଭାବ ଓ ଭକ୍ତିର ସହ ସେବା ଯୋଗାଇ ଆସୁଥିଲେ। ଦୀର୍ଘ ବର୍ଷ ହେବ ସ୍ଥାପିତ ସହ ପୂଜା ପାଇ ଆସୁଥିବା ଶ୍ରୀଚୈତନ୍ୟଙ୍କ ଦାରୁ ନିର୍ମିତ ବିଗ୍ରହ ଅବକ୍ଷୟ ଅବସ୍ଥାରେ। ଏଣୁ ନୂତନ ମୂର୍ତ୍ତି ନିର୍ମାଣ ପାଇଁ ମନ୍ଦିର (ମଠ) ପକ୍ଷରୁ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଦାରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା ବରଦା ପ୍ରସନ୍ନ ମହାପାତ୍ରଙ୍କୁ ସ୍ୱପ୍ନାଦେଶ ପରେ କୋରକୋରା ଗ୍ରାମର ଦିଗମ୍ବର ସାମଲଙ୍କ ବାଡ଼ିରେ ୨୦୦ ରୁ ଉର୍ଦ୍ଧ ବର୍ଷର ନିମ୍ବ ଦାରୁ ଚିହ୍ନଟ ସହ ପୂଜାରୁ ମହାରଣା ଆସି ଦେଖିଥିଲେ। ଗତ ତେରୋ ପଞ୍ଚମୀ ତିଥିରେ ଏହି ବୃକ୍ଷକୁ ଘଣ୍ଟ ଘଣ୍ଟା ଓ ହରିବୋଲ ହୁଳହୁଳି ଧ୍ୱନିରେ ଶହ ଶହ ଶ୍ରଦ୍ଧାଳୁଙ୍କ ଗହଣରେ ପୂଜାପାଠ କରାଯାଇ ଛେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରଦିନ କାଠୁରିଆଙ୍କ ସହାୟତାରେ ଏହି ବୃକ୍ଷ କଟାଯାଇ ମନ୍ଦିର ନିକଟକୁ ନିଆଯାଇ ଥିଲା। ବାହୁଡ଼ାଯାତ୍ରା ପରେ ପୁରାରୁ ଏହି ଦାରୁ ନିଆଯାଇ ଶ୍ରୀଚୈତନ୍ୟଙ୍କ ନୂତନ ବିଗ୍ରହ ନିର୍ମାଣ ସହ ଆସନ୍ତା ଦୋଳ ପୂର୍ଣ୍ଣିମା (ଶ୍ରୀ ଚୈତନ୍ୟଙ୍କ ଜନ୍ମୋତ୍ସବ) ରେ ପ୍ରତିଷ୍ଠା କରାଯିବ। ସେବକ ବଂଶଧର ବରଦା ପ୍ରସାଦ ମହାପାତ୍ର ଓ କଳାଧାରୀ ମହାପାତ୍ର ଅଞ୍ଚାମାଳ ସହ ସଂକଳ୍ପ କାର୍ଯ୍ୟ କରିଥିବା ବେଳେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଧରଣୀଧର ମହାପାତ୍ର, ବ୍ରହ୍ମାନନ୍ଦ ମହାପାତ୍ର, ଅନୁପମ ମହାପାତ୍ର, ମମତା ମହାପାତ୍ର, ସନ୍ତୋଷ ଦାଶ ଅଧିକାରୀ, ଖଗେଶ୍ୱର ଦାସ, ରଘୁନାଥ ଦାସ, ପ୍ରମୋଦ ଦାସ, ଦଶରଥ ଦାସ, ଦେବାଶିଷ ସାମଲ ପ୍ରମୁଖ ଦିବ୍ୟ ସହଯୋଗ କରିଥିଲେ।

# ଗୋଚର ଜମି ଦଖଲକୁ ନେଇ ଉତ୍ତେଜନା: ଉଚ୍ଚନ୍ୟାୟାଳୟରେ ମାମଲା



ଗୋଚର ଜମିକୁ ଜନୈକ ବ୍ୟକ୍ତିଙ୍କୁ ପ୍ରଦାନ କରିବାକୁ ସୁପାରିଶ କରାଯାଇ ଥିବା ଅଭିଯୋଗ କରି ଚାରିଛକ ଅଞ୍ଚଳର ଜନସାଧାରଣଙ୍କ ତରଫରୁ ୬ ଜଣ ବ୍ୟକ୍ତି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଛନ୍ତି। ଡବ୍ଲୁପିସି ନମ୍ବର ୧୨୩୬୪/ ୨୦୨୫। ଉକ୍ତ ଜମିର କିସମ ଦେଖି ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ନ୍ୟାୟାଳୟରେ ସେମାନେ ଅନୁରୋଧ କରିଛନ୍ତି। ଯଦି

ଚାରିଛକ, (ପିପିଏସ୍): ପୁରୀ ଜିଲ୍ଲା ନିମାପଡା ତହସିଲ ଅଧିନସ୍ଥ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିକଟସ୍ଥ ଭୋଦର, କଳାପାଞ୍ଚଣ, ତୁଳସୀପୁର, ଛଣିଙ୍ଗ, ଡମାଳ, ବାଗାଲୋ ପ୍ରଭୃତି ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରାଆନ୍ତି। କାକଟପୁର, ଅସ୍ତରଙ୍ଗ, ନୟାହାଟ ଅଞ୍ଚଳର ରୋଗୀମାନଙ୍କ ୧୦୮ ଆମ୍ବୁଲାନ୍ସ ପ୍ରଥମେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥାନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଚର ଜମିକୁ ଜୈନିକ ବ୍ୟକ୍ତି ଜବରଦଖଲ କରି ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଚୀର ନିର୍ମାଣ ରେ ସମସ୍ୟା ସୃଷ୍ଟି ହେଉଛି। ଏହି ଜମିଟି ବ୍ରହ୍ମକୁଣ୍ଡି ମୌଜା ଖାତା ନମ୍ବର ୨୭୫ ପ୍ଲଟ ନମ୍ବର ୫୬୯ରେ ୨ ୩୯. ଡିସିମିଲ ଗୋଚର କିସମ ଅଟେ। ଏହି ଜମି ଉପରେ ଚାରିଛକ ଡାକ୍ତରଖାନା ଓ ଥାନା ଅବସ୍ଥିତ। ଚକବନ୍ଦିର ଜଣେ ପୂର୍ବତନ ଅମିନ ଉକ୍ତ ପ୍ଲଟ କୁ ସରକାରୀମାନ ତଦନ୍ତ କରିବାକୁ ନ ଆସି ବିପୁଳ ପରିମାଣ ର ଅର୍ଥ ନେଇ ଗୋଚର ପ୍ଲଟଟିକୁ ଉକ୍ତ ବ୍ୟକ୍ତିଙ୍କ ନାମରେ କରିବାକୁ ସୁପାରିଶ କରିଥିଲେ ବୋଲି ଚକବନ୍ଦୀ ନିର୍ଦ୍ଦେଶନାମାରୁ ଜଣାପଡିଛି।

ସେହିପରି ପୂର୍ବତନ ଚକବନ୍ଦୀ ଅଧିକାରୀ ସାବକ ଓ ହାଲ ଖାତାର କିସମକୁ ନ ଦେଖି ନିର୍ଦ୍ଦେଶ ନାମା ଦେଇଥିଲେ। ଯାହା ସମସ୍ତଙ୍କୁ ଚକିତ କରିଛି।ସେହି ଜମିରେ ଭୋଦର ଗ୍ରାମ ପଂଚାୟତ ଓ ନିମାପଡା ପଂଚାୟତ ସମିତି ପକ୍ଷରୁ ମାଟି ପୋତା ଯାଇଛି। ଚକବନ୍ଦୀ ପକ୍ଷରୁ ବେଆଇନ ଭାବେ ଗୋଚର ପ୍ଲଟକୁ ଉକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଏ ତେବେ ଏ ଅଞ୍ଚଳରେ ଥିବା ସମସ୍ତ ଗୋଚର ଜମିକୁ ଅନ୍ୟ ବ୍ୟକ୍ତିମାନେ ଦଖଲ କରିବା ଆରମ୍ଭ କରିବେ। ଉକ୍ତ ଗୋଚର ଜମି ଉଦ୍ଧାର ଲାଗି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ନିମାପଡା ତହସିଲ ଓ ଚକବନ୍ଦି କାର୍ଯ୍ୟାଳୟରେ ଟଙ୍କା ଦେଲେ ସବୁ ସମ୍ଭବ ହୋଇପାରୁଛି ବୋଲି ସିଆଇ ନେତା କୃଷ୍ଣ ଚନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି। ଚାରିଛକ ଅଞ୍ଚଳର ଶାନ୍ତିକ ବୁଦ୍ଧିଜୀବୀ, ସଚେତନ ନାଗରିକ ରାଜ୍ୟ ମୁଖ୍ୟମନ୍ତ୍ରୀ, ପୁରୀ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରି ଉକ୍ତ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ: ଇତିହାସ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା



କଟକ: ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଚନ୍ଦନା ମହାନ୍ତି, କୃଷ୍ଣା ମହାନ୍ତି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ସମାଜ ଗଠନରେ ସହାୟକ ହେବାକୁ କହିଥିଲେ। ୨୦୨୨-୨୫ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଉପହାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମଟିକୁ ବିଶ୍ୱଜ୍ୟୋତି, କେ. ଅଖିଳା, ଜୟଶ୍ରୀ, ରାକେଶ, ବିଶ୍ୱଜିତ, ରାହୁଲ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବନ ମହୋତ୍ସବ ସପ୍ତାହ



ଚୌଦ୍ୱାର, (ପିପିଏସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦା ସ୍ଥିତ ଉତ୍କଳ ଇଣ୍ଟରନେସନାଲ ସ୍କୁଲରେ ୭୬ତମ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ।ଡାଲିଜୋଡା ବନାଞ୍ଚଳ ବିଭାଗ ସୌଜନ୍ୟରେ 'ଏକ୍ ପେଡ ମା କେ ନାମ' ଶୀର୍ଷକ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ବ୍ୟାପକ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଶ ପ୍ରସାଦ ଦେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିପିଏମ ଫାଣ୍ଡି ଅଧିକାରୀ ନିରଞ୍ଜନ ଭୋଇ,.ଚୌଦ୍ୱାର ବନପାଳ ଭଗବାନ ପଲେଇ, ସାମାଜିକକର୍ମୀ ଲକ୍ଷଣ ରାଉତ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ଚାରା ରୋପଣ କରିବା ସହିତ ଲଗାଯାଇଥିବା ଚାରା ଗୁଡିକର କିପରି ଯତ୍ନ ନିଆଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ପରିବେଶ ନିୟନ୍ତ୍ରଣରେ ବୃକ୍ଷ ରୋପଣର ଆବଶ୍ୟକତାଉପରେ ବନପାଳ ଶ୍ରୀ ପଲେଇ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଶିକ୍ଷୟିତ୍ରୀ ପ୍ରୀୟଦର୍ଶିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୬୧ ଗ୍ରାମ ଧଳା ଜହର ଜବତ, ଜଣେ ଗିରଫ


## ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍ ସୁଗର ଜବତ ■ ଅଭିଯୁକ୍ତକୁ ଧରିଲା ଅବକାରୀ ବିଭାଗ



ଅସ୍ତରଙ୍ଗ (ପିପିଏସ): ପୁରୀ ଜିଲ୍ଲା ନିମାପଡା ଅବକାରୀ ଟିମ୍ କାକଟପୁର ଅଂଚଳରୁ ଏକ ଧଳା ଜହର ବ୍ୟବସାୟୀଙ୍କୁ ଗିରଫ କରିଛି। ୬ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ଟିମ୍ ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଭବାନୀ ଶଙ୍କର ପଣ୍ଡା।ତାଙ୍କ ନିକଟରୁ ୬୧ଗ୍ରାମର ଧଳାଜହର ଜବତ କରିଛି ଅବକାରୀ ବିଭାଗ।

ବିଶେଷ ସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲ ଙ୍କ ନିର୍ଦ୍ଦେଶ କ୍ରମେ ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ନାରାୟଣ ବେହେରା ଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ପୂର୍ବାହ୍ନରେ କାକଟପୁର ଥାନା ଠାରୁ ଅଳ୍ପ କିଛି ଦୂରରେ ଅବସ୍ଥିତ ଶ୍ରୀସାଇ ହସ୍ପିଟାଲ ନିକଟରେ ଚଢ଼ାଉ କରି ଭବାନୀ ଶଙ୍କର ପଣ୍ଡା (୨୭)ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୬୧ଗ୍ରାମ ବ୍ରାଉନସୁଗାର ଜବତ କରାଯାଇ ନିମାପଡା ଅବକାରୀ ଥାନା କେଶ ନଂ -୬୧/ ୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାର କୁ ପଠାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ପ୍ରାୟ ୬ଲକ୍ଷ ୧୦ହଜାର ଟଙ୍କାରୁ ଉର୍ଦ୍ଧ ହେବ। ଏହି ଚଢ଼ାଉରେ ଅବକାରୀ ଥାନା ଏ ଏସ ଆଇ ସନ୍ତୋଷ ମହାରଣା, କର୍ମଚାରୀ ତପନ ପ୍ରଧାନ, ସବିତା ସାହୁ, ଜନ୍ମଜୟ, ସୁକାନ୍ତ କୁମାର ଜେନା ପ୍ରମୁଖ ସାମିଲ ଥିଲେ। ଏତେ ପରିମାଣରେ ଜବତ ହେବା ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି। ଧରା ପଡ଼ିଥିବା ଅଭିଯୁକ୍ତ ମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପାରାଦୀପରେ ରାସାୟନିକ ଓ ଶିଳ୍ପ ଅପାତକାଳୀନ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ



ପାରାଦୀପ (ପିପିଏସ୍): ଓଡ଼ିଶା ରାଜ୍ୟ ଆପାତକାଳୀନ ପରିଚାଳନା କର୍ତ୍ତୃପକ୍ଷ ଓ ଜଗତସିଂହପୁର ଜିଲ୍ଲା ଆପାତକାଳୀନ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମଙ୍ଗଳବାର ଦିନ ପାରାଦୀପ ରେ ଏକ ଉଚ୍ଚ ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ରାସାୟନିକ ଓ ଶିଳ୍ପ ଆପାତକାଳୀନ ବ୍ୟବସ୍ଥା ପ୍ରସ୍ତୁତିକୁ ବୃଦ୍ଧି କରିବା ଓ ବିପଦ ହ୍ରାସ କୌଶଳକୁ ଶକ୍ତିଶାଳୀ କରିବା। ପାରାଦୀପ ଶିଳ୍ପ ଅଞ୍ଚଳରେ ଅନେକ ଜଟିଳ ଓ ବିପଦଜନକ କାରଖାନା ଥିବାରୁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଜଗତସିଂହପୁର ଜିଲ୍ଲପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଓସଡ଼ମା ସିବି ନିର୍ବାହୀ ନିର୍ଦ୍ଦେଶକ କମଲ ଲୋଚନ ମିଶ୍ର, ମହାପ୍ରବନ୍ଧକ ମଳୟ କୁମାର ପ୍ରଧାନ ଓ ସୁନୀଲ କୁମାର ସାହୁ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି. କେ. ମହାପାତ୍ର, ଫ୍ୟାକ୍ଟ୍ରି ଆଣ୍ଡ ବଏଲର କଟକ ଶାଖା ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପ ଆଞ୍ଚଳିକ ସହ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ୍ରାଫ, ଅଗ୍ନିଶମ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ, ଆଇଓସିଏଲ, ଇଫକୋ, ପିପିଏଲ, ବିପିସିଏଲ, ଏଚପିସିଏଲ, ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରତିନିଧି ମାନେ ଯୋଗ ଦେଇ ଆପାତକାଳୀନ ପରିସ୍ଥିତିରେ କିପରି ମୁକାବିଲା କରିହେବ ସେ ସମ୍ପର୍କିତ ଆଲୋଚନା କରିଥିଲେ।

# ବଡ଼ଭାଇ ଆକ୍ରମଣରେ ସାନଭାଇ ଗୁରୁତର

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ପୌରପାଳିକା ଗୁପ୍ତେଶ୍ୱର ସାହିରେ ଏକ ପରିବାରରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ବଡ଼ ଭାଇ ଆକ୍ରମଣରେ ସାନଭାଇ ଗୁରୁତର ହୋଇଥିବା ଜଣା ପଡ଼ିଛି ।ସାନ ଭାଇର ଅଭିଯୋଗ କ୍ରମେ ପୋଲିସ ବଡ଼ଭାଇ ଗୁପ୍ତେଶ୍ୱର ସାହିର ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶଯେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଲିଙ୍ଗରାଜ ଓ ତାଙ୍କ ସାନଭାଇ ଜଗବନ୍ଧୁଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଉତ୍ୟକ୍ତ ଲିଙ୍ଗରାଜ ଏକ କାଠ ଫାଳିଆରେ ଜଗବନ୍ଧୁଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଜଗବନ୍ଧୁଙ୍କ ମୁଣ୍ଡଫାଟି ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ଘର ତାଲା ଭାଙ୍ଗି ଟଙ୍କା ଓ ଅଳଙ୍କାର ଲୁଟ୍

ଚାରିଛକ, (ପିପିଏସ): ଚାରିଛକ ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ରବୀନ୍ଦ୍ର ନାଥ କରଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଗହଣା ଲୁଟି ନେଇଥିବା ପୁଲିସରେ ଅଭିଯୋଗ ହୋଇଛି। ରବୀନ୍ଦ୍ର ଘରେ ତାଲା ପକାଇ ପରିବାର ସହ ଭୁବନେଶ୍ୱର ଯାଇଥିଲେ। ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଦ୍ୱାରା ମୁହଁ ଗ୍ରିଲ ଓ ଘର କବାଟର ତାଲା ଭାଙ୍ଗି ଶୋଇବା ଘର ଭିତରେ ଥିବା ଷ୍ଟିଲ ଆଲମିରାରୁ ନଗଦ ୯୦ ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟ୍ କରି ନେଇ ଥିବା ରବୀନ୍ଦ୍ରଙ୍କ ପୁଅ ସନ୍ତୋଷ ପୁଲିସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଚାରିଛକ ଥାନା ଏ ଏସ ଆଇ କୈଳାସ ପ୍ରଧାନ ଓ ସବିତା କୁମାରୀ ଦେବୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲେ। ପୁରୀରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ଆସି ଲୁଟ୍ ଘଟଣାର ତଦନ୍ତ କରିଛି। କିନ୍ତୁ ଲୁଟେରାଙ୍କ ସନ୍ଧାନ ପାଇବାରେ ପୋଲିସ ବିଫଳ ହୋଇଛି।

# ରାଜ୍ୟସ୍ତରୀୟ ଦାସକାଠିଆ କଳାକାର ସମାବେଶ ଓ ଆଲୋଚନାଚକ୍ର



ବ୍ରହ୍ମପୁର(ପିପିଏସ୍): କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ'ର ୨ଦିନିଆ ବାର୍ଷିକୋତ୍ସବ ପାଳନ ଅବସରରେ ସ୍ଥାନୀୟ ଗିରି ମାର୍କେଟ ଛକସ୍ଥିତ ପ୍ରକାଶମ୍ ହାଲ୍ ଆନ୍ଧ୍ର ଭାଷା ବିବର୍ଦ୍ଧିନି ସମାଜମ୍ ସଭା କକ୍ଷ ଠାରେ ରାଜ୍ୟସ୍ତରୀୟ ଦାସକାଠିଆ ସମାବେଶ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୋକ କଳା ଦାସକାଠିଆ ନୃତ୍ୟ ଅବକ୍ଷୟମୁଖୀତାର କାରଣ ଓ ନିରାକରଣ ଶୀର୍ଷକ ଆଲୋଚନା ଚକ୍ରକୁ ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ମୋହନ ପତି ଶୁଭ ଉଦ୍‌ଘାଟନ କରି ଉଭୟ କଳା ଓ କଳାକାରଙ୍କ ହୀତ ନିମନ୍ତେ ସମର୍ପିତ ସଂଘର ଭୂୟସୀ ପ୍ରଶଂସା କରିଥିଲେ। ନାଟ୍ୟକାର ଉମାଶଙ୍କର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମାନରେ ପ୍ରାଜ୍ଞ ସଂସ୍କୃତି ଗବେଷକ ଡଃ.ବାୟାମନୁ ଚର୍ଚ୍ଚି ମୁଖ୍ୟ ଅତିଥି ଏବଂ ବରିଷ୍ଠ ସାରସ୍ୱତ ସାଧକ ଡଃ.ବିଜୟ ଚନ୍ଦ୍ର ମହାରଣା, ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘ ସଭାପତି ବାଳକୃଷ୍ଣ ମିଶ୍ର, ଉପସଭାପତି ସୁରେନ୍ଦ୍ରନାଥ ଦାଶ ଶର୍ମା, ଗାୟକ ରାମଚନ୍ଦ୍ର ସାହୁ, ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

ଆଲୋଚନା ଚକ୍ରର ନିର୍ଯ୍ୟାସ ସରକାରଙ୍କ ଦୃଷ୍ଟି ଆକର୍ଷଣ ମାଧ୍ୟମରେ ଦାସକାଠିଆ ନୃତ୍ୟର ବିକାଶ ଓ ରକ୍ଷଣାବେକ୍ଷଣ ଦାବି ଉପସ୍ଥାପନ ନେଇ ସ୍ଥିର କରାଗଲା। ସଂଘ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଗାୟକ ସୁରେନ୍ଦ୍ର ନାଥ ଦାଶ ଶର୍ମା, ଯୋଗୀନ୍ଦ୍ର ବେହେରା, ପଞ୍ଚାନନ ଦାଶ, ସାରଥୀ ପଣ୍ଡା, ଗଣପତି ସେଠୀ, ଶ୍ରୀଧର ରଥ ଓ ପାଲିଆ କଳାକାର ଗଣେଶ ଦାଶ, ରବି ଗୌଡ଼, ଭଗବାନ ସାହୁ, ଉଲ୍ଲାସ ପଣ୍ଡା, ଏସ୍.ମାର୍କଣ୍ଡ ପାତ୍ର, ଜଗନ୍ନାଥ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶଙ୍କର୍ଷଣ ସାବତ, ପ୍ରଦୀପ କୁମାର ସାହୁ, ମୃତ୍ୟୁଞ୍ଜୟ ତ୍ରିପାଠୀ, ବଳଦେବ ସାହୁ, ଚିତ୍ତରଞ୍ଜନ ଦଳାଇ, ଅଭିମନ୍ୟୁ ରାଉଳ, ସୁଦାମ ପଟ୍ଟନାୟକ, ପି.ଶିବ ପ୍ରସାଦ ରାଓ ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତର୍ଯ୍ୟାତିକ ସମବାୟ ବର୍ଷ ୨୦୨୫ ପାଳନ ଓ କର୍ମଶାଳା




କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଆନୁକୁଲ୍ୟରେ ଆନ୍ତର୍ଯ୍ୟାତିକ ସମବାୟ ବର୍ଷ ୨୦୨୫ ସଭାଗୃହରେ ପାଳନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରାପଡା ଉପନିବନ୍ଧକ ସମବାୟ ସମିତି ସମୂହଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ. ପ୍ରଭଞ୍ଜନ କବି ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମଣ୍ଡଳ, ପାଟକୁରା ଶାଖା ପରିଚାଳକ ଦୁର୍ଗା ମାଧବ ନନ୍ଦ ଉପସ୍ଥିତ ରହି ଏନସିଇଏଲ, ଏନସିଓଏଲ, ବିବିଏସଏସଏଲ, ଏଟିଏଲ, ସିଏସଇ, ପ୍ରଧାନମନ୍ତ୍ରୀ ଫସଲବିମା ବିଷୟରେ ଆଲୋକପାତ କରିଥିଲେ । ହରେ କୃଷ୍ଣ ରାଇସ ପ୍ରୋସେସିନ ଏକ୍ସପୋର୍ଟ ତରଫରୁ ସଂଗ୍ରାମ କର ଓ ତାଙ୍କ ସହକର୍ମୀ ଉପସ୍ଥିତ ରହି ଜୈବିକ ସାର ଉପକାରିତା ଓ ପ୍ରୟୋଗ ସମ୍ବନ୍ଧରେ ପ୍ରାଥମିକ ସମବାୟ ସମିତି କୃଷି ସମ୍ପାଦକ ମାନଙ୍କୁ ବୁଝାଇଥିଲେ। ଉପନିବନ୍ଧକ ପ୍ରଭାକର ନାୟକ ଓ ସହକାରୀ ନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ ଉପସ୍ଥିତ ରହି ସମବାୟର ସୁଦୂର ପ୍ରସାରୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ । ଉପନିବନ୍ଧକ ଓ ସହକାରୀ ନିବନ୍ଧକ କାର୍ଯ୍ୟାଳୟର କର୍ମଚାରୀମାନେ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ । ବିନୟ ରଞ୍ଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳା ଆୟୋଜନ ପୂର୍ବରୁ ସ୍ୱଚ୍ଛଭାରତ ଅଭିଯାନର ସଂଦେଶ ପୂର୍ବକ ନିୟନ୍ତ୍ରୀତ ବଜାର କମିଟି ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା (ପିପିଏସ୍): ନିକଟସ୍ଥ ଢୋଲ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମା'ମଙ୍ଗଳା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ରଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିର୍ମଳଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଜଳସମ୍ପଦ ବିଭାଗର ପ୍ରାକ୍ତନ ଉପ ନିର୍ଦ୍ଦେଶକ ନିହାର ରଂଜନ ମଲ୍ଲିକ, ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସହ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ରଂଜନ କୁମାର ରାଉତରାୟ, ଅନ୍ନପୂର୍ଣ୍ଣା ପଣ୍ଡା, ଦେବଦତ୍ତ ଶତପଥି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ,ସଭାପତି ଶ୍ରୀଯୁକ୍ତ ଅଶୋକ କୁମାର ସାହୁ, ମା'ମଙ୍ଗଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଂଜନ କୁମାର ରାଉତ, ଶିକ୍ଷକ ଶ୍ରୀଯୁକ୍ତ ଭାଗିରଥି ମହାନ୍ତି ସିଆରସିସି ମହମ୍ମଦ ଗୟାସୁଦ୍ଦିନ ଶ୍ରୀଯୁକ୍ତ ମିଶ୍ରଙ୍କର ଶିକ୍ଷକ ଓ ଶିକ୍ଷାଦାନ କ୍ଷେତ୍ରରେ ଅନେକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏଥିସହ ସିଆରସିସି ମହମ୍ମଦ ଅଜଗର ଅଲ୍ଲି ,କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ସାହୁ, ଚିରଞ୍ଜନ ରାଉତ୍, ବଟକୃଷ୍ଣ ସାମଲ, ଗଙ୍ଗାଧର ମହାପାତ୍ର, ରବିନ୍ଦ୍ରନ୍ନାଥ ମହାପାତ୍ର, ଶିକ୍ଷକ ଅନିରୁଦ୍ଧ ପାତ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନ୍ତର୍ଗତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ମା' ମଙ୍ଗଳା ଉପ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଗ୍ରାମବାସୀ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଓ ସମସ୍ତ ଛାତ୍ର ଛାତ୍ରୀ ଓଅନ୍ୟମାନେ ଉପସ୍ଥିତ ରହି ଶ୍ରୀଯୁକ୍ତ ମିଶ୍ରଙ୍କର ଅନେକ ଗୁଣ ଗାନ ଓ ମାନପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀବିଷ୍ଣୁ ଚରଣ ସାମଲ ସଂଯୋଜନା କରିଥିଲେ।

# ଏନ୍‌ୟୁଏଚ୍‌ଏମ୍‌ରେ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ



ବ୍ରହ୍ମପୁର(ପିପିଏସ୍): ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରି ଆସୁଥିଲେ ସୁଧା କେତେକ କ୍ଷେତ୍ରରେ ଏହାର ସୁଫଳ ମିଳୁଥିବା ବେଳେ କେତେକ ସ୍ଥାନରେ ପରିଚାଳନାଗତ ତ୍ରୁଟି ଯୋଗୁଁ ସାଧାରଣରେ ନିନ୍ଦିତ ହେବାକୁ ପଡୁଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟସବାକୁ ଅଧିକ ପ୍ରାଧାନ୍ୟ ଦେଇ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟସେବାକୁ କାର୍ଯ୍ୟକ୍ଷମ କରି ଆସୁଛନ୍ତି। ସଂପ୍ରତି ବିଏମ୍‌ସିରେ ୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ୭ଟି ଆରୋଗ୍ୟ ମନ୍ଦିର ରହିଛି। ତେବେ ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କିଭଳି ସହରବାସୀଙ୍କୁ ସେବା ଯୋଗାଇ ଦିଆଯାଉଛି ସେନେଇ ବୁଧବାର କମିସନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଏସ୍.ଏନ୍.ରୋଡସ୍ଥିତ ରେଡକ୍ରସ ଏନ୍‌ୟୁଏଚ୍‌ଏମ୍‌କୁ ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ସେଠାରୁ ଆସ୍କା ରୋଡ ଏନୟୁଏଚଏମ୍ ଏବଂ ତୁଳସୀନଗର ଆରୋଗ୍ୟ ମନ୍ଦିର ବୁଲି ଅନୁଧ୍ୟାନ କରିଥିଲେ। ଯଦିଓ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସଠିକ ଭାବେ ସ୍ୱାସ୍ଥ୍ୟସେବା ଜାରୀ ରହିଛି କିନ୍ତୁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ ହେଉଥିବା ଯୋଗୁଁ ଏହାର ସମୟ ସାରଣୀକୁ ନେଇ ଆଲୋଚନା କରି ଅତିଶୀଘ୍ର ଦିନ ତମାମ କିପରି ସ୍ୱାସ୍ଥ୍ୟସେବା ସହରବାସୀଙ୍କୁ ଯୋଗାଇ ଦିଆଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ସଂପ୍ରତି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଦନ୍ତ, ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି, ଫିଜିଓଥେରାପି ଓ ଯୋଗ ଭଳି କେତେକ ରୋଗର ଚିକିତ୍ସା କରାଯାଉଛି। ତାହା ପୁଣି ପ୍ରତ୍ୟେକ ଦିନ ନୁହଁ। ସପ୍ତାହକୁ ଥରେ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା କରାଯାଉଛି। ଏନେଇ କମିସନର କ୍ଷୋଭ ପ୍ରକାଶ କରିବା ସହ ଅତି କମରେ ସପ୍ତାହକୁ ଦୁଇଥର ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା ସେବା ଜାରୀ ରହିବ ଏବଂ ସଂପ୍ରତି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସମେତ ୬୫ପ୍ରକାର ନମୁନାର ପରୀକ୍ଷା କରାଯାଉଛି। ସରକାରଙ୍କ ପକ୍ଷରୁ ଏ ସମସ୍ତ ସେବା ମାଗଣାରେ ଯୋଗାଇ ଦିଆଯାଉଥିବା ବେଳେ ଔଷଧ ମଧ୍ୟ ସଠିକ୍ ଭାବେ ପ୍ରଦାନ କରାଯାଉଛି। ଏତେସବୁ ସୁବିଧା ଥିବା ସତ୍ତ୍ୱେ ସହରବାସୀ କାହିଁକି ସିଟି ହସ୍‌ପିଟାଲ ଓ ବଡମେଡିକାଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସେଦିଗରେ କମିଶନର ଗୁରୁତ୍ୱାରୋପ କରିବା ସହ ତୁରନ୍ତ ଏନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସହରାବାସୀଙ୍କୁ ଅଧିକରୁ ଅଧିକ ଉନ୍ନତ ସେବା ଦେଇ କିପରି ଏନ୍‌ଏଚ୍‌ୟୁଏମ୍ ଗୁଡିକ ପ୍ରତି ଆସ୍ଥା ଭାଜନ ହେବେ ସେ ଦିଗରେ ଆଲୋଚନା କରି କାର୍ଯ୍ୟ କରିବାକୁ କମିସନର ଶ୍ରୀ ରାଜସିର୍କେ ପରାମର୍ଶ ଦେଇଥିଲେ। ଏହାଛଡା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଭିତ୍ତିଭୂମି ଥିଲେ ସୁଧା ତାହାକୁ ସଦୁପଯୋଗ କରାଯାଇପାରୁନି ସେଦିଗରେ ଗୁରୁତ୍ୱଦେଇ ସମସ୍ତ ପ୍ରକାର ଚିକିତ୍ସା କିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଉପଲବ୍ଧ ହେବ ସେନେଇ ଆଗାମୀ ଦିନରେ କାର୍ଯ୍ୟ କରିବା ସହ ୧୫ଦିନ ମଧ୍ୟରେ ସହରର ସମସ୍ତ ୧୫ଟି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି କହିଛନ୍ତି ବିଏମ୍‌ସିର ଏନଏଚ୍‌ଏମ୍ ପରିଚାଳକ ଲମ୍ବୋଦର ଦିଗାଲ। ଆଲୋଚନା ସମୀକ୍ଷା ପରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ସେବା ବିଷୟରେ ଜନସାଧାରଣଙ୍କୁ ଜଣାଇବା ପାଇଁ ଲାଇଫ୍ ବୋର୍ଡ ଡିସ୍‌ପ୍ଲେ ଲଗାଇବା, ଫିଜିଓଥେରାପି ଓ ଯୋଗା ଉପରେ ଗୁରୁତ୍ୱଦେବା, ଗାଈ ଓ କୁକୁର ନ ପଶିବା ପାଇଁ ପଦକ୍ଷେପ ନେବା, ଡିଜିଟାଲ ଇସିଜି, ଏକ୍ସରେ ଉପଲବ୍ଧ କରିବା ସହ ବର୍ଷାଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏହାସହ ଭିଟାବିନ୍ ଔଷଧ ଦେବା ଓ ପରୀକ୍ଷା ଉପରେ ଗୁରୁତ୍ୱଦେବାକୁ କହିଥିଲେ । ରେଡକ୍ରସ୍ ଚିକିତ୍ସାଳୟରେ ରାତ୍ରଜଗୁଆଳ, ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠାକୁ ଭାଙ୍ଗିବା, ସଠିକ୍ ଢ଼ଙ୍ଗରେ ଜଳ ଯୋଗାଣ ଆଦି ଉପରେ ଗୁରୁତ୍ୱଦେବାକୁ କୁହାଯାଇଥିଲା । ସେହିପରି ୩ଟି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଓ ଏହାର ସମାଧାନ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କମିଶନର ସୂଚନା ଦେଇଛନ୍ତି ।

cmyk cmyk cmyk

# ଦୁର୍ଘଟଣାରେ ୨ମୃତ, ୧ଗୁରୁତର

ଚମ୍ପୁଆ, (ହି.ସ.) : ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥ ତଡୁଆବାହାଳ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ଯୁବକ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ପୂର୍ବାହ୍ନ ପ୍ରାୟ ୧୦ ଘଟିକା ସମୟରେ ତଡୁଆବାହାଳ ନିକଟରେ ଏକ ଅଜଣା ଟ୍ରକ ସ୍କୁଟିକୁ ପଛପଟୁ ଧକ୍କା ଦେବାରୁ ଦୁଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଯୋଡ଼ା ଥାନା ବିଲେଇପଦା କାରଣସାହିର ଜଗନ୍ନାଥ ମଲ୍ଲିକଙ୍କ ପୁଅ ନିରଞ୍ଜନ ମଲ୍ଲିକ (୩୩) ଓ ଦାମପୁର ଅଂଚଳର ଶିରିଶ ମହାକୁଡଙ୍କ ପୁଅ ସଚିନ ମହାକୁଡ଼ (୧୯)। ଟ୍ରକ ଚଢିଯିବାରୁ ଘଟଣା ସ୍ଥଳରେ ହିଁ ଦୁଇ ଜଣଙ୍କ ଶୋଚନୀୟ ଭାବରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କଣ୍ଡରା ଅଞ୍ଚଳର ମୁନା ମହାକୁଡ଼ଙ୍କୁ ଉଦ୍ଧାର କରାଯାଇ ଚମ୍ପୁଆ ମେଡିକାଲରେ ଭର୍ତି କରାଯାଇଥିଲା କିନ୍ତୁ ତାଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକଟି ସେଠାରୁ ଫେରାର ହୋଇଯାଇଛି। ଏହି ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଚାପା ଉତେଜନା ଦେଖାଦେଇଥିବା ବେଳେ ଚମ୍ପୁଆ ପୁଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନକଲେ ଜିଲ୍ଲାପାଳ

ଜୟପୁର, (ହି.ସ.)-ଜୟପୁର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି କୋରାପୁଟ ଜିଲ୍ଲାପାଳ ଭି କିର୍ତିଭାସନ । ଜିଲାପାଳଙ୍କ ସହ ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି , ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ, ପୌର ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ବର୍ତମାନ ଏହି ବିଦ୍ୟାଳୟ ଏକ ଅସ୍ଥାୟୀ କ୍ୟାମ୍ପସରେ ଆରମ୍ଭ ହୋଇଛି । ପ୍ରଥମ ଠାରୁ ପଞ୍ଚମ ଯାଏ ଶ୍ରେଣି ରହିଛି । ଜୁଲାଇରେ ପାଠ ପଢା ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟକୁ ଜଗନ୍ନାଥ ସାଗର ନିକଟରେ ୮ ଏକର ଜମି ଦିଆଯାଇଛି । ସେହି ଜମିକୁ ମଧ ପରିଦର୍ଶନ କରିଥିଲେ ଜିଲାପାଳ । କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ପଣ୍ଡାଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ନାମ ଲେଖା ଜାରି ରହିଥିବା ଜିଲାପାଳ ସୂଚନା ଦେଇଥିଲେ ।

# ସୁନାବେଶରେ ଦର୍ଶନଦେଲେ ମା’ ତାରିଣୀ

କେନ୍ଦୁଝର, (ହି.ସ.) : ହେରା ପଂଚମୀ। ପଂଚମୀରେ ସଙ୍କଟ ତାରିଣୀଙ୍କ ପୂଜା ହୋଇଥାଏ। ମହିଳାମାନେ ପରିବାରର ସୁଖ ଶାନ୍ତି ପାଇଁ ଏହି ବ୍ରତ ବାନ୍ଧିଥାନ୍ତି। ଏହି ଅବସରରେ ଜିଲ୍ଲାର ଆରାଧ୍ୟା ଦେବୀ ମା ତାରିଣୀଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି। ଏହି ବ୍ରତ ପାଇଁ ମା’ ସୁନାବେଶରେ ଦର୍ଶନ ଦେଉଥିବା ବେଳେ ଭକ୍ତ ମା ଙ୍କ ବେଶ ଦେଖି ବେଶ ଆନନ୍ଦ ଲାଭ କରିଛନ୍ତି। ଏହି ବେଶ ଦେଖିବା ସହ ବ୍ରତ ବାନ୍ଧିବା ପାଇଁ ମା ତାରିଣୀ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

# ଲେଫ୍ରିପଡ଼ା ବ୍ଲକ୍‌ରେ ଜନଶୁଣାଣି



## ୭୦ଗୋଟି ଅଭିଯୋଗ

ସୁନ୍ଦରଗଡ଼,(ପିପିଏସ୍) : ଜିଲ୍ଲା ପ୍ରଶାସନ ପକ୍ଷରୁ ଲେଫ୍ରିପଡ଼ା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୭୦ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୪୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେହି ମଧ୍ୟରୁ ୭ ଗୋଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ଯେଉଁଥିରେ କି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ମଧ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଲେଫ୍ରିପଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନିଶା ସାମଗ୍ରୀ ଜବତ, ୪ଗିରଫ

ସମ୍ବଲପୁର, (ହି.ସ.) : ସମ୍ବଲପୁର ସହରର ଅଇଁଠାପାଲି ଥାନା ପୋଲିସ ନିଶା ସାମଗ୍ରୀ ବିକ୍ରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଏକ ବାଇକ, ୪ଟି ମୋବାଇଲ ଫୋନ, ୨ହଜାର୪୦୦ଟଙ୍କା, ୧୫୦ଟି କଫସିରପ ଭର୍ତି ବୋତଲ, ୩୦ଟି ଖୋଲା କଫସିରପ ଭର୍ତ୍ତି ବୋତଲ , ୧୦ଲିଟର ଅପମିଶ୍ରିତ କଫ୍‌ସିରପ୍, ୨ଟି ପତା ନିଶା ବଟିକା, ୧୧ଟି ବ୍ୟବହୃତ ଗ୍ଲାସ ଓ ୨୭ଟି ଅବ୍ୟବହୃତ ଗ୍ଲାସ ଏବଂ ୩ଟି ବ୍ୟାଗ ଜବତ ହୋଇଛି । ଏନେଇ ୧୮୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ସିଂଘପାଲି ଫୁଟବଲ ପଡିଆରେ ନିଶା ସାମଗ୍ରୀ ବିକ୍ରି ହେଉଥିବା ପୋଲିସ ପାଟ୍ରୋଲିଂ ବେଳେ ଦେଖି ଚଢଉ କରିଥିଲା । ଚଢଉ ବେଳେ ମାନେଶ୍ୱର ଙ୍କଟେଇପାଲି ଗ୍ରାମର ସୋମନାଥ ପ୍ରଧାନ(୩୪), ମହମ୍ମଦ ସୋନୁ(୩୧), ଦିନବନ୍ଧୁ ନାଏକ(୨୭) ଓ ଚନ୍ଦ୍ରଶେଖର କୁମ୍ଭାର(୨୪)ଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ଉପରୋକ୍ତ ନିଶା ସାମଗ୍ରୀ ଜବତ ହୋଇଛି ।

# ୨୭ରେ ଗଡ଼ିବ ସ୍ୱତନ୍ତ୍ର ଭାରତଗୌରବ ଟ୍ରେନ୍

ରାଉରକେଲା(ପିପିଏସ୍) : ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର। ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ଚଳିତମାସର ଆସନ୍ତା ୨୭ରେ ଗଡ଼ିବ ସ୍ୱତନ୍ତ୍ର ଭାରତଗୌରବ ଟ୍ରେନ୍। ୧୨ ଦିନରେ ଦକ୍ଷିଣ ଭାରତର ପ୍ରମୁଖ ତୀର୍ଥସ୍ଥଳ ଯାତ୍ରା କରିବ। ଟ୍ରେନ୍ ୧୧ ରାତି ଓ ୧୨ ଦିନରେ ଦକ୍ଷିଣଭାରତର ପ୍ରମୁଖ ତୀର୍ଥସ୍ଥଳ ତିରୁପତି, ରାମେଶ୍ୱରମ୍, ମଦୁରାଇ, କନ୍ୟାକୁମାରୀ ଓ ମଲ୍ଲିକାର୍ଜୁନ ଭ୍ରମଣ କରିବ। ଟ୍ରେନ୍ ୨୭ ଜୁଲାଇରେ ଭାଗଲପୁର ଷ୍ଟେସନ ଛାଡ଼ିବ। ଅଗଷ୍ଟ ୭ରେ ପୁଣି ଭାଗଲପୁର ଷ୍ଟେସନରେ ପହଞ୍ଚିବ। ଗାଡ଼ି ଜସଡିହି, ମଧୁପୁର, ବାରାକର, ଧାନବାଦ, ବୋକୋରୋ ଷ୍ଟିଲ୍‌ସିଟି, ମୁରି, ରାଞ୍ଚି, ରାଉରକେଲା, ଝାରସୁଗୁଡ଼ା, ଚମ୍ପା, ବିଳାସପୁର, ରାୟପୁର ଓ ଦୁର୍ଗ ଷ୍ଟେସନରେ ରହିବ। ଓଡ଼ିଶା, ଛତିଶଗଡ, ଝାଡ଼ଖଣ୍ଡ ଓ ବିହାରର ତୀର୍ଥଯାତ୍ରୀ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟମୂଲ୍ୟରେ ଏସବୁ ପ୍ରମୁଖ ତୀର୍ଥସ୍ଥଳ ବୁଲିବାର ସୁଯୋଗ ପାଇପାରିବେ ବୋଲି ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

# ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା
## ବଲାଙ୍ଗିରରେ ପ୍ରଶାସନିକ ସେବା କର୍ମଚାରୀଙ୍କ ଆନ୍ଦୋଳନ

ବଲାଙ୍ଗିର, (ହି.ସ.)- ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ଆଜି ବଲାଙ୍ଗିର ଓଡ଼ିଶା ପ୍ରଶାସନିକ ସେବା ଓ ଓଡ଼ିଶା ରାଜସ୍ୱ ସେବା ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି। ଜିଲ୍ଲା ସଂଘ ସଭାପତି ତଥା ଏଡିଏମ ପବିତ୍ର ବେହେରାଙ୍କ ଅଧକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରତିବାଦ ସଭା କରାଯାଇ କାର୍ଯ୍ୟରତ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି । ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ସଂଘ ଦାବି କରିବା ସହ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସାଲଓ୍ୱାରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ସଭାରେ ବଲାଙ୍ଗୀର ଜିଲାର ସମସ୍ତ ଓଏଏସ ଓ ଓଆରଏସ ଯୋଗଦାନ କରିଥିଲେ। ସଭାରେ ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦାନ କରିଥିଲେ।

# ୭୬ତମ ବନସପ୍ତାହ

କେନ୍ଦୁଝର, (ହି.ସ.): ୭୬ ତମ ବନ ସପ୍ତାହ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସପ୍ତାହ ପାଳନ କରାଯାଉଥିବାବେଳେ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଘଟଗାଁ ରେଞ୍ଜ ଆୟୋଜନରେ ଘଟଗାଁ ତାରିଣୀ ମନ୍ଦିର ପରିସରରେ ବନ ସପ୍ତାହ ପାଳନ ହୋଇଛି। ଏହି ସପ୍ତାହ ଅବସରରେ ଘଟଗାଁ ରେଞ୍ଜର ସରୋଜ ମିଶ୍ର, ତହସିଲଦାର ଚାରୂଲତା ସିଂ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ସରପଂଚ ରିମାଲତା ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମନ୍ଦିର ବରିଷ୍ଠ ପୂଜକ ରବିନାରାୟଣ ଦେହୁରୀ ପୂଜାର୍ଚ୍ଚନା କରିଥିବା ବେଳେ ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକ ଓ ବନ କର୍ମଚାରୀ ମାନେ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ସପ୍ତାହ ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଯୌନ ଅପରାଧରୁ ପିଲାଙ୍କୁ ସୁରକ୍ଷା ସମ୍ପର୍କିତ ସଚେତନତା



ନୂଆପଡ଼ା : ନୂଆପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ସୋମବାର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଯୌନ ଅପରାଧରୁ ପିଲାମାନଙ୍କୁ ସୁରକ୍ଷା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ବି.କେ. ରସ୍ମିତାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଯୋଗଦେଇ ଯୌନ ନିର୍ଯାତନାରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ (ପୋକ୍ସୋ) ଓ ଯୌନ ଅପରାଧରେ ପୀଡିତା ମହିଳାମାନଙ୍କ ପାଇଁ ଥିବା ସୁରକ୍ଷା ଆଇନ ବିଷୟରେ ଆଲୋଚନା କରିଥିଲେ। ନୂଆପଡା ଶିଶୁ ସୁରକ୍ଷା ସମିତି ସଦସ୍ୟ ନାରାୟଣ ପ୍ରଦାସ ଜୋଷୀ କିଶୋର ନ୍ୟାୟ (ବାଳକମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣ ଅଧିକାରୀ ମିତ୍ର ୟାସ୍ମିନ ସୁଲତାନା ଶିଶୁ ଶ୍ରମିକ ଓ ଅନାଥ ଶିଶୁ ଉଦ୍ଧାରରେ ଜିଲା ଆଇନସେବା ପ୍ରାଧିକରଣର ଭୂମିକା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଉପଲକ୍ଷେ ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବାନନ୍ଦ ରାଉତରାୟ ଶିବିର ପରିଚାଳନା କରିଥିବା ବେଳେ ସୁଜାତା ସାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# ୫ଶହ କ୍ଷେତ୍ର କର୍ମଚାରୀଙ୍କ ପାଇଁ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ

ଫୁଲବାଣୀ (ହି.ସ.)- କନ୍ଧମାଳ ଜିଲାରୁ ଯୋଗଦେଲେ ୩ ବୁଥ ସ୍ତରୀୟ ଅଧିକାରୀ/ ପର୍ଯ୍ୟବେକ୍ଷକ ୫ ଶହ ଜଣ କ୍ଷେତ୍ର କର୍ମଚାରୀଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ ୨ ଦିନିଆ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଂଟ (ଡିଇଏମ୍)ରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ)/ ପର୍ଯ୍ୟବେକ୍ଷକଙ୍କ ପାଇଁ ତ୍ରୟୋଦଶ ବ୍ୟାଚର ତାଲିମ ଆରମ୍ଭ ହୋଇଛି। ଭାରତର ମୁଖ୍ୟ କମିଶନର ଜ୍ଞାନେଶ କୁମାର ୫୦୦ ଜଣ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଶାରୁ ୫୩ ଜଣ ଏଥିରେ ଭାଗ ନେଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଉକ୍ତ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମରେ ସିମାଟଂଳ ମୁଖୀ, ଶିକ୍ଷକ (ବିଏଲଓ ପର୍ଯ୍ୟବେକ୍ଷକ), ମାନସ କୁମାର ସାହୁ, ଶିକ୍ଷକ (ବିଏଲଓ ପର୍ଯ୍ୟବେକ୍ଷକ), ଦିବାସ ପ୍ରଧାନ, ଶିକ୍ଷକ (ବିଏଲ୍ ?ଓ ପର୍ଯ୍ୟବେକ୍ଷକ)ଯୋଗ ଦେଇଥିବା ଆସିଷ୍ଟାଂଟ କଲେକ୍ଟର, ଇଲେକ୍ସନ ସେକ୍ସନ କୁମୁଦିନୀ ମଲ୍ଲିକ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଭାଷଣରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ, ଭୋଟର ତାଲିକା ଓ ନିର୍ବାଚନ ପ୍ରସ୍ତୁତି କଡ଼ାକଡ଼ି, ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦, ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କରିବା ପାଇଁ ଏହି ତାଲିମ କାର୍ଯ୍ୟକ୍ରମ ଜରୁରୀ।

# ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସର

କୋରାପୁଟ , (ହି.ସ.)- କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ୍ କୁମାର ମଲ୍ଲିକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ତତ୍ ସହିତ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ ୩ ଜଣ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି । ବିଭିନ୍ନ ସଂଗଠନ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅପରପକ୍ଷରେ ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅବସରପ୍ରାପ୍ତ ୩ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସଭାରେ ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶୋୟୀ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ଶଶୀ ଭୂଷଣ ଦାସ, ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, କୁମୁଲି ସଭାପତି ରମାକାନ୍ତ ମହାପାତ୍ର, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚିନ୍ କୁମାର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସି ଚ୍ ଲକ୍ଷ୍ମୀ, ପୁଷ୍ପଲତା ମହାରଣା ଓ ଶ୍ରୀମତି ମନୋରମା ମିଶ୍ର ମଂଚାସୀନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ନିଜର ଅଭିଭାଷଣରେ ଶ୍ରୀ ମଲ୍ଲିକଙ୍କ କାର୍ଯ୍ୟଶୈଳୀ ଉପରେ ତାଙ୍କର ଅଭିଭାଷଣ ପ୍ରଦାନ କରିବା ସହ ଶ୍ରୀ ମଲ୍ଲିକଙ୍କ ଅବସର ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀର ଅପୂରଣୀୟ କ୍ଷତି ବୋଲି ବକ୍ତବ୍ୟ ରଖିଥିଲେ ଓ ଯେହେତୁ ବୋରିଗୁମ୍ମା ଓଡ଼ିଶାର ସର୍ବବୃହତ ବ୍ଲକ୍ ତେଣୁ ଉକ୍ତ ପଦବୀକୁ ଅତିଶୀଘ୍ର ପୁରଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ ଓଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ସନ୍ତୋଷ ନାୟକ, ଗୋପାଳ ପାତ୍ର, କିଶୋର ସାହୁ, ସ୍ମୃତି ପଟ୍ଟନାୟକ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଶିକ୍ଷୟିତ୍ରୀ ମାନଙ୍କୁ ଫୁଲୋ ତୋଡ଼ା, ଉପଢୌକନ ଓ ଉପହାର ଦେଇ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରିଶେଷରେ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କୁ ପଦ ଅଳଙ୍କରଣ ସମାରୋହ



ସମ୍ବଲପୁର: ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପଦ ଅଳଙ୍କରଣ ସମାରୋହ -୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସର୍ବପ୍ରଥମେ ଅଗ୍ରପୂଜ୍ୟ ଗଣେଶ, ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ତଥା ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପୁଷ୍ପମାଲ୍ୟାର୍ପଣ କରି ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ବିକାଶ ଦ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ମନୋରଂଜନ ପତି ସ୍ୱାଗତ ଭାଷଣ ଦେଇ ଛାତ୍ର ପରିଷଦର ଚୟନ ପ୍ରକ୍ରିୟା ତଥା ଛାତ୍ରଛାତ୍ରୀଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ନିଜ ବକ୍ତବ୍ୟ ଦେଇଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମେନ୍ ତଥା ଏମ୍‌ଡି ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ନୂତନ ସଦନ ଗୁଡ଼ିକର ନାମକରଣ ତଥା ନୂତନ ପତାକା ଗୁଡ଼ିକର ଉନ୍ମୋଚନ କରିବା ସହିତ ଚଳିତ ବର୍ଷର ଛାତ୍ର ପରିଷଦର ସଭ୍ୟ, ହେଡ୍ ବୟ, ହେଡ୍‌ଗାର୍ଲ, ଡେପୁଟି ହେଡ୍ ବୟ, ଡେପୁଟି ହେଡ୍‌ଗାର୍ଲ, ହାଉସ୍ ପ୍ରିଫେକ୍ଟ, ଭାଇସ୍ ପ୍ରିଫେକ୍ଟ, ହାଉସମେଂଟ, ହଷ୍ଟେଲ ପ୍ରିଫେକ୍ଟ, ବିଭିନ୍ନ କ୍ଲବ୍ ତଥା ସ୍କୁଲ ଲିଡରସିପ୍ ଟିମ୍‌ର ନାମ ଘୋଷଣା କରି ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଫଳକ(ବ୍ୟାଚ୍) ପ୍ରଦାନ କରିଥିଲେ। ସବୁଜ ରଙ୍ଗଧାରୀ ସଦନକୁ ଓରିଅନ୍, ନାଲି ରଙ୍ଗଧାରୀ ସଦନକୁ ଏକ୍ୱିଲା, ନୀଳ ରଙ୍ଗଧାରୀ ସଦନକୁ ଡ୍ରାକୋ ଏବଂ ହଳଦିଆ ରଙ୍ଗଧାରୀ ସଦନକୁ ସିଗ୍‌ନସ୍ ନାମରେ ନାମିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦବୀରେ ଅଳଙ୍କୃତ କରାଯାଇଥିଲା।

# ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା
## ନିନ୍ଦାକଲା କଳାହାଣ୍ଡି ଓଏଏସ୍ ସଂଘ

ଭବାନୀପାଟଣା, (ହି.ସ.): ମହାନଗର ନିଗମ (ବି. ଏମ. ସି.) କାର୍ଯ୍ୟାଳୟ ଠାରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓ.ଏ.ଏସ୍. ସଂଘ ତୀବ୍ର ନିନ୍ଦା କରିଛି । ଜଣେ କର୍ତବ୍ୟରତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାଡ଼ ମାରିବା ଘଟଣାକୁ ଜିଲ୍ଲା ଓ.ଏ.ଏସ୍. ସଂଘ ନିନ୍ଦା କରିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ମାଧମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଗୋଚରାର୍ଥେ ପ୍ରଦାନ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲ୍ଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମାସ୍ ଲିଭ ରେ ରହିଥିବା ସୂଚନା ମିଳିଛି । ଏଥିରେ ଜିଲ୍ଲାର ଓଆରଏସ୍ ସଂଘ ମଧ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଜିଲ୍ଲା ଓଏଏସ୍ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ନେତୃତ୍ୱରେ ଆଠ ଦଫା ସମ୍ବଳିତ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସଂଘର ସଭ୍ୟ, ସଭ୍ୟା ଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡି ଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓ.ଏ.ଏସ୍. ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଏକତା ଗ୍ରୁପ୍‌ର ପଞ୍ଚମ ବାର୍ଷିକୋତ୍ସବ



ରାଉରକେଲା(ପିପିଏସ୍) : ଝିରପାଣି ଅଞ୍ଚଳର ଅନ୍ୟତମ ମହିଳା ଅନୁଷ୍ଠାନ ଏକତା ଗୃପର ପଞ୍ଚମ ବାର୍ଷିକୋତ୍ସବ କୋଏଲ ନଗରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏକତା ଗୃପର ସଭାପତି ପୂର୍ଣ୍ଣିମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ ସଚେତନତା, ସାମାଜିକ କାର୍ଯ୍ୟକ୍ରମ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସର୍ବଶ୍ରୀ ଆଦିଲ ମେହେମୁଦ, ଜାହାଙ୍ଗୀର ହକ୍, ନିର୍ମଳ ଘଡ଼େଇ,ଗ୍ରେସି ଡେଭିଡ, କଲ୍ୟାଣୀ ଦାସ, ତିଳୋତ୍ତମା ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ନୃତ୍ୟ ଓ ମଡେଲିଂ ଆଦି ପ୍ରତିଯୋଗିତା କରାଯାଇ ସେଥିରେ କୃତିତ୍ୱ ହାସଲ କରିଥିବା ଶାନ୍ତିଲତା ବେହେରା ପ୍ରଥମ, ଲକ୍ଷ୍ମୀ ପରିଡ଼ା ଦ୍ୱିତୀୟ, ମନୋରମା ଧଳ ତୃତୀୟ ଓ ସୁପ୍ରଭା ମିଶ୍ର ଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ରଶ୍ମିତା ପଣ୍ଡା,ଝୁନୁ ନାୟକ ଓ ଆକାଶ ମୁନି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା ରେ ସଭାପତି ଶ୍ରୀମତୀ ମହାନ୍ତି,ସୁଚିସ୍ମିତା ପଣ୍ଡା, ବନଜା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଅନୁଷ୍ଠାନର ପ୍ରାୟ ୭୦ଜଣ ସଦସ୍ୟା ଯୋଗଦେଇ ଥିଲେ। ଶେଷରେ ଶ୍ରୀମତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଣି ଖଣିର ପୁନରୁଦ୍ଧାର ଫିଲିଙ୍ଗ୍ ଷ୍ଟେସନ୍ ଉଦ୍‌ଘାଟିତ

ଯୋଡ଼ା,(ହି.ସ.)- ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଖଣିର ସାମଗ୍ରୀ ପ୍ରବନ୍ଧନ ବିଭାଗ ଅଧୀନରେ ଥିବା ଫିଲିଙ୍ଗ ଷ୍ଟେସନକୁ ସମ୍ପୂର୍ଣ୍ଣ ଭାବେ ପୁନରୁଦ୍ଧାର କରାଯାଇ ସୋମବାର ଉଦଘାଟନ କରାଯାଇଛି। ସିଭିଲ ବିଭାଗ ଦ୍ୱାରା ପ୍ରାୟ ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ଉକ୍ତ ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇ ନବନିର୍ମିତ କାର୍ଯ୍ୟାଳୟ ଗୃହରେ ଥିବା ଉଦ୍ଘାଟନୀ ଫଳକକୁ ଅନାବରଣ କରି ଏହାକୁ ଖଣି ପ୍ରତି ସମର୍ପିତ କରିଥିଲେ । ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଚଟ୍ଟୋପାଧ୍ୟାୟ କହିଥିଲେ ଯେ ଖଣି କାର୍ଯ୍ୟରେ ଫିଲିଙ୍ଗ ଷ୍ଟେସନର ଗୁରୁତ୍ୱ ଓ ସୁରକ୍ଷାକୁ ଆଖି ଆଗରେ ରଖି ଏହି ପୁନରୁଦ୍ଧାର କାର୍ଯ୍ୟକୁ ହାତକୁ ନିଆଯାଇଥିଲା। ପରବର୍ତୀ ଦିନରେ ଏହି ଫିଲିଙ୍ଗ ଷ୍ଟେସନର ଖଣି ଚଳାଚଳ ଓ ଲୋଜିଷ୍ଟିକ୍ସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ପୁନରୁଦ୍ଧାର କାର୍ଯ୍ୟ ଅନ୍ତର୍ଗତ ନୂତନ କାର୍ଯ୍ୟାଳୟ ଗୃହ, ମହିଳା ଓ ପୁରୁଷଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ସୁବିଧା, ସୁରକ୍ଷା ପାଚିରୀ ପ୍ରମୁଖ ନିର୍ମାଣ କରାଯାଇଛି। ଏହା ଦ୍ୱାରା କର୍ମଚାରୀଙ୍କ ଦୈନନ୍ଦିନ କାର୍ଯ୍ୟ ସୁବିଧାଜନକ ହେବା ସହ ସୁରକ୍ଷା ମାନଦଣ୍ଡ ବୃଦ୍ଧି ପାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କାର୍ମିକ ବିଭାଗର ମୁଖ୍ୟ ଭି.କେଭିନ ଘୋଷ, ମେକାନିକାଲ ଓ ପ୍ଲାଂଟ ବିଭାଗ ମୁଖ୍ୟ ବୁଦ୍ଧଦେବ ନାଏକ, ପ୍ଲାଂଟ ବିଭାଗର ମହାପ୍ରବନ୍ଧକ ସୌମେନ୍ଦ୍ର ପଟ୍ଟନାୟକ, ବିତୀୟ ବିଭାଗ ମୁଖ୍ୟ ସୁବାଷ ସାହୁ, ସିଭିଲ ବିଭାଗ ମୁଖ୍ୟ ଉମେଶ ପ୍ରସାଦ, ଉପମୁଖ୍ୟ ସଂଜୀବ କୁମାର ଓ ସାମଗ୍ରୀ ପ୍ରବନ୍ଧନ ବିଭାଗର ମୁଖ୍ୟ ରାଜେନ୍ଦ୍ର ନାରାୟଣ ସାହୁ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଠିକା କର୍ମଚାରୀ ଉପସ୍ଥିତ ଥିଲେ। ଏହି ପୁନରୁଦ୍ଧାର କାର୍ଯ୍ୟ ମାଧ୍ୟମରେ ଏକ ଆଧୁନିକ ଓ ସୁରକ୍ଷିତ ପରିବେଶରେ ଫିଲିଂ ଷ୍ଟେସନ୍ ପୁନଃଚାଳିତ ହେବା ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ଖଣିର ଦୈନନ୍ଦିନ କାର୍ଯ୍ୟ ସଂଚାଳନକୁ ଅଧିକ କ୍ଷମତାଶୀଳ କରିବ।

# ହେରାପଞ୍ଚମୀରେ ପ୍ରବଳ ଜନସମାଗମ

ଜୟପୁର, (ହି.ସ.): ଜୟପୁର ରଥଯାତ୍ରା ରେ ବାଙ୍କମଠ ଆଡପମଣ୍ଡପ ଠାରେ ହେରା ପଂଚମୀ ଅବସରରେ ପ୍ରବଳ ଜନସମାଗମ ହୋଇଥିଲା । ଶ୍ରୀ ଜିଉ ବଳଭଦ୍ର ନରସିଂହ ଓ ଜଗନ୍ନାଥ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସଂଧ୍ୟାଆଳତି ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା । ଏପଟେ ରାଗ ଜର୍ଜରିତ ଅଭିମାନିନି ଲକ୍ଷ୍ମୀ ଶ୍ରୀମନ୍ଦିରରୁ ବିମାନ ଯୋଗେ ବାହାରି ବାଙ୍କମଠରେ ପହଂଚି ସେଠାରେ ବଚନିକ ପାଠ କରାଯାଇଥିଲା ପରେ ରଥକୁ ଭାଙ୍ଗିଥିଲେ । ଏହି ଦୃଶ୍ୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଦେବୋତ୍ତର ବିଭାଗ ତରଫରୁ ସବୁ ବ୍ୟବସ୍ଥା କରାଯିବା ସହ କ୍ଷିରି ଖେଚୁଡି, କାକରା, ଭଜା, ଆରିଶା ତରକାରି ଆଦି ପ୍ରଭୁଙ୍କ ନିକଟରେ ଭୋଗ ଲାଗି କରାଯାଇ ସ୍ୱତନ୍ତ୍ର ପୁଜା କରାଯାଇଥିଲା । ସଂଧ୍ୟାରେ ପ୍ରଭୁଙ୍କ ଅବତାର ଦେଖିବା ପାଇଁ ବହୁ ଜନସମାଗମ ହୋଇଥିବା ବେଳେ ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ଜଗନ୍ନାଥଙ୍କ ମୁଖ୍ୟ ପୁଜକ ଡମ୍ବୁର ଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠି ସମସ୍ତ ନୀତିକାନ୍ତି ତୁଲାଇଥିଲେ । ସେହିପରି ପୁରୁଣାଗଡ ଆଡପ ମଣ୍ଡପରେ ମଧ ଶ୍ରୀ ଜୀଉଙ୍କ ବେଶ କରାଯାଇଥିଲା ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*
**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**
**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର
ତା ୩।୭।୨୦୨୫ ■ ଗୁରୁବାର

# ସବୁଠୁ ବଡ଼ ଅଧିକାର

ଉତ୍ତରାଖଣ୍ଡ ହାଇକୋର୍ଟ ଏକ ବଡ଼ ରାୟ ପ୍ରକାଶ କରିଛନ୍ତି । ଭାରତୀୟ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତକୁ ହାଇକୋର୍ଟ ଦୋହରାଇଛନ୍ତି ବୋଲି ମଧ୍ୟ କୁହାଯାଇପାରିବ । ହାଇକୋର୍ଟ କହିଛନ୍ତି–ସରକାରୀ ଜମି ଜବରଦଖଲ କରି ରହିଥିବା ଲୋକଙ୍କୁ ଭୋଟ୍ ଦେବା ଅଧିକାରରୁ ବଂଚିତ କରାଯାଇ ପାରିବ ନାହିଁ । ଭୋଟଦେବା ଅଧିକାର ସମ୍ବିଧାନ ପକ୍ଷରୁ ପ୍ରଦାନ କରାଯାଇଛି ଓ ଏହାର ଆଧାର ଆଦୌ ଜମି ଖଣ୍ଡେ ହୋଇପାରିବ ନାହିଁ । ଏ ଅଧିକାର ଆଦୌ ଦୁର୍ବଳ ନୁହେଁ ଯେ ତାହାକୁ କୌଣସି ସରକାରୀ ଆଦେଶ, ବିଜ୍ଞପ୍ତି ଦ୍ୱାରା ପ୍ରତ୍ୟାହାର କରାଯାଇ ପାରିବ । ଉତ୍ତରାଖଣ୍ଡର ଉଦ୍ଧମସିଂହ ନଗର ଜିଲ୍ଲାର କେତେକ ଲୋକ ହାଇକୋର୍ଟରେ ଆବେଦନ ଦାଖଲ କରି ରାଜ୍ୟ ସରକାରଙ୍କର ଏକ ଆଦେଶକୁ ଚାଲେଞ୍ଜ କରିଥିଲେ, ଯହିଁରେ କୁହାଯାଇଥିଲା ଯେ ସରକାରୀ, ଜଙ୍ଗଲ ବା ଅନ୍ୟ କୌଣସି ଜମି ଉପରେ ଜବରଦଖଲ କରି ରହୁଥିବା ବ୍ୟକ୍ତିମାନଙ୍କୁ ପଞ୍ଚାୟତ ନିର୍ବାଚନରେ ଭୋଟଦେବାରେ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯିବ । ଉତ୍ତରାଖଣ୍ଡ ହାଇକୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସମ୍ବିଧାନର ୩୨୬ ଅନୁଚ୍ଛେଦ ଅନୁସାରେ ମତାଧିକାର ସୁରକ୍ଷିତ ଓ ନ୍ୟାୟପାଳିକା ହେଉ କି ସରକାର– କେହି ବି ଏହାକୁ ପ୍ରତ୍ୟାହାର କରିପାରିବେ ନାହିଁ ।

ସେଠାକାର ରାଜ୍ୟ ସରକାରଙ୍କର ଏ ଆଦେଶ ଯଦି ଲାଗୁ ହୋଇଯାଇଥାନ୍ତା ତେବେ ତାହା ଏକ ବିପଜ୍ଜନକ ଉଦାହରଣ ହୋଇଯାଇଥାନ୍ତା । ଦେଶର ଅନେକ ଭାଗରେ ଆଜି ମଧ୍ୟ ଲକ୍ଷଲକ୍ଷ ଲୋକ ଏପରି ଜମିରେ ବାସ କରୁଛନ୍ତି, ଯାହାର ମାଲିକାନା ସତ୍ତ୍ୱ ସ୍ପଷ୍ଟ ନୁହେଁ, ବିଶେଷକରି ସହରଗୁଡ଼ିକ ମଧ୍ୟରେ ଗଢ଼ିଉଠିଥିବା ବସ୍ତି । ଗ୍ରାମାଞ୍ଚଳରେ ମଧ୍ୟ ଏପ୍ରକାର ସରକାରୀ ଜମି ଜବରଦଖଲ କିଛି କମ୍ ନାହିଁ । ଆଦିବାସୀ ବହୁଳ ଇଲାକାମାନଙ୍କରେ ଅଧିକାଂଶ ଜମି ଜଙ୍ଗଲ କିସମର ହୋଇଥିବାରୁ ଏବଂ ଆଦିବାସୀ ଜନଶରେ ଜମିର ରେକର୍ଡ ରଖିବାର ଅଭ୍ୟାସ ନଥିବାରୁ ସେମାନଙ୍କୁ ଅଧିକାଂଶ ଜବରଦଖଲକାରୀ ଭାବେ ଦର୍ଶାଇବା ତଳିଆ ସରକାରୀ କର୍ମଚାରୀମାନଙ୍କର ଏକ ସହଜ ବ୍ୟବସ୍ଥା ହୋଇଆସିଛି । କେବଳ ଓଡ଼ିଶାରେ ନୁହେଁ, ଦେଶର ଅନେକ ରାଜ୍ୟରେ ଜମିକୁ ନେଇ ମକଦ୍ଦମା ବର୍ଷବର୍ଷ ଧରି ଚାଲିଆସୁଛି । କେତେକ ମାମଲା ତ ପିଢ଼ି ପରେ ପିଢ଼ି ବଦଳିଯିବା ପରେ ମଧ୍ୟ ଫଇସଲା ହୋଇପାରି ନାହିଁ । କିନ୍ତୁ ଏହାର ମାନେ ନୁହେଁ ଯେ କାହାକୁ ଜବରଦଖଲକାରୀ ବୋଲି ଦର୍ଶାଇ ତାହାର ସାମ୍ବିଧାନିକ ଅଧିକାରରୁ ତାକୁ ବଞ୍ଚିତ କରାଯାଇପାରିବ । ଏକ ସମୟରେ ଦୁଇ ସନ୍ତାନରୁ ଅଧିକ ସନ୍ତାନ ଥିବା ମାତା, ପିତାଙ୍କୁ ନିର୍ବାଚନ ଲଢ଼ିବାରୁ କେତେକ ରାଜ୍ୟରେ ବଞ୍ଚିତ କରାଯାଉଥିଲା । କିନ୍ତୁ କାହାକୁ ଭୋଟ ଅଧିକାରରୁ ବଞ୍ଚିତ କରାଯାଇ ନଥିଲା ।

ଗଣତନ୍ତ୍ରରେ ଭୋଟଦେବା ଅଧିକାର କେବଳ ନିର୍ବାଚନ ପ୍ରକ୍ରିୟାର ଏକ ଅଙ୍ଗ ନୁହେଁ, ଏହା ଦ୍ୱାରା ପ୍ରତିନିଧିତ୍ୱ ସୁନିଶ୍ଚିତ କରାଯାଇଥାଏ ଏବଂ ସରକାର ଗଠନରେ ଅଂଶ ଗ୍ରହଣ ପ୍ରକ୍ରିୟାରେ ଜଣେ ସଂପୃକ୍ତ ହୋଇଥାଏ । ସମ୍ବିଧାନ ହିଁ ଦେଶବାସୀଙ୍କୁ ଏ ଅଧିକାର ପ୍ରଦାନ କରିଛି । ସମ୍ବିଧାନର ଅନୁଚ୍ଛେଦ ୩୨୬ର ଡ୍ରାଫ୍ଟ ଆର୍ଟିକଲ ଯେବେ ସାମିଲ କରାଯାଉଥିଲା, ସେତେବେଳେ ଏହା ଉପରେ ଆପତ୍ତି ଉଠାଯାଇଥିଲା । ଜଣେ ସଦସ୍ୟ ସାବାଳକ ମତାଧିକାର ପ୍ରକ୍ରିୟାକୁ ବିରୋଧ କରି ଆଶଙ୍କା ପ୍ରକଟ କରିଥିଲେ ଯେ ଯଦି ମତଦାତା ସଚେତନ ଓ ଶିକ୍ଷିତ ହେବନାହିଁ, ତେବେ ସଂସଦୀୟ ଗଣତନ୍ତ୍ରର କଳ୍ପନା କରାଯାଇ ପାରିବ ନାହିଁ । କିନ୍ତୁ ବିଗତ ୭୫ ବର୍ଷରେ ଏ ପ୍ରକାର ଆଶଙ୍କା ଅମୂଳକ ବୋଲି ପ୍ରତିପାଦିତ ହୋଇଛି । ପ୍ରତ୍ୟେକ ନାଗରିକ, ଯିଏ ନିର୍ଦ୍ଧାରିତ ବୟସ ପୂରଣ କରିଛି ଓ କୌଣସି ବିଶେଷ କାରଣରୁ ଅଯୋଗ୍ୟ ଘୋଷିତ ନ ହୋଇଛି, ତାକୁ ଭୋଟ ଦେବାର ଅଧିକାର ରହିଛି । ପ୍ରାରମ୍ଭରେ ଏହା ୨୧ ବର୍ଷ ବୟସ ବା ତଦୁର୍ଦ୍ଧ୍ୱ ଥିଲା । ପରେ ତାହାକୁ ୧୮ ବର୍ଷ ବୟସ କରାଯାଇଛି । ଅର୍ଥାତ୍ ଦେଶକୁ ନିଜ ଲୋକଙ୍କ ଉପରେ ବିଶ୍ୱାସ ଆହୁରି ଦୃଢ଼ ହୋଇଛି । ଜମି ବିବାଦ ଏ ବିଶ୍ୱାସକୁ ଭାଙ୍ଗି ଦେଇପାରିବ ନାହିଁ । ହଁ ଜମି ଜବରଦଖଲ ଏକ ବଡ଼ ସମସ୍ୟା, କିନ୍ତୁ ତାହା ଭୋଟ ଅଧିକାର ପ୍ରତ୍ୟାହାର କରି ସମାଧାନ କରିବାର ବାଟ ଆଦୌ ନୁହେଁ । ❐❐

# ଦଇତାପତି

ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱର ବିସ୍ମୟ ଦେବତା । ନିଜେ ଏଭଳି ରହସ୍ୟାଛନ୍ନ ଯେ, ମନୁଷ୍ୟର ଚିନ୍ତା, ଚେତନା, ଆକଳନ ସବୁ ହାର ମାନିଯାଏ । ଏସବୁର ଅତୀତ, ଅତ୍ୟନ୍ତ ଗୁଢ଼ ଏବଂ ରହସ୍ୟାବୃତ୍ତ ତାଙ୍କର ମୂର୍ତ୍ତି ଏବଂ ଲୀଳା । ନୀତି ନିୟମ ମଧ୍ୟରେ କାଳାତିପାତ କରୁଥିବା ମହାପ୍ରଭୁ କାଳାତୀତ ଏବଂ ସବୁ ରୀତିନୀତିର ଊର୍ଦ୍ଧ୍ୱରେ । ଏହି ବ୍ୟତିକ୍ରମ ମଧ୍ୟରେ ଯେଉଁ ଦର୍ଶନ ଏବଂ ତତ୍ତ୍ୱ ରହିଅଛି ସେ କଥା କେବଳ ତାଙ୍କୁ ହିଁ ଜଣା । ସାଧାରଣ ମନୁଷ୍ୟର ବୁଦ୍ଧିବୃତ୍ତି ଏହି ଲୀଳା ପାଖରେ ସୁଦୂର ପରାହତ । ହିନ୍ଦୁ ସଂସ୍କୃତିରେ ଉପାସ୍ୟ ଏବଂ ମାନ୍ୟତା ଲାଭ କରିଥିବା ତେତ୍ରିଶ କୋଟି ଦେବାଦେବୀଙ୍କ ରୀତିନୀତି, ପୂଜା ଆରାଧନା ଠାରୁ ଶ୍ରୀଜଗନ୍ନାଥ ଭିନ୍ନ । ଏଥିପାଇଁ 'କପିଳ ସଂହିତା' ଗ୍ରନ୍ଥରେ ଭରଦ୍ୱାଜ ଋଷିମାନଙ୍କୁ ଏ କ୍ଷେତ୍ର ଏବଂ ଦେବତାଙ୍କ ସଂପର୍କରେ କହିଛନ୍ତି – 'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ । ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।।' (ପଞ୍ଚମ ଅଧ୍ୟାୟ ।)

ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ସେବକ, ଦଇତାପତି । ଦଇତାପତିଙ୍କ ସେବା ଶ୍ରୀମନ୍ଦିରର ଏକ ଗୋଷ୍ଠୀଗତ ସେବା । ଶ୍ରୀଜଗନ୍ନାଥଙ୍କ ଉପାସନ ସହ ଜଡ଼ିତ ମୁଖ୍ୟ ସେବକ ଶବର ବଂଶାବଳୀରେ ବାରଘରିଆ ଶବରଙ୍କ ଏକ ଶାଖା । ମହାପ୍ରଭୁଙ୍କ ଅଣସର ସମୟରେ ପ୍ରଭୁଙ୍କର ବିଶେଷ ସେବା ଏମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା କାଳରେ ଶ୍ରୀଜୀଉଙ୍କୁ ପହଣ୍ଡି କରି ଯଥାକ୍ରମେ ସ୍ନାନ ମଣ୍ଡପ ଓ ରଥକୁ ନେବାରେ ଏମାନେ ପ୍ରମୁଖ ଭୂମିକା ନେଇଥାନ୍ତି । ଉପରୋକ୍ତ ଯାନୀଯାତ୍ରାରେ ଦଇତାପତିଙ୍କ ସେବା ଥାଏ ବୋଲି ସାଧାରଣରେ ଏକ ଧାରଣା । କିନ୍ତୁ ଏହା ସତ, ବର୍ଷକ ଯାକ ଏମାନଙ୍କର ସେବା ରହିଛି । ଶ୍ରୀମନ୍ଦିରରେ ଯେଉଁ ବଲ୍ଲଭ ସେବା ହୁଏ, ତାହା ହିଁ ଶବର ରାଜ ବିଶ୍ୱାବସୁଙ୍କ ସେବା । ଏହା ବ୍ୟତୀତ ଚିତାଲାଗି ଅମାବାସ୍ୟାରେ ଚିତାଲାଗି, ରେଖା ପଞ୍ଚମୀରେ ରାହୁରେଖା ଲାଗି, ପଇତାଲାଗି ଏବଂ ବର୍ଷକ ମଧ୍ୟରେ ୪ର୍ଥ ଥର ସୁଦର୍ଶନ ବିଜେ ନୀତି ବି ପାଳନ କରିଥାନ୍ତି ଏହି ଦଇତାପତି । ତେବେ ରଥ ଯାତ୍ରା ଓ ଏହାର ଆନୁସଙ୍ଗିକ କାର୍ଯ୍ୟକ୍ରମରେ ଦଇତାପତିଙ୍କ ଭୂମିକା ପ୍ରମୁଖ । ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀବିଗ୍ରହଙ୍କ ସମସ୍ତ ସେବା କରିଥାନ୍ତି ଦଇତାପତି । ଏମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଶବରରାଜ ବିଶ୍ୱାବସୁଙ୍କ ବଂଶଧର ଦଇତା ଓ ବିଦ୍ୟାପତିଙ୍କ ବଂଶଧର ପତି ମହାପାତ୍ର । ଏମାନେ ମିଳିମିଶି ସେବା କରନ୍ତି । ଦଇତା ସେବକମାନେ ନିଜକୁ ପରଂବ୍ରହ୍ମଙ୍କ କୁଟୁମ୍ବ ମନେକରି ତାଙ୍କର ସମସ୍ତ କାର୍ଯ୍ୟ ନିର୍ବାହ କରିଥାନ୍ତି । ନବକଳେବରରେ ମହାପ୍ରଭୁଙ୍କ ପାଇଁ ଦାରୁ ସନ୍ଧାନରେ ଯାଇଥାନ୍ତି ଦଇତାପତି ।

ଯଶସ୍ୱିନୀ ପଟ୍ଟନାୟକ
ସିଡିଏ, କଟକ

# ଆମେରିକୀୟ ସାମ୍ରାଜ୍ୟବାଦର କଳା ଇତିହାସ

**ଅସିତ ମହାନ୍ତି**

ଶୀତଳ ଯୁଦ୍ଧ ସମୟରେ, ଆମେରିକା ଲାଟିନ ଆମେରିକା, ଏସିଆ ଏବଂ ଆଫ୍ରିକାର ଅନେକ ଦେଶରେ ହସ୍ତକ୍ଷେପ କରିଥିଲା, ସାମ୍ୟବାଦର ବିସ୍ତାରକୁ ରୋକିବା ପାଇଁ ଅଭ୍ୟୁତ୍ଥାନ, ଏକଛତ୍ରବାଦୀ ଶାସନ ଏବଂ ବିଦ୍ରୋହକୁ ସମର୍ଥନ କରିଥିଲା । ମଧ୍ୟପ୍ରାଚ୍ୟରେ, ଯୁଦ୍ଧ, ଆକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଶାସନ ପାଇଁ ସମର୍ଥନରେ ଆମେରିକୀୟ ସମ୍ପୃକ୍ତତା ପ୍ରାୟତଃ ତୈଳ ଏବଂ ଭୂ-ରାଜନୈତିକ ପ୍ରାଧାନ୍ୟ ସହିତ ଜଡିତ ରଣନୈତିକ ସ୍ୱାର୍ଥ ଦ୍ୱାରା ପ୍ରେରିତ ହୋଇଥିଲା । ଉଦାହରଣ ସ୍ୱରୂପ, ଇରାକ ଏବଂ ଆଫଗାନିସ୍ତାନରେ ହୋଇଥିବା ଯୁଦ୍ଧର ଉଦ୍ଦେଶ୍ୟ ଆତଙ୍କବାଦ ବିରୋଧରେ ଲଢ଼ିବା ଏବଂ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଥିଲା, କିନ୍ତୁ ଏହାର ଫଳସ୍ୱରୂପ ବ୍ୟାପକ ବିନାଶ, ଜୀବନହାନି ଏବଂ ଦୀର୍ଘକାଳୀନ ଅସ୍ଥିରତା ମଧ୍ୟ ଦେଖା ଦେଇଥିଲା ।

ଆଣବିକ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ରର ସନ୍ଧାନ ବିଶ୍ୱ ସୁରକ୍ଷାକୁ ଆହୁରି ଜଟିଳ କରିଥିଲା, ଆମେରିକା ଆଣବିକ ବିସ୍ତାର ଏବଂ ଶକ୍ତି ବିକାଶରେ ପ୍ରୟାସର ନେତୃତ୍ୱ ନେଇଥିଲା, ପ୍ରାୟତଃ ଏପରି ଉପାୟରେ ଯାହା ଅଞ୍ଚଳକୁ ଅସ୍ଥିର କରିଥିଲା କିମ୍ବା ଗୁରୁତ୍ୱପୂର୍ଣ୍ଣ ଉତ୍ସକୁ ପ୍ରବେଶକୁ ସହଜ କରିଥିଲା । ସମାଲୋଚକମାନେ ଏହି କାର୍ଯ୍ୟକଳାପକୁ ହସ୍ତକ୍ଷେପର ଏକ ଢାଞ୍ଚା ଭାବରେ ଦେଖନ୍ତି, ଯାହା ଅନେକ କ୍ଷେତ୍ରରେ ବିଶୃଙ୍ଖଳା ଏବଂ କଷ୍ଟ ଆଣିଛି । ଗତ ୭୦ ବର୍ଷ ମଧ୍ୟରେ ଆମେରିକା କେତେ ସ୍ଥାନରେ କ୍ଷମତା ପରିବର୍ତ୍ତନ କରିଛି ଏବଂ ସେହି ଦେଶଗୁଡ଼ିକର ଅବସ୍ଥା କ'ଣ ? ଏହାକୁ ବୁଝିବା ନିହାତି ଜରୁରୀ । ଯଦି ଆମେରିକା କୌଣସି ଦେଶକୁ କ୍ଷମତା ବଦଳାଇବାକୁ ବାଧ କରେ, ତେବେ ଏହା ବୁଝିବାକୁ ହେବ ଯେ ସେହି ଦେଶର ଖରାପ ଦିନ ଆରମ୍ଭ ହୋଇଛି । ଚାଲନ୍ତୁ ଦେଖିବା ଆମେରିକା କିପରି ଅନେକ ଦେଶର ଭବିଷ୍ୟତକୁ ନଷ୍ଟ କରିଦେଇଛି । ୧୯୫୩ରେ ଆମେରିକା ଇରାନରେ ସି. ଆଇ. ଏ. ସମର୍ଥିତ ଏକ ବିଦ୍ରୋହ କରିଥିଲା ଏବଂ ସେଠାରେ କ୍ଷମତାରେ ଥିବା ଲୋକଙ୍କୁ ହଟାଇ ଶାହଙ୍କୁ କ୍ଷମତାକୁ ଆଣିଥିଲା । ବାସ୍ତବରେ, ଶାହ ଇରାନର ରାଜା ଥିଲେ ଯିଏ ଆମେରିକାକୁ କ୍ଷମତାକୁ ଆଣିଥିଲେ । କିନ୍ତୁ ଫଳସ୍ୱରୂପ, ଏହା ସେହି ଗଣତନ୍ତ୍ର ଏକଛତ୍ରବାଦ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା, ଯାହା ପରେ ୧୯୭୯ ରେ ଇସଲାମୀୟ ବିପ୍ଳବ ମାଧ୍ୟମରେ ଶାହାଙ୍କୁ କ୍ଷମତାରୁ ବାହାର କରିଥିଲା, ଏବଂ ତା 'ପରେ ଖୋମେନି ଶାସନ ନିଜ ନେତୃତ୍ୱରେ ଆସିଥିଲା । ଏହା ପ୍ରଥମ ଥର ନୁହେଁ ଯେ ଆମେରିକା ଇରାନ ଉପରେ ଏଭଳି ଆକ୍ରମଣ କରିଛି । ୨୦୦୩ ରେ, ସଦ୍ଦାମ ହୁସେନଙ୍କୁ ହଟାଇବା ପାଇଁ ଏକ ପ୍ରୟାସ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସେଠାରେ କୌଣସି ଗଣତନ୍ତ୍ର ନାହିଁ ଏବଂ ଇରାକ ଆଣବିକ କାର୍ଯ୍ୟରେ ନିୟୋଜିତ ଅଛି । ସେଠାରେ ଆମେରିକା ଇରାକକୁ ଧ୍ୱଂସ କରିଥିଲା ଏବଂ ଏହାର ପ୍ରାକୃତିକ ସମ୍ବଳକୁ ଦାବି କରିଥିଲା । ସଦ୍ଦାମ ହୁସେନଙ୍କୁ ଫାସୀ ଦିଆଯିଆଥିଲା । ବର୍ତ୍ତମାନ ଇରାକରେ ସାମ୍ପ୍ରଦାୟିକ ହିଂସା ଜାରି ରହିଛି । ପରେ, ଇରାକ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲା । ୨୦୧୧ ରେ, ଲିବିଆରେ ନାଟୋ ସମର୍ଥିତ ବିଦ୍ରୋହ ଫଳରେ କର୍ନେଲ ଗଦ୍ଦାଫି କ୍ଷମତାରୁ ବାହାର ହୋଇଥିଲେ । କାରଣ ସେ ଜଣେ ତାନାସାହା ଶାସକ ଥିଲେ । ଏବେ ସେଠାରେ କ'ଣ ହେଉଛି ? ଏହା ପୂର୍ବରୁ ଖରାପ ଅଛି । କୌଣସି ସରକାର ସ୍ଥିର ରହିବାରେ ଅସମର୍ଥ । ୨୦୧୩ ରେ ଇଜିପ୍ଟରେ ଏକ ସାମରିକ ଅଭ୍ୟୁତ୍ଥାନ ଘଟିଥିଲା । ମୋର୍ସିଙ୍କ ସରକାର କ୍ଷମତାରୁ ବାହାର ହୋଇଥିଲା । ବର୍ତ୍ତମାନ ସେଠାକାର ସ୍ଥିତି କ'ଣ ? କିଛି ଭଲ ନାହିଁ । ସିରିଆର ଗୃହଯୁଦ୍ଧ ପରେ ଆସାଦ ୨୦୧୧ ମସିହାରୁ କ୍ଷମତାରୁ ବାହାର ହୋଇଛନ୍ତି । ଆଜିର ସ୍ଥିତି କ'ଣ ? ୧୦ ନିୟୁତ ଡଲାରର ପୁରସ୍କାର ପାଇଥିବା ଆତଙ୍କବାଦୀଙ୍କୁ ତାଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ପଡ଼ିଥିଲା । ୟୁଏସ୍ ଆଫ୍ରିକାରେ କ'ଣ କରିଥିଲା ? ୧୯୬୦ ଦଶକରେ କଙ୍ଗୋରେ ରାଜନୈତିକ ଅସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ଆମେରିକା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଶୀତଳ ଯୁଦ୍ଧ ସମୟରେ, ଯୁକ୍ତରାଷ୍ଟ୍ର ଆମେରିକା କଙ୍ଗୋରେ ଏକ ପାଶ୍ଚାତ୍ୟ -ସମର୍ଥକ ଶାସନ ପ୍ରତିଷ୍ଠା କରିବାକୁ ପ୍ରୟାସ କରିଥିଲା, ଯେପରିକି ଭୋଟ୍ କିଣିବା ଏବଂ ପାଶ୍ଚାତ୍ୟ -ସମର୍ଥକ ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ଦେବା । ୧୯୬୦ -୧୯୬୫ ମସିହା ମଧ୍ୟରେ, କଙ୍ଗୋ ଗଣରାଜ୍ୟରେ ଅନେକ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିଲେ, ୟୁ.ଏସ୍. ସ୍ଥାୟୀ, ପାଶ୍ଚାତ୍ୟ -ସମର୍ଥକ ଶାସନ ପ୍ରତିଷ୍ଠା ପାଇଁ ନିରନ୍ତର ପ୍ରୟାସ କରିଥିଲା ।

ଆଜି ସେଠାକାର ପରିସ୍ଥିତି କ'ଣ ? କଙ୍ଗୋରେ ସ୍ଥିତି ଖରାପ ଅଛି । କ୍ଷମତାରେ କୌଣସି ପରିବର୍ତ୍ତନ ହୋଇନଥିଲା । ୧୯୯୪ ମସିହାରେ ରୁୱାଣ୍ଡାରେ ଗୃହଯୁଦ୍ଧ ହୋଇଥିଲା । ଗଣହତ୍ୟା କରୁଥିବା ହୁଲୁ ଶାସନର ପତନ ଘଟିଥିଲା । ୧୯୮୯ ରୁ ୨୦୧୯ ପର୍ଯ୍ୟନ୍ତ ସୁଦାନରେ ଏକ ବିଦ୍ରୋହ ହୋଇଥିଲା, ବଶୀରଙ୍କୁ ବାହାର କରି ଦିଆଯାଇଥିଲା । ଆଜି ସେଠାକାର ସ୍ଥିତି କ 'ଣ ? ବିବାଦ ଜାରି ରହିଛି । ଜିମ୍ବାୱେ- ୨୦୧୭ ରେ ମୁଗାବେ କ୍ଷମତାରୁ ବାହାର ହୋଇଥିଲେ । ଆଜିର ସ୍ଥିତି କ'ଣ ? ଜିମ୍ବାୱେର ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଅଧିକ ଖରାପ ରହିଛି । ଏବେ ଆସନ୍ତୁ ଲାଟିନ ଆମେରିକା ବିଷୟରେ ଆଲୋଚନା କରିବା । ୧୯୭୩ ମସିହାରେ ଚିଲିରେ ପିନୋଚେଙ୍କୁ କ୍ଷମତାରୁ ବାହାର କରାଯାଇଥିଲା । ଆଜି ସେଠାକାର ସ୍ଥିତି କ'ଣ ? ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ରହିଛି । ସେଠାରେ ଯାହା ବି ବ୍ୟବସାୟ ହେଉଛି, ତାହା ଆମେରିକାକୁ ଯାଉଛି । ମାନବାଧିକାର ସ୍ଥିତି ଅତ୍ୟନ୍ତ ଖରାପ ରହିଛି । ୧୯୭୬ ମସିହାରେ ଆର୍ଜେଣ୍ଟିନାରେ ଏକ ଅଭ୍ୟୁତ୍ଥାନ ଫଳରେ ଆର୍ଥିକ ଅସ୍ଥିରତା ସୃଷ୍ଟି ହୋଇଥିଲା । କୌଣସି ଅଗ୍ରଗତି ହୋଇନାହିଁ । ୧୯୭୯ ରେ ନିକାରାଗୁଆରେ ବିପ୍ଳବ । ସ୍ଥିତି ଆଜି ଯେମିତି ଥିଲା ସେମିତି ରହିଛି । ଯେଉଁମାନଙ୍କୁ କ୍ଷମତାକୁ ଅଣାଯାଇଥିଲା ସେମାନେ ଏକଛତ୍ରବାଦୀ ହୋଇଥିଲେ । ପାନାମାରେ ଆମେରିକାର ଆକ୍ରମଣ ସେଠାକାର ସରକାରଙ୍କୁ ହଟାଇ ଦେଇଛି, କାରଣ ଆଜି ସେଠାକାର ପାନାମା କେନାଲରେ ଆମେରିକାର ଆଗ୍ରହ ରହିଛି, ସେଥିପାଇଁ ସେମାନେ ସେଠାରେ ନିଜର ସ୍ଥିରତା ବଜାୟ ରଖିଛନ୍ତି । ସେମାନେ କହନ୍ତି ପାନାମା ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ଅଂଶବିଶେଷ । ଏବେ କଥା ହେବା ଏସିଆ ବିଷୟରେ । ୧୯୭୯-୨୦୦୧-୨୦୨୧ ଆଫଗାନିସ୍ତାନ ଉପରେ ସୋଭିଏତ୍ ଆକ୍ରମଣ ପରେ ଆମେରିକା ଆକ୍ରମଣ କରିଥିଲା । ଶେଷରେ ତାଲିବାନ । ଆମେରିକା ଆଫଗାନିସ୍ତାନକୁ ସମ୍ଭାଳି ପାରିଲା ନାହିଁ, ସେଥିପାଇଁ ଆମେରିକାକୁ ସେଠାରୁ ପଳାୟନ କରିବାକୁ ପଡ଼ିଥିଲା । ଆଜି ଆଫଗାନିସ୍ତାନର ସ୍ଥିତି କ'ଣ ? ଏହା ପୂର୍ବରୁ ଖରାପ ଅଛି । ସରକାର ଏକ ଆତଙ୍କବାଦୀ ସଙ୍ଗଠନ ହାତରେ ରହିଛି । ପାକିସ୍ତାନ-୧୯୫୮, ୧୯୭୭, ୧୯୯୯-କ୍ରମାଗତ ସାମରିକ ଅଭ୍ୟୁତ୍ଥାନ । ଆଜି କ 'ଣ ହେଲା ? ଆଜି ପାକିସ୍ତାନ କେଉଁଠି ଅଛି ? ଗଣତନ୍ତ୍ରର ଅନ୍ତ ଏବଂ ସୁରକ୍ଷାର ଅଭାବ । ସବୁକିଛି ନିର୍ଭର କରୁଛି ଆମେରିକା ଉପରେ । ପାକିସ୍ତାନ ଏବେବି ଏକ ଆତଙ୍କବାଦୀ ରାଷ୍ଟ୍ର ହୋଇ ରହିଛି, ଯାହା ଭାରତ ବିରୋଧରେ ବିଷ ଉଦଗୀରଣ କରୁଛି । ଆମେରିକା ସେଠାକାର ଜେନେରାଲଙ୍କୁ ଦୁର୍ନୀତିଗ୍ରସ୍ତ କରିଥିଲେ ଏବଂ ତାଙ୍କୁ ତାଙ୍କ କାମ କରିବାକୁ ବାଧ କରିଥିଲେ । ଶେଷରେ ପାକିସ୍ତାନ ନିଜର ନିଜସ୍ୱତା ହରାଇଛି । ଭିଏତନାମ ଯୁଦ୍ଧରେ ଦୀର୍ଘ ସମୟ ଧରି ଆମେରିକା ସେଠାକାର କମ୍ୟୁନିଷ୍ଟ ସରକାରଙ୍କୁ ସମାପ୍ତ କରିବା ପାଇଁ ଲଢ଼ିଥିଲା । କିନ୍ତୁ ଭିଏତନାମର ଲୋକମାନେ ଆମେରିକା ସହିତ ଲଢ଼ି ବିଜୟୀ ହୋଇଥିଲେ । ସେଠାରୁ ଆମେରିକା ହାରିଗଲା । ଭିଏତନାମ ଚୀନ ମଡେଲକୁ ଗ୍ରହଣ କରିଥିଲା ଏବଂ କମିଉନିଷ୍ଟ ବ୍ୟବସ୍ଥାକୁ ବଜାୟ ରଖିଥିଲା, ଯେତେବେଳେ କି ଆମେରିକା ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହୁଁଥିଲା । ଆଜି ପ୍ରତ୍ୟକ କ୍ଷେତ୍ରରେ ଏକ ଉନ୍ନତ ପରିସ୍ଥିତି ସୃଷ୍ଟି ହୋଇଛି । ସେମାନେ ଆମେରିକାକୁ ପରାସ୍ତ କରିଥିଲେ । ୧୯୭୫-୭୯ ମସିହାରେ ଆମେରିକା କାମ୍ବୋଡିଆକୁ ଧ୍ୱଂସ କରିବାରେ ନିୟୋଜିତ ଥିଲା, କିନ୍ତୁ ସେଠାରେ ଭିଏତନାମ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ୧୯୬୨, ୧୯୮୮, ୨୦୨୧ -ଆମେରିକା ସେଠାରେ ଏକ ଅଭ୍ୟୁତ୍ଥାନ କରିଥିଲା ଏବଂ ସେଠାକାର ପରିସ୍ଥିତି ଖରାପ ଅଛି । ସଦ୍ୟତମ ଖବର ହେଉଛି... ୨୦୨୪ରେ, ସେ ବାଂଲାଦେଶରେ ଏକ ନିର୍ବାଚିତ ସରକାରଙ୍କୁ ହଟାଇ ଦେଇଥିଲେ ଏବଂ ଆମେରିକା ସମର୍ଥିତ ଏକ ବ୍ୟକ୍ତିଙ୍କୁ ଆସନରେ ବସାଇଥିଲେ ଯିଏ ଆମେରିକା ହଁ ରେ ହଁ ମିଳାଉଛି । ଆଜି ରାଜନୈତିକ ଅସ୍ଥିରତା ସହିତ ବାଂଲାଦେଶର ଆର୍ଥିକ ସ୍ଥିତି ଖରାପ ରହିଛି । ବେକାରୀ ଓ ଦାରିଦ୍ର୍ୟ ବୃଦ୍ଧି ପାଉଛି । ତେଣୁ ସାମଗ୍ରିକ ସ୍ଥିତି ହେଉଛି, ଯେଉଁଠାରେ ଆମେରିକା ନିଜର ପଦଚିହ୍ନ ବିସ୍ତାର କଲା, ତାହା କେବଳ ବିନାଶ ଆଣିଥିଲା । ୨୦୧୪ ରେ ୟୁକ୍ରେନ୍ ବିଦ୍ରୋହ କରିଥିଲା, ସେଠାକାର ସରକାରଙ୍କୁ କ୍ଷମତାରୁ ବାହାର କରିଥିଲା, ଗଣତନ୍ତ୍ର ପ୍ରତିଷ୍ଠା କରିବା କଥା କହିଥିଲା, କିନ୍ତୁ ରୁଷିଆ ୟୁକ୍ରେନ୍ ଯୁଦ୍ଧକୁ ଜନ୍ମ ଦେଇଥିଲା । ଆଜି, ୟୁକ୍ରେନ୍ ଧ୍ୱଂସ ହୋଇଯାଇଛି । ଜର୍ଜିଆ- ୨୦୦୩ ରେ ବିଦ୍ରୋହ କରି ସେଠାକାର ସରକାରଙ୍କୁ କ୍ଷମତାରୁ ବାହାର କରିଥିଲା, କିନ୍ତୁ ଏହା ୟୁରୋପର ନିଜସ୍ୱ ଜନସାଂଖ୍ୟିକୀୟ ବ୍ୟବସ୍ଥାରେ ଥିବାରୁ ଏହା ପାଶ୍ଚାତ୍ୟର ଅଂଶ ହୋଇଗଲା । ସେଥିପାଇଁ ସେଠାରେ ସ୍ଥିତି ସୁଧୁରିଛି, ଆମେରିକା କାରଣରୁ ନୁହେଁ । ୨୦୨୨ ରେ କାଜାଖସ୍ତାନରେ ନାଜରବାୟେଭଙ୍କୁ ଅପସାରଣ କରାଗଲା । କ 'ଣ ରହିଛି ଆଜିର ସ୍ଥିତି... ଗୋଟିଏ ପଟେ ରୁଷର ସମସ୍ୟା ହେଉଛି ଅନିଶ୍ଚିତତା, ଅନ୍ୟ ପକ୍ଷରେ ସେମାନେ ୟୁରୋପରେ ଏକୀଭୂତ ହୋଇପାରିବେ ନାହିଁ । ମୋଟାମୋଟି ଭାବେ, ସ୍ଥିତି ଅତ୍ୟନ୍ତ ଶୋଚନୀୟ । ୧୯୯୦ ମସିହାରେ ଯୁଗୋସ୍ଲୋଭିଆରେ ମଧ୍ୟ ସମାନ ସ୍ଥିତି ଥିଲା । ୧୯୭୪ ରେ କ୍ଷମତାରୁ ବାହାର ହୋଇଥିବା ପର୍ତ୍ତୁଗାଲରେ ପରିସ୍ଥିତି ଭଲ ଅଛି, କାରଣ ଏହା ୟୁରୋପର ଏକ ଅଂଶ । ୧୯୭୪ ରେ ଯେଉଁଠାରେ ଗ୍ରୀସ୍ ବଦଳୁଛି, ତାହା ହେଉଛି କାରଣ ଏହା ୟୁରୋପର ଅଂଶବିଶେଷ । ତେଣୁ ଆମେରିକାର ହାତ ରକ୍ତରେ ରଞ୍ଜିତ ହୋଇଛି । ଆମେରିକାରେ ଗଣତନ୍ତ୍ର ନାମରେ ଏକଛତ୍ରବାଦ ଏବଂ ସମସ୍ତ ପ୍ରକାରର ଅଗଣତାନ୍ତ୍ରିକ କାର୍ଯ୍ୟ କରାଯାଉଛି । ଆମେରିକା ନିଜର ସାମ୍ରାଜ୍ୟବାଦୀ ଚରିତ୍ରକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିଛି । କାରଣ ପୁଞ୍ଜିବାଦର ଶେଷ ପର୍ଯ୍ୟାୟ ହେଉଛି ସାମ୍ରାଜ୍ୟବାଦ, ଯାହା ଅନ୍ୟ ଦେଶର ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ କରି ଯୁଦ୍ଧ ସୃଷ୍ଟି କରିଥାଏ । ବର୍ତ୍ତମାନ, ସେହି ଏକା କଥା ଇସ୍ରାଏଲକୁ ଇରାନ ସହିତ ଲଢ଼ିବାକୁ ବାଧ କରୁଛି ଏବଂ ଇରାନରେ ଏକ ଆମେରିକା ସମର୍ଥିତ ସରକାର ଗଠନ କରିବାକୁ ଚେଷ୍ଟା କରୁଛି । ଏପରି ସ୍ଥିତିରେ ପୂରା ବିଶ୍ୱର ଲୋକତନ୍ତ୍ର ପ୍ରେମୀ ଦେଶମାନେ ଆମେରିକା ବିରୁଦ୍ଧରେ ଏକତ୍ର ହୋଇ ଏକ ମଞ୍ଚ ଗଠନ କରି ଆମେରିକା ଉପରେ ଚାପ ସୃଷ୍ଟି କରିବା ଉଚିତ ।

ସୁଜନପୁର, ଯାଜପୁର
ମୋ:୯୪୩୭୨୮୦୨୮

# ପୁନରାବୃତି ନ ଘଟୁ

**ସୌଭାଗ୍ୟ ରଂଜନ ମହାନ୍ତି**

ଓଡିଆର ପରିଚୟ, ଓଡିଆର ଅସ୍ମିତା, ଓଡିଆର ନେତା ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାରେ ଅବ୍ୟବସ୍ଥା ଏବଂ ଦଳାଚକଟାରେ ୩ଜଣ ଭକ୍ତଙ୍କ ଦେହାନ୍ତ ଏବଂ ବହୁ ଗୁରୁତର ଆହତ ହେବା କେବଳ ପ୍ରଶାସନ ଅବହେଳା ନୁହେଁ, ରାଜ୍ୟ ସରକାରଙ୍କ ହେୟ ଭାବ ଦାୟୀ ବୋଲି କହିଲେ ଅତ୍ୟକ୍ତି ହେବ ନାହିଁ । କହିବା ବାହୁଲ୍ୟ ଯେ, ଏହାର ରଥଯାତ୍ରାରେ ପୂର୍ବବର୍ଷଗୁଡିକ ତୁଳନାରେ ଦେଢଗୁଣା ଭକ୍ତଙ୍କ ସମାଗମ ହୋଇଥିବା ଖୋଦ୍ ବିଭାଗୀୟ ମନ୍ତ୍ରୀ ସଗର୍ବରେ ଗଣମାଧ୍ୟମ ନିକଟରେ ବୟାନ ଦେଇଥିବାବେଳେ ଦଳାଚକଟାରେ ସମୟରେ କେହି ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ନଥିଲେ । ଏପରିକି ମୃତାହତଙ୍କୁ ପରିବାର ଓ ଭକ୍ତମାନେ ହିଁ ଉଦ୍ଧାର କରି ହସ୍‌ପିଟାଲକୁ ପଠାଇଥିଲେ । ଏହି ଘଟଣାକୁ ମନ୍ତ୍ରୀ ମଧ୍ୟ ଏକ ସାମାନ୍ୟ ଘଟଣା ବୋଲି ମନ୍ତବ୍ୟ ଦେଇଥିଲେ । ଗତ ବର୍ଷ ବଡଠାକୁର ବଳଭଦ୍ର ଚାରମାଳରେ ମୁହଁମାଡି ପଡିଯାଇଥିଲେ, ଯେଉଁ ଘଟଣା ସାଢେ ଚାରିକୋଟି ଓଡିଆଙ୍କୁ ମର୍ମାହତ କରିଥିବାବେଳେ ବିଭାଗୀୟ ମନ୍ତ୍ରୀ ଓ ଜଣେ ଉପ-ମୁଖ୍ୟମନ୍ତ୍ରୀ ଏହା ଲୀଳାମୟଙ୍କ ଲୀଳା କହି ଘଟଣାକୁ ଏଡାଇ ଯାଇଥିଲେ । ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ବର୍ଷେ ବିତିଗଲା, କିନ୍ତୁ ତଦନ୍ତ ରିପୋର୍ଟ ଆସିଲା ନାହିଁ । ଦଳାଚକଟା ଘଟଣାର ଗୁରୁତ୍ୱ ବୁଝି ମୁଖ୍ୟମନ୍ତ୍ରୀ ଅବିଳମ୍ବେ କ୍ଷମା ପ୍ରାର୍ଥନା କରିବା ସହ ଏହା ଅକ୍ଷମଣୀୟ ଅପରାଧ ବୋଲି ସ୍ୱୀକାର କରିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରିବା ସହ ଦୁଇଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ସେହିପରି ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ରଥ ପରିଚାଳନା ପାଇଁ ସ୍ଥାନୀୟ ପୂର୍ବତନ ଜିଲ୍ଲାପାଳ ଏବଂ ପୋଲିସ ତଥା ସୁରକ୍ଷା ତଦାରଖ ପାଇଁ ପୂର୍ବତନ ଏସପି ତଥା ଅଭିଜ୍ଞ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଚୋର ଚୋରି କରି ଯିବାପରେ ଫାଟକ ବନ୍ଦ କରିବା ସଦୃଶ ହୋଇଛି ବୋଲି କୁହାଯାଇପାରେ ।

ଉଲ୍ଲେଖ କରାଯାଇପାରେ ଯେ, ଚଳିତ ବର୍ଷର ରଥଯାତ୍ରାକୁ ଶୃଙ୍ଖଳିତ ଓ ଯାତ୍ରୀଙ୍କ ସୁରକ୍ଷା ଏଆଇ, ଡ୍ରୋନ ମୁତୟନ ଠାରୁ ଆରମ୍ଭ କରି ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ନୀତି ନିର୍ଘଂଟ ମଧ୍ୟ ସ୍ଥିର ହୋଇଥିଲା । କାରଣ ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ନୀତିକାନ୍ତିର ଠାକୁର । କିନ୍ତୁ ରଥଯାତ୍ରା ଦିନ ରଥଟଣାରେ ଅହେତୁକ ବିଳମ୍ବ ଏବଂ ବିଧି ରକ୍ଷା ପାଇଁ ରାତିରେ କିଛି ବାଟ ଗଡାଇ ଦିଆଯାଇଥିଲା । ଯାହା ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ କରିଥିଲା । ଏଭଳି ବିଧି ବିଭ୍ରାଟକୁ ସରକାର ଗ୍ରହଣ କରିବା ପରିବର୍ତ୍ତେ ରଥଯାତ୍ରା ଶୃଙ୍ଖଳିତ ହୋଇଛି ବୋଲି ଡିଣ୍ଡିମ ପିଟୁଥିବାବେଳେ ମୁଖ୍ୟ ପ୍ରଶାସକ ମହାପଭୁଙ୍କର ହୁଏତ ଇଚ୍ଛା ଥିଲା ବୋଲି କହିବା ବିଧି ଓ ନୀତି ପ୍ରତି କେତେ ଅଙ୍ଗୀକାର, ତାହା ବୁଝାପଡେ । ରଥଟଣାରେ ଅହେତୁକ ବିଳମ୍ବ ପାଇଁ କଡନ୍ ଭିତରେ ଅତ୍ୟଧିକ ଭିଡକୁ ଦାୟୀ କରାଯାଇଥିଲା । ତେବେ ପ୍ରଶ୍ନ ଉଠୁଛି ଏହି କଡନ୍ ପାସ୍ ଦେଲା କିଏ ? ୧୦ହଜାର ଲୋକଙ୍କୁ କଡନ୍ ପାସ ଦିଆଯାଇଥିବା କୁହାଯାଉଛି । ଏପରିକି ରଥଯାତ୍ରା ସହ ସମ୍ପୃକ୍ତ ନଥିବା ବିଜେପି ନେତା, କର୍ମୀ, ବଜରଙ୍ଗ ଦଳ ସମେତ ଦଳ ସହ ସମ୍ପୃକ୍ତ ବିଭିନ୍ନ ସଂଗଠନର ୧୨୦୦ ସଦସ୍ୟଙ୍କୁ କଡନ୍ ପାସ୍ ଦିଆଯାଇଥିବା ଅଭିଯୋଗ ହୁଏ । କିନ୍ତୁ ଭୁବନେଶ୍ୱରରୁ ରାଜ୍ୟ ଲୋକସମ୍ପର୍କ ବିଭାଗ ଦ୍ୱାରା ନିଆଯାଇଥିବା ପ୍ରେସ୍ ପାଶ୍ ଧରି ସାମ୍ବାଦିମାନଙ୍କୁ କଡନ୍ ଭିତରକୁ ନଛାଡିବା ଏବଂ ସେମାନଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମାଡ ମାରିବା ପ୍ରଶାସନର ଉଦ୍ଧତ ପଣିଆର ପରିଚୟ ଦିଏ । ସାମ୍ବାଦିକମାନଙ୍କୁ ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ କରି ନିଆଯାଇଥିବାବେଳେ ସେମାନଙ୍କୁ କଡନ୍ ଭିତରକୁ ନଛାଡିବା ଏବଂ ମାଡ ମାରିବା ଘଟଣା ପ୍ରଶାସନ ଓ ସରକାର ପ୍ରକୃତ ଖବର ଚାହିଁ ନଥିବା ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, ପ୍ରଶାସନ ଶାସନୀକ ନୀତିର ପାଳନ କରି ତାର କାର୍ଯ୍ୟ କରିଥାଏ । ଆରମ୍ଭରୁ ଯଦି ନୀତିଗତ ତୃଟି ରହିଥିବ, ତେବେ ସରକାର ଏଥିପାଇଁ ଦାୟୀ । ଉଲ୍ଲେଖଯୋଗ୍ୟ ଯେ, ରଥଯାତ୍ରା ପ୍ରସ୍ତୁତିରେ ଶ୍ରମନ୍ଦିର ପରିଚାଳନା କମିଟି ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଚଳିତ ବର୍ଷ ପରିଚାଳନା କମିଟି ବିନା ରଥଯାତ୍ରା ହୋଇଛି । ଆରମ୍ଭରୁ ଏଭଳି ବିଭ୍ରାଟ ନେଇ ଗଣମାଧ୍ୟମରେ ଆଶଙ୍କା କରାଯାଇଥିଲା । ଯାହା ସତ୍ୟ ପ୍ରମାଣିତ ହୋଇଛି । ଏଥିପାଇଁ ସରକାର ଦାୟୀ । ବିଭାଗୀୟ ମନ୍ତ୍ରୀ ଉତରଦାୟୀ । କେବଳ ପ୍ରଶାସନ ଅଧିକାରୀଙ୍କୁ ବଦଳି କିମ୍ବା ନିଲମ୍ବନରେ ସମସ୍ୟା ସମାଧାନ ହେବ ନାହିଁ । ବିଭାଗୀୟ ମନ୍ତ୍ରୀଙ୍କ ଅପାରଗତା ମଧ୍ୟ ଦାୟୀ ନେଇ କାର୍ଯ୍ୟାନୁଷ୍ଠାନ ହେବା ଦରକାର । କହିବା ଅଯଥାର୍ଥ ହେବ ନାହିଁ ଯେ, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ନେଇ ସରକାର ଗତ ବର୍ଷକ ମଧ୍ୟରେ ନିଜର ସବୁଠୁ ବଡ ସଫଳତା ବୋଲି ଡିଣ୍ଡିମ ପିଟୁଛନ୍ତି । ମାତ୍ର ଗମ୍ଭୀର ଭିତରେ ଅବ୍ୟବସ୍ଥା, ଭକ୍ତଙ୍କ ଦୁର୍ଦ୍ଦଶା ନେଇ ସରକାର କେବେ ଭାବିଛନ୍ତି କି ? ଗମ୍ଭୀର ଭିତରେ ଧାଡି ଦର୍ଶନ ପାଇଁ ତାରିଖ ଗଡି ଚାଲିଛି । କିନ୍ତୁ କାର୍ଯ୍ୟକାରୀ ହୋଇପାରିନଥିବା ଭକ୍ତଙ୍କ ଦୁର୍ଦ୍ଦଶା ବଢିଚାଲିଛି । ଏବେ ଶ୍ରୀମନ୍ଦିରରେ ଭକ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି । ସେହି ହାରରେ ରଥଯାତ୍ରାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ସଂଖ୍ୟା ବଢିବା ସ୍ୱାଭାବିକ । ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବା ଆକସ୍ମିକ ନଥିଲା । ଏଥିଲାଗି ସରକାର ସମସ୍ତ ପୂର୍ବପ୍ରସ୍ତୁତି କରିଥିବା ବାରମ୍ବାର ଘୋଷଣା ଦୃଢୋକ୍ତି ପ୍ରକାଶ କରିଥିବାବେଳେ ଅବ୍ୟବସ୍ଥା ଓ ଦଳାଚକଟା କେବଳ ଭକ୍ତଙ୍କ ସୁରକ୍ଷାକୁ ବିପନ୍ନ କରିନାହିଁ, ରଥଯାତ୍ରାର ବିଶ୍ୱବ୍ୟାପୀ ପ୍ରସିଦ୍ଧିକୁ କଳୁଷିତ କରିଛି ବୋଲି କହିଲେ ଭୁଲ ହେବ ନାହିଁ । ଏଥିରୁ ପ୍ରଶାସନ ଓ ସରକାର କିଛି ଶିକ୍ଷା କରିବା ଆବଶ୍ୟକ । ଆଗକୁ ବାହୁଡା ଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ଉତ୍ସବ ଥିବାରୁ ଆହୁରି ଅଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି । ଏଥିଲାଗି ସରକାର ଓ ପ୍ରଶାସନ ପ୍ରସ୍ତୁତ ହେବା ସହ ସର୍ତକତା ମୂଳକ ପଦକ୍ଷେପ ଗ୍ରହଣ କରିବା ବର୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା । ଅବ୍ୟବସ୍ଥା ଓ ଦଳାଚକଟା ଘଟଣାର ଯେପରି ପୁନରାବୃତି ନହୁଏ ସେଥିପ୍ରତି ସରକାର ଅଗ୍ରାଧିକାର ଦେଇ ଘଟଣାର ପ୍ରଶାସନିକ ନୁହେଁ, ବିଚାର ବିଭାଗୀୟ ତଦନ୍ତ କରାଇବେ ବୋଲି ଆମର ଆଶା ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

# ଦୁଃଖର ତିନୋଟି କାରଣ

**ମାନସ କୁମାର କର**

ଯେତେବେଳେ ଜଣେ ମଣିଷ ଜନ୍ମ ହୁଏ, ସେ ସୁଖ ଏବଂ ଦୁଃଖ ଉଭୟ ଅନୁଭବ କରେ । ଲୋକମାନେ ଆନନ୍ଦ ସହିତ ଖୁସି ପାଳନ କରନ୍ତି କିନ୍ତୁ ଦୁଃଖ ସେମାନଙ୍କ ପାଇଁ କଷ୍ଟକର ହୋଇଯାଏ ଏବଂ ଏହିଠାରୁ ଆଧ୍ୟାତ୍ମିକତା ସେମାନଙ୍କ ଜୀବନରେ ପ୍ରବେଶ କରେ, ଯାହା ସେମାନଙ୍କୁ ଦୁଃଖକୁ ବୁଝିବା ଏବଂ ସେଗୁଡ଼ିକରୁ ମୁକ୍ତି ପାଇବାର ଉପାୟ ଦେଖାଏ । ଏହି ଦୁଃଖ ସହିତ ଜଡିତ ଆଧ୍ୟାତ୍ମିକତା ଏବଂ ଦର୍ଶନରେ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ଅଛି – 'ତ୍ରିବିଧ ତାପ', ଯାହା କୁହେ ଯେ ଜୀବନରେ ଆମକୁ ଯେକୌଣସି କଷ୍ଟ କିମ୍ବା ଦୁଃଖ ଭୋଗିବାକୁ ପଡ଼େ, ତାହା ମୂଳତଃ ତିନି ପ୍ରକାରର । ମଣିଷ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ତିନି ପ୍ରକାରର କଷ୍ଟ ଦେଇ ଗତି କରେ, ଯାହାକୁ ତ୍ରିବିଧ ତାପ କୁହାଯାଏ । ତିନି ପ୍ରକାରର ତ୍ରିବିଧ ତାପ ଅଛି: ଆଧ୍ୟାତ୍ମିକ ତାପ, ଶାରୀରିକ ତାପ ଏବଂ ଦିବ୍ୟ ତାପ । ଆଧ୍ୟାତ୍ମିକ ତାପ ନିଜ ଶରୀର ଏବଂ ମନରୁ ଉତ୍ପନ୍ନ ହୁଏ ।

ତ୍ରିବିଧ ତାପରୁ ମୁକ୍ତି ପାଇବା ପାଇଁ ଉପାୟଗୁଡ଼ିକ ମଧ୍ୟରେ ଧ୍ୟାନ, ଜପ, ଯୋଗ, ଆତ୍ମନିରୀକ୍ଷଣ ଏବଂ ଜୀବନରେ ଧର୍ମ ଏବଂ ନୀତି ଅନୁସରଣ ଅନ୍ତର୍ଭୁକ୍ତ । ମଣିଷ ତିନି ପ୍ରକାରର ଦୁଃଖ ଭୋଗ କରେ – ଶାରୀରିକ, ମାନସିକ ଏବଂ ଭାବପ୍ରବଣ । ତେଣୁ, କିଛି ଦୁଃଖ ସ୍ଥୂଳ ଶରୀର ଦ୍ୱାରା, କିଛି ସୂକ୍ଷ୍ମ ଶରୀର ଦ୍ୱାରା ଏବଂ କିଛି କାରଣ ଶରୀର ଦ୍ୱାରା ଭୋଗେ । ଦର୍ଶନ ଏବଂ ଆଧ୍ୟାତ୍ମିକତାରେ, ମଣିଷ ସମ୍ମୁଖୀନ ହେଉଥିବା ଦୁଃଖକୁ ତିନି ପ୍ରକାରରେ ବିଭକ୍ତ କରାଯାଇଛି, ଯାହାକୁ ତ୍ରିବିଧ ତାପ କୁହାଯାଏ । ସଂସ୍କୃତରେ, 'ତାପ' ଅର୍ଥ – ଯନ୍ତ୍ରଣା କିମ୍ବା କଷ୍ଟ । 'ତ୍ରିବିଧ' ଅର୍ଥ – ତିନି ପ୍ରକାର । ଅର୍ଥାତ୍, ତ୍ରିବିଧ ତାପର ଅର୍ଥ – ଜଣେ ମଣିଷକୁ ଭୋଗ କରିବାକୁ ପଡୁଥିବା ତିନି ପ୍ରକାରର ଦୁଃଖ । ଏଗୁଡ଼ିକ ମୁଖ୍ୟତଃ ଆୟୁର୍ବେଦ ଏବଂ ଭଗବଦ୍ ଗୀତା ଭଳି ଗ୍ରନ୍ଥରେ ବର୍ଣ୍ଣିତ । ଯଥା ଆଧ୍ୟାତ୍ମିକ ତାପ, ଜଣେ ବ୍ୟକ୍ତିର ନିଜ ଶରୀର ଏବଂ ମନରୁ ଉତ୍ପନ୍ନ ହୁଏ । ଏଥିରେ ଜ୍ୱର, ମୁଣ୍ଡବିନ୍ଧା, ଆଘାତ, ରୋଗ ଇତ୍ୟାଦି ଶାରୀରିକ କଷ୍ଟ ଏବଂ ଚିନ୍ତା, ଦୁଃଖ, କ୍ରୋଧ, ଈର୍ଷା, ଭୟ ଇତ୍ୟାଦି ମାନସିକ ତାପ ଅନ୍ତର୍ଭୁକ୍ତ । ମନ ଏବଂ ଶରୀରର ବିକାରରୁ ଉତ୍ପନ୍ନ ଏହି ତାପ ସବୁଠାରୁ ସାଧାରଣ ଏବଂ ଜୀବନରେ ବାରମ୍ବାର ଅନୁଭୂତ ହୁଏ । ସନ୍ତୁଳିତ ଜୀବନଶୈଳୀ, ଉପଯୁକ୍ତ ଖାଦ୍ୟ ଏବଂ ମାନସିକ ଅଭ୍ୟାସ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ସେଇଭଳି ଅଧିଭୌତିକ ତାପ ଅବା ଭୌତିକ କଷ୍ଟ ଯେପରିକି ଶତ୍ରୁ ଆକ୍ରମଣ, ଚୋରି, ଦୁର୍ଘଟଣା, ହିଂସ୍ର ପ୍ରାଣୀ ଦ୍ୱାରା ହୋଇଥିବା କ୍ଷତି ଇତ୍ୟାଦି ହେତୁ ହୋଇଥାଏ । ଏହି କଷ୍ଟ ସେତେବେଳେ ଘଟେ ଯେତେବେଳେ ବାହ୍ୟ ଜଗତର ସଙ୍କଟ ଜଣେ ବ୍ୟକ୍ତିର ଜୀବନକୁ ପ୍ରଭାବିତ କରେ । ଠିକ ସେଇଭଳି ଅନ୍ୟଟି ହେଉଛି ଅଧିଦୈବିକ ତାପ ଅବା ଦୈବୀକ କଷ୍ଟ,ଏହି କଷ୍ଟ ଏପରି କାରଣ ଯୋଗୁଁ ହୁଏ ଯାହା ମଣିଷର ନିୟନ୍ତ୍ରଣ ବାହାରେ । ଯେପରିକି ପ୍ରକୃତିର କ୍ରୋଧ ଯଥା ଭୂମିକମ୍ପ, ଝଡ଼, ଅତ୍ୟଧିକ ବର୍ଷା, ମରୁଡି, ମହାମାରୀ ଇତ୍ୟାଦି କିମ୍ବା ଗ୍ରହ ଏବଂ ନକ୍ଷତ୍ରର ସ୍ଥିତି, କର୍ମର ଫଳାଫଳ ଇତ୍ୟାଦି ଦିବ୍ୟ କିମ୍ବା ସ୍ୱର୍ଗୀୟ ପ୍ରଭାବ । ଏହି ଯନ୍ତ୍ରଣା ସହ୍ୟ କରିବା ସବୁଠାରୁ କଷ୍ଟକର, କାରଣ ବ୍ୟକ୍ତିର ପ୍ରୟାସ ଦ୍ୱାରା ଏହାକୁ ଏଡାଯାଇପାରିବ ନାହିଁ । ଏପରି ପରିସ୍ଥିତିରେ, କେବଳ ଧୈର୍ଯ୍ୟ, ବିଶ୍ୱାସ ଏବଂ ଆତ୍ମସମର୍ପଣ ସହାୟକ ହୋଇଥାଏ ।

ଧ୍ୟାନ, ଜପ, ଯୋଗ, ଆତ୍ମନିରୀକ୍ଷଣ, ଜୀବନରେ ଧର୍ମ ଏବଂ ନୀତି ଅନୁସରଣ, ଆୟୁର୍ବେଦ ଅନୁସାରେ ଖାଦ୍ୟ, ଆଚରଣ ଏବଂ ନିୟମିତ ଦିନଚର୍ଯ୍ୟା, ପରିବେଶ ସୁରକ୍ଷା ଏବଂ ଋତୁ ଅନୁସାରେ ଜୀବନଯାପନ । ତ୍ରିବିଧ ତାପ ତତ୍ତ୍ୱ କେବଳ ଏକ ଦାର୍ଶନିକ ଧାରଣା ନୁହେଁ ବରଂ ଏକ ବ୍ୟବହାରିକ ମାର୍ଗଦର୍ଶିକା ଯାହା ଆମକୁ ଶିକ୍ଷା ଦିଏ ଯେ ଆମ ଜୀବନରେ ଦୁଃଖ କେଉଁଠାରୁ ଆସେ ଏବଂ ଆମେ ସେଗୁଡ଼ିକୁ କିପରି ମୁକାବିଲା କରିପାରିବୁ । ଯେତେବେଳେ ଆମେ ଏହି ପଥଗୁଡ଼ିକୁ ଚିହ୍ନିବା ଏବଂ ବୁଝିବା ଆରମ୍ଭ କରୁ, ସେତେବେଳେ ଆମେ ଦୁଃଖ ସହିତ ଲଢ଼ିବା ଅପେକ୍ଷା ଏହାକୁ ଗ୍ରହଣ କରି ଏକ ଶାନ୍ତିପୂର୍ଣ୍ଣ ଜୀବନଯାପନ ଗ୍ରହଣ କରିବାକୁ ଆଗେଇ ପାରିବା ।

କୋଠାଙ୍ଗ, କୋଣାର୍କ
ମୋ:୭୩୮୧୩୮୨୨୧୦

## ସଂପାଦକଙ୍କୁ ପତ୍ର

### ଶାରୀରିକ ବିକାଶରେ ଯୋଗ

ମହାଶୟ,

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଚର୍ଯ୍ୟା ଉଭୟ ଶାରୀରିକ ଓ ମାନସିକ ଅବସ୍ଥାରେ ସନ୍ତୁଳନ ରକ୍ଷା କରିବାରେ ଆଦୌ ସହାୟ ହେଉନାହିଁ । ଫଳରେ ମନୁଷ୍ୟ ପ୍ରତିକ୍ରିୟାଶୀଳ ହୋଇ କରିଚାଲିଛି ଅନେକ ଅଭାବନୀୟ କାଣ୍ଡ , କେଉଁଠି ପାରିବାରିକ ତିକ୍ତତା ତ କେଉଁଠି ପ୍ରତିଶୋଧ ପରାୟଣ ହୋଇ କରିଚାଲିଛି ଅନେକ ସାମାଜିକ ଅପରାଧ । ମଣିଷ ର ପଞ୍ଚେନ୍ଦ୍ରିୟ ରେ ସନ୍ତୁଳନ ରକ୍ଷା କରିବା ସହ ମନ ଓ ଶରୀର କୁ ସଂଯୋଗ କରିବାରେ ଯୋଗ ର ଉପଯୋଗୀତା ମଣିଷ ପାଇଁ ଢେର୍ ଅଧିକ । ମଣିଷ ବିତାଉଥିବା ଆଧୁନିକ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ପରିବେଶ, ରାସାୟନିକ ସାରଯୁକ୍ତ ଖାଦ୍ୟଶସ୍ୟ, ପନିପରିବା, ଅସନ୍ତୁଳିତ ଖାଦ୍ୟ ପ୍ରଭାବ ଜନ୍ମ ଦେଉଛି ବିଭିନ୍ନ ଶାରୀରିକ ସମସ୍ୟା ସହ ଅନେକ ରୋଗ ବ୍ୟାଧି । ଅସମୟରେ ରେ ମୋଟାପଣର ସହିତ ବିଭିନ୍ନ ପ୍ରକାର ଜଟିଳ ସମସ୍ୟା ଯଥା ଡାଇବେଟିସ, ବ୍ଲଡ଼ପ୍ରେସର, ହାର୍ଟ ଆଟାକ୍, କ୍ୟାନସର୍ ଆଦି ମାରାତ୍ମକ ରୋଗ ମଣିଷ ପାଇଁ ଏକ ଚିନ୍ତାର କାରଣ । ଅନ୍ୟପକ୍ଷରେ ପଞ୍ଚଭୂତ ରେ ଗଢ଼ା ମନୁଷ୍ୟ ଶରୀରର ସାମଗ୍ରିକ ବିକାଶ କୁ ହିଁ ସ୍ୱାସ୍ଥ୍ୟବସ୍ଥା ବୁଝାଯାଏ । ମଣିଷ ତା'ର ଜୀବନ କାଳରେ ବିଭିନ୍ନ ଶାରୀରିକ ଅବସ୍ଥା ଦେଇ ଗତି କରେ । ଶରୀରକୁ ସୁସ୍ଥ ଓ ନିରାମୟ ରଖିବାକୁ ହେଲେ ଯୋଗ ର ଆବଶ୍ୟକତା କୁ କଦାପି ଏଡ଼ାଇ ଦିଆଯାଇ ନ ପାରେ । ଜୀବନ କୁ ଉପଭୋଗ କରିବାକୁ ହେଲେ ଶରୀରକୁ ଉପଯୁକ୍ତ ଯତ୍ନ ନେବାକୁ ପଡିବ, ଏ କଥାର ଗୁରୁତ୍ୱ ଉପଲବ୍ଧି କରି, ଆଗ କାଳରେ, ମୁନିଋଷି, ସାଧୁସନ୍ଥମାନେ ଯୋଗ କୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗକୁ ବ୍ରତ ରୂପେ ଆପଣାଉଥିଲେ । ସୁତରାଂ ଯୋଗ, ପ୍ରାଣାୟାମ ଓ ଅନ୍ୟାନ୍ୟ ଶାରୀରିକ ବ୍ୟାୟାମ ଦ୍ୱାରା ଉଭୟ ଶରୀର ଓ ମନ ସୁସ୍ଥ ହୋଇପାରିବ । ଏହି ପରିପ୍ରେକ୍ଷୀରେ ବିଚାର କଲେ, ଯୋଗ ହେଉଛି ୫,୦୦୦ ବର୍ଷ ତଳର ପ୍ରାଚୀନ ପରମ୍ପରା ଯାହା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକୁ ଏକତ୍ର କରିବା ସହିତ ଶରୀର ଓ ମନ ମଧ୍ୟରେ ଏକକ ସମନ୍ୱୟ ରକ୍ଷା କରିଥାଏ ।

ପ୍ରଭାତ କୁମାର ଦେବତା,
ବିରିଡ଼ି, ଜଗତସିଂହପୁର






# ୭୦ ବର୍ଷରେ ପଦାର୍ପଣ କଲା ଏସ୍‌ବିଆଇ

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଭାରତରେ ସେବା ଯୋଗାଇ ଆସିବାକୁ ୭୦ବର୍ଷ ପୂରଣ ହୋଇଛି । ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଗତ ଦଶନ୍ଧିରେ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ଡିଜିଟାଲ ପରିବର୍ତନ ଭଳି ପଦକ୍ଷେପ ଗ୍ରହକ ମାନଙ୍କୁ ବହୁଳ ଭାବେ ଲାଭ ପ୍ରଦାନ କରିଥିବାର କହିଛନ୍ତି । ୭୦ ବର୍ଷ ପୂର୍ତି ଅବସରରେ ବିତ ମନ୍ତ୍ରୀ ଏସବିଆଇକୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ ନିମନ୍ତେ ଏହା ଭାରତରେ ନିଜର ସେବା ଜାରି ରଖିବ ବୋଲି ଆଶା ପ୍ରକାଶ କରିଛନ୍ତି । ସାରା ଭାରତରେ ୨୩,୦୦୦ରୁ ଉର୍ଦ୍ଧ୍ୱ ବ୍ରାଂଚ୍, ୭୮,୦୦୦ କଷ୍ଟମର ସର୍ଭିସ ପଏଂଟ୍ ସହ ୬୪,୦୦୦ ଏଟିଏମ ସେଂଟର ସହିତ ଏସବିଆଇ ଭାରତର ଏକ ବୃହତ ବ୍ୟାଙ୍କିଂ ନେଟୱର୍କ ଅଟେ । ଏସବିଆଇର ପରିଚାଳନା ପ୍ରକ୍ରିୟାରେ ଡିଜିଟାଲ ପରିବର୍ତନ ବିଗତ ଦଶନ୍ଧିରେ, ଏହାର ଗ୍ରାହକଙ୍କୁ ବହୁଳ ମାତ୍ରାରେ ଲଭବାନ କରିପାରିଛି ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ନିଜ ଏକ୍ସ ହ୍ୟାଣ୍ଡେଲରେ ପ୍ରକାଶ କରିଛନ୍ତି । ସାଧାରଣ ଜନତାଙ୍କୁ ସହାୟତା ଯୋଗାଇଛି: ଏସବିଆଇ ଦେଢ କୋଟି ଚାଷୀ, ୧.୩ କୋଟି ମହିଳାଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠି, ୩୨ ଲକ୍ଷ ଖୁଚୁରା ଦୋକାନୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ସାମିଲ କରିଛି । ଏହା ସହ ୨୩ ଲକ୍ଷ ମିଡିୟମ୍ ସ୍କେଲ୍ ମିଡିୟମ୍ ଏଂଟରପ୍ରାଇସ ସହ ଲକ୍ଷଲକ୍ଷ କଳାକାର ମାନଙ୍କୁ ବିଭିନ୍ନ ଯୋଜନାରେ ଅନେତରେଭିକ୍ତ କରିଛି । ଏସବିଆଇରେ ୧୫କୋଟିରୁ ଅଧିକା ଜନଧନ ଆକାଉଂଟ ରହିଛି । ଏହା ସହ ୧୪.୬୫ କୋଟି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ୧.୭୩ କୋଟି ଅଟଳ ପେନସନ ଯୋଜନା ଏବଂ ୭ କୋଟି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଆକାଉଂଟ ରହିଛି । ନିଜର ୭୦ ତମ ବର୍ଷ ପୂର୍ତି ଅବସରରେ ଏସବିଆଇ, ଆଗାମୀ ୨୦୨୭ ମସିହା ସୁଦ୍ଧା ୪୦ ଲକ୍ଷ ଘରେ ସୌରଶକ୍ତି ପହଁଚାଇବ ବୋଲି ନିଜର ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲା । ଏହା ଦ୍ୱାରା ଦେଶ ନବୀକରଣ ଶକ୍ତିସ୍ରୋତକୁ ଆପଣାଇବା ଲକ୍ଷ୍ୟକୁ ସାଧନ କରାଯାଇପାରିବ । ଆମେ ଆମର ଲୋକ, ପ୍ରଯୁକ୍ତିବିଦ୍ୟା ଏବଂ ଭିତିଭୂମିର ବିକାଶ ପାଇଁ ଗଭୀର ଭାବେ ନିବେଶ କରୁଛୁ । ଏହା ଦ୍ୱାରା ଅନେକ ଆଶା ଓ ଆକାଂକ୍ଷାକୁ ଗତି ଓ ଦାୟିତ୍ୱପୂର୍ଣ୍ଣ ଉପାୟରେ ପୂରଣ କରିହେବ । ଏସବିଆଇ ଅଧକ୍ଷ ସିଏସ ସେଟ୍ଟୀ କହିଛନ୍ତି, ଆମର ସଂଖ୍ୟା ବଢାଇବା ଲକ୍ଷ୍ୟ ନୁହେଁ, ବରଂ ଏକ ଉଦ୍ଦେଶ୍ୟ ସହିତ ପ୍ରତ୍ୟେକ ଅଂଶୀଦାରଙ୍କ ଲାଭକୁ ଦୀର୍ଘକାଳୀନ କରିବା ସହିତ ଭାରତକୁ ଶକ୍ତିଶାଳୀ କରିବ ସହିତ ଏକ ସୁଦୃଢ ଭବିଷ୍ୟତ ଆଡକୁ ନେବା ହେଉଛି ଆମର ଲକ୍ଷ୍ୟ ବୋଲି କହିଛନ୍ତି । ସ୍ୱାଧୀନତା ପରବର୍ତୀ କାଳରେ ଦେଶକୁ ସବୁଜ ଅର୍ଥନୈତିକ ଦିଗରେ ଆଗେଇ ନେଇଛି: ଏସବିଆଇ ୧୯୫୫ ମସିହା ଜୁଲାଇ ୧ ତାରିଖରୁ ଭାରତରେ ସେବା ଯୋଗାଇ ଆସୁଥିବା ବେଳେ ସ୍ୱାଧୀନତା ପରବର୍ତୀ କାଳରେ ଭାରତର ପ୍ରାଥମିକ ଉନ୍ନତି ଲକ୍ଷଣ ଗୁଡିକୁ ହାସଲ କରିବାରେ ସାହାଯ୍ୟ କରିଆସିଛି । ଏହା ସହିତ ଭାରତକୁ ଏହାର ଡିଜିଟାଲ ଯୁଗରେ ଅଗ୍ରୀମ ସେବା ଯୋଗାଇ ଦେଶକୁ ସବୁଜ ଅର୍ଥନୈତିକ ଦିଗରେ ଆଗେଇବାରେ ସାହାଯ୍ୟ କରିଛି ।

ଭାରତର ଏକ ପ୍ରମୁଖ ବ୍ୟାଙ୍କ ହିସାବରେ ଏହା ୫୨ କୋଟି ଲୋକଙ୍କ ଜୀବନରେ ପରିବର୍ତନ ଆଣିପାରିଛି । ଏହା ଦେଶର ସର୍ବବୃହତମ ବ୍ୟାଙ୍କ ଭାବେ ଏହା ଘରୋଇ ସଂଚୟ ଠାରୁ ନେଇ ବହୁ ବଡ ଅନୁଷ୍ଠାନର ଭିତିଭୂମି ପରିଚାଳନା କରିଥାଏ । ଏହା ସହିତ ଷ୍ଟାର୍ଟଅପ ଇକୋସିଷ୍ଟମ ସହିତ ସମଗ୍ର ବିଶ୍ୱରୁ ଦେଶକୁ ଆସୁଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ରାଶିକୁ ମଧ ପରିଚାଳନା କରିଥାଏ । ଏସବିଆଇ ନିଜ ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ନିରନ୍ତର ଭାବେ ନିଜର ସେବାରେ ଉନ୍ନତି ଆଣିଛି । ଏହା ସହ ବାଣିଜ୍ୟ ଅର୍ଥକୁ ସୁଗମ ଭାବେ ପରିଚାଳନା ପାଇଁ ଡିଜିଟାଲାଇଜେସନ୍, ଉତମମାନକୀରଣ ମାଧମରେ ସେବା ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ଚେଷ୍ଟିତ ।

# କମିଲା ଗ୍ୟାସ ଦର



ପହିଲାରୁ ଉପଭୋକ୍ତାଙ୍କ ପାଇଁ ଆସିଲା ଖୁସି ଖବର । ଦରଦାମରୁ ମିଳିଲା ଆଶ୍ୱସ୍ତି । କମିଲା ଗ୍ୟାସ ଦର । ତୈଳ ମାର୍କେଟିଂ କମ୍ପାନୀ ୧୯କେଜି ଏଲପିଜି ସିଲିଣ୍ଡର ଦର କମାଇଛନ୍ତି । ଆଜିଠୁ ଏହି ନୂଆ ଦର ଲାଗୁହେବ । ୧୯କେଜି କମର୍ସିଆଲ ଗ୍ୟାସ ଦର ପ୍ରାୟ ୬୦ ଟଙ୍କା ଶସ୍ତା ହୋଇଛି । ଘରୋଇ ସିଲିଣ୍ଡର ଅର୍ଥାତ ୧୪ କିଲୋ ଏଲପିଜି ସିଲିଣ୍ଡର ଦାମରେ କୌଣସି ପରିବର୍ତନ ହୋଇନାହିଁ । ଶସ୍ତା ହେବା ପରେ ନୂଆ ନିୟମ- ଆଇଓସିଏଲ ୱେବସାଇଟ୍ ମୁତାବିକ୍, ଜୁଲାଇ ୧ ଅର୍ଥାତ୍ ଆଜିଠୁ ସଂଶୋଧିତ ଦଲ ଲାଗୁ ପରେ ୧୭୨୩ ଟଙ୍କା ୫୦ ପଇସା ଥିବା କମର୍ସିଆଲ ଏଲପିଜି ସିଲିଣ୍ଡର କମି ୧୬୬୫ ଟଙ୍କା ହୋଇଛି । ଏହି ହିସାବରେ କମ୍ପାନୀ ସିଲିଣ୍ଡର ପ୍ରତି ୫୮.୫୦ ପଇସା କମ୍ ହୋଇଛି । ନୂଆ ଦର ଅନୁସାରେ କୋଲକାତାରେ ୧୦ କେଜି ଏଲପିଜି ଦର ୧୮୨୬ ଟଙ୍କାରୁ କମି ୧୭୬୯ ହୋଇଛି । ମୁମ୍ବାଇରେ ୧୬୭୪.୫୦ ଟଙ୍କାରୁ ୧୬୧୬.୫୦ ଟଙ୍କା ହୋଇଛି । ସେହିପରି ଚେନ୍ନାଇରେ ୧୮୮୧ ଟଙ୍କାରୁ ୧୮୩୨.୫୦ ଟଙ୍କା ହୋଇଛି । ଏହାପୂର୍ବରୁ ଜୁନ୍‌ରେ ଏଲପିଜି ସିଲିଣ୍ଡର ଦର ୨୪ ଟଙ୍କା କମିଥିଲା । ତୈଳ କମ୍ପାନୀ ପ୍ରତିମାସ ପହିଲାରେ ଦାରଦାମର ସମୀକ୍ଷା କରିଥାଏ । ୧୯ କେଜି ଗ୍ୟାସ ସିଲିଣ୍ଡର କମିବା ହୋଟେଲ, ରେଷ୍ଟୁରାଂଟ୍, ଢାବା ଏବଂ ଅନ୍ୟ ବ୍ୟବସାୟିକ ସଂସ୍ଥାକୁ ଆଶ୍ୱସ୍ତି ମିଳିଛି । ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ କମିନାହିଁ -ଗୋଟିଏ ପଟେ କମର୍ସିଆଲ ଗ୍ୟାସ ଦର କମିଛି ହେଲେ ଘରୋଇ ଗ୍ୟାସ ସିଲିଣ୍ଡର ଦରରେ କୌଣସି ପରିବର୍ତନ ହୋଇନାହିଁ । ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଦର ୨୦୨୫ ଏପ୍ରିଲ ୮ ପରଠୁ ବଦଳିନାହିଁ । ଦିଲ୍ଲୀରେ ଘରୋଇ ଗ୍ୟାସ ସିଲିଣ୍ଡର ଦର ୮୫୨.୫୦ ଟଙ୍କା ଓ ଚେନ୍ନାଇରେ ୮୬୮.୫୦ ଟଙ୍କା ରହିଛି ।

# ଆଧାର ଗ୍ରହଣୀୟତାରେ ଓଡ଼ିଶା ଅଗ୍ରଣୀ




ଆଧାରକୁ ବ୍ୟବହାର କରି ରାଜ୍ୟଗୁଡ଼ିକ କଲ୍ୟାଣମୂଳକ ଯୋଜନାର ଲାଭ ଲୋକମାନଙ୍କ ପାଖରେ ପହଂଚାଯାଉଛନ୍ତି । ସେମାନେ ଆଧାରକୁ ନଜରରେ ରଖି ଯୋଜନାଗୁଡ଼ିକୁ ପ୍ରସ୍ତୁତ କରୁଛନ୍ତି । ଆଧାର ଗ୍ରହଣୀୟତାରେ ଓଡ଼ିଶା ଅଗ୍ରଣୀ ରହିଛି ବୋଲି ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତୃପକ୍ଷ (ୟୁଆଇଡିଏଆଇ)ର ସିଇଓ ଭୁବନେଶ କୁମାର କହିଛନ୍ତି । ଆଧାରକୁ ନେଇ କୃଷି ଭବନ ସମ୍ମିଳନୀ କକ୍ଷରେ ହାଇଦ୍ରାବାଦସ୍ଥିତ ୟୁଆଇଡିଏଆଇର ଆଂଚଳିକ କାର୍ଯ୍ୟାଳୟ ଏବଂ ଆଇଟି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ ୯୫ ପ୍ରତିଶତ ଲୋକଙ୍କ ପାଖରେ ଆଧାର ପହଂଚିଛି ଏବଂ ଦୈନିକ ୯.୩୮ କୋଟି ଆଧାର ପ୍ରମାଣୀକରଣ ହେଉଛି । ଏହି ଅବସରରେ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ ଆଧାର ପାଇଁ ସୁଭଦ୍ରା ଭଳି ଏକ ବୈପ୍ଳବିକ ଯୋଜନାକୁ ଅଳ୍ପ ସମୟ ଭିତରେ ଲାଗୁ କରାଯାଇଥିଲା । ବିଭିନ୍ନ ବିଭାଗ ଦ୍ୱାରା ଆଧାରର ବ୍ୟାପକ ବ୍ୟବହାର ହେଲେ ତାହା ସବୁ ସମ୍ଭାବନାକୁ ବାସ୍ତବ କରିପାରିବ ଏବଂ ଲୋକଙ୍କ ଜୀବନକୁ ସହଜ କରିପାରିବ ବୋଲି କହିଛନ୍ତି । ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଯେ ପାଂଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ଆଧାର ଲିଙ୍କ୍ (ଅନୁବନ୍ଧନ) ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଆଇଟି ବିଭାଗ ମିଳିତ ଭାବେ କାମ କରୁଥିବା ସେ ସୂଚନା ଦେଇଥିଲେ । ଏହି ଅବସରରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏଣିକି ମିନିଟ୍‌କୁ ୧.୫ଲକ୍ଷ ଟିକଟ ବୁକିଂ




ଭାରତୀୟ ରେଳ ଏକ ନୂଆ ସଂରକ୍ଷଣ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛି ଯାହାକୁ 'କ୍ରିସ୍' ପକ୍ଷରୁ ଚଳିତ ବର୍ଷ ଶେଷ ସୁଦ୍ଧା ଲାଗୁ କରାଯିବ । ଏହି ବ୍ୟବସ୍ଥାରେ ଟିକଟ ସଂରକ୍ଷଣ କ୍ଷମତା ବର୍ତମାନର ମିନିଟ୍ ପିଛା ୩୨ ହଜାରରୁ ବୃଦ୍ଧି ପାଇ ଦେଢ଼ ଲକ୍ଷରୁ ଅଧିକ ହେବ । ଏହି ବ୍ୟବସ୍ଥା ବହୁଭାଷୀ ହେବ । ଆଂଚଳିକ ଭାଷାରେ ସୁବିଧା ଉପଲବ୍ଧ ହେବା ଦ୍ୱାରା ବହୁ ଲୋକ ଉପକୃତ ହୋଇପାରିବେ । ଅନୁସନ୍ଧାନ କ୍ଷମତା ମଧ ୧୦ ଗୁଣା ବଢ଼ିବ । ବର୍ତମାନ ଏହି କ୍ଷମତା ମିନିଟ୍ ପିଛା ୪ ଲକ୍ଷ ଥିବା ବେଳେ ନୂଆ ବ୍ୟବସ୍ଥାରେ ତାହା ୪୦ ଲକ୍ଷରୁ ଅଧିକ ହେବ । ଛାତ୍ରଛାତ୍ରୀ, ବିଦ୍ୟାଙ୍ଗ ଓ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ୱେଟିଂ ଲିଷ୍ଟ୍‌ରେ ଥିବା ଯାତ୍ରୀମାନଙ୍କ ସୁବିଧା ଲାଗି ଆଠ ଘଂଟା ପୂର୍ବରୁ ଚାର୍ଟ ତିଆରି କରାଯିବ । ଅପରାହ୍ନ ୨ଟା ପୂର୍ବରୁ ପ୍ରସ୍ଥାନ କରିବାକୁ ଥିବା ଟ୍ରେନ୍‌ଗୁଡ଼ିକର ଚାର୍ଟ ତା' ପୂର୍ବଦିନର ରାତି ୯ଟା ସୁଦ୍ଧା ପ୍ରସ୍ତୁତ କରାଯିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରିବା ଲାଗି ମନ୍ତ୍ରୀ ଶ୍ରୀ ବୈଷ୍ଣବ ରେଳ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି । ଦୂରଗାମୀ ଟ୍ରେନ୍ ଧରିବା ଲାଗି ଗ୍ରାମାଂଚଳ କିମ୍ବା ଦୂରଦୂରାନ୍ତ ସ୍ଥାନରୁ ଆସୁଥିବା ଯାତ୍ରୀମାନେ ଆଗୁଆ ଚାର୍ଟ ଜରିଆରେ ଉପକୃତ ହେବେ । ଆଇଆରସିଟିସିର ୱେବସାଇଟ୍ ଓ ମୋବାଇଲ୍ ଆପ୍‌ରେ ଟିକଟ ବୁକିଂ ପାଇଁ ଆଧାର ପ୍ରମାଣୀକରଣ ବ୍ୟବହାର କରାଯିବ । ଜୁଲାଇ ଶେଷ ସୁଦ୍ଧା ଆଧାର ଭିତିକ ଓଟିପି ଲାଗିବ ।

# 'ବିଗ୍ ବିୟୁଟିଫୁଲ୍ ବିଲ୍'



ଭାରତ ପାଇଁ ଏକ ଖୁସି ଖବର ଆଣୁଛନ୍ତି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ବିଗ୍ ବିୟୁଟିଫୁଲ୍ ବିଲ୍' ଇଭେଂଟ୍ ଅବସରରେ ଡୋନାଲ୍ଡ ଟ୍ରମ୍ପ ଏପରି ସୂଚନା ଦେଇଛନ୍ତି । ଗୁରୁବାର ଆମେରିକା ଚାଇନା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି । ଏହା ପରେ ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ଏକ ବଡ଼ ଡିଲ୍ ଆଣୁଥିବାର କହିଛନ୍ତି । ନିଜ ବାର୍ତାରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ସମସ୍ତେ ଏହି 'ବିଗ୍ ବିୟୁଟିଫୁଲ୍ ବିଲ୍'ର ଭାଗିଦାର ହେବାକୁ ଚାହାଁନ୍ତି । କିଛି ମାସ ପୂର୍ବରୁ ଗଣମାଧମ ପ୍ରଚାର କରୁଥିଲା ଏହି ବିଲର ଅଂଶ ହେବାକୁ କେହି ଚାହାଁନ୍ତି ନାହିଁ । ମାତ୍ର ଆମେ ଏବେ ଚାଇନା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିସାରିଛୁ । ଆମେ ବହୁତ ଭଲ ଡିଲ କରିବାରେ ସଫଳ ହେଇଛୁ । ଆଗାମୀ ଦିନରେ ଭାରତ ପାଇଁ ଆମେ ଏକ ସ୍ୱତନ୍ତ୍ର ଡିଲ ଆଣିବାକୁ ଯାଉଛୁ । ଡୋନାଲ୍ଡ ଟ୍ରମ୍ପ ଏହି ବିଲ୍ ବିଷୟରେ ଆହୁରି କହିଛନ୍ତି, ଏହି ଡିଲ୍ ସମସ୍ତଙ୍କ ପାଇଁ ନୁହେଁ । ଯେକୌଣସି ଦେଶ ଏହି ଡିଲରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ । ଆମେ ଭାରତ ସହିତ ଏକ ସ୍ୱତନ୍ତ୍ର ଡିଲ ଆଣିବାକୁ ଯାଉଛୁ । ଯାହାକି ଭାରତ ପାଇଁ ଏକ ବଡ ଡିଲ୍ ହେବାକୁ ଯାଉଛି । ଯେଉଁଥିରେ ଆମେ ଭାରତ ଓ ଚାଇନା ଭଳି ଦେଶ ମାନଙ୍କ ସହ ବ୍ୟାପାର ଦ୍ୱାରା ଆମେ ସେହି ଦେଶର ଅର୍ଥନୀତି ତଥା ବଜାରକୁ ସାର୍ବଜନୀନ କରିବାକୁ ଚେଷ୍ଟା କରିଛୁ । ଆମର ସବୁ ଦେଶ ସହିତ ସୁସମ୍ପର୍କ ସ୍ଥାପନ କରିବା ସହିତ ଯେଉଁ କାର୍ଯ୍ୟ ଆଗରୁ ହୋଇନାହିଁ ତାହା କରିବାରେ ସଫଳ ହୋଇଛୁ । 'ବିଗ୍ ବିୟୁଟିଫୁଲ୍ ବିଲ୍' କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ଏପରି ମନ୍ତବ୍ୟ ପ୍ରକାଶ କରିଥିଲେ । ହେଲେ ଡୋନାଲ୍ଡ ଟ୍ରମ୍ପ ଚାଇନା ସହିତ ହୋଇଥିବା ଚୁକ୍ତି ସମ୍ପର୍କରେ କୌଣସି ତଥ୍ୟ ଦେଇନଥିଲେ । ଡୋନାଲ୍ଡ ଟ୍ରମ୍ପ ନିଜ ସାମାଜିକ ଗଣମାଧମ ପ୍ଲାଟଫର୍ମରେ ଉଲ୍ଲେଖ କରିଛନ୍ତି ଆମେରିକା ଓ ଚାଇନା ମଧ୍ୟରେ ହୋଇଥିବା ଚୁକ୍ତି ସଫଳ ହୋଇଥିବା ନେଇ ଉଲ୍ଲେଖ କରିଥିଲେ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜନିତ ପ୍ରତିବନ୍ଧକୁ ହଟାଇ ଦିଆଯାଇଛି । ଚାଇନା ବିରଳ ଖଣିଜ ପଦାର୍ଥର ରପ୍ତାନୀ ଉପରେ ଲଗାଇଥିବା ପ୍ରତିବନ୍ଧକକୁ ଉଠାଇଦେଇଥିବା ଟ୍ରମ୍ପ ସୂଚନା ଦେଇଛନ୍ତି । ଏବେ ଚାଇନା ଜେନେଭା ଫ୍ରେମୱାର୍କ ଅନ୍ତର୍ଗତ ସର୍ତ ଅନୁଯାୟୀ ବିରଳ ଖଣିଜ ପଦାର୍ଥ ଓ ଚୁମ୍ବକର ରପ୍ତାନୀ କରିବା ପାଇଁ ରାଜି ହୋଇଛି । ପୂର୍ବରୁ ଜୁନ୍ ମାସରେ ଉଘଘର ଏକ ରିପୋର୍ଟ ଅନୁଯାୟୀ ଚାଇନା ଓ ଆମେରିକା ଏକ ନୂତନ ଅର୍ଥନୈତିକ ଚୁକ୍ତି ସ୍ୱାକ୍ଷର କରିବାକୁ ଥିବା ବେଳେ ଦୁହିଁଙ୍କ ମଧ୍ୟରେ ମତଭେଦ ଦେଖାଯାଇଥିଲା । ଏହାର ଫଳ ସ୍ୱରୁପ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବାଧାପ୍ରାପ୍ତ ହୋଇଥିଲା । ଏହା ଫଳରେ ସାରା ଦୁନିଆରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ଷ୍ଟକ ବଜାର, ବିଶ୍ୱ ବଜାର, ବ୍ୟବସାୟ ଓ ମାର୍କେଟରେ ବହୁ ଅନିଶ୍ଚିତତା ଖେଳିଯାଇଥିଲା । ଗତ ଜୁନ ୧୦ ତାରିଖରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ଏକ ନିରପେକ୍ଷ ଓ ସମାନ ବାଣିଜ୍ୟଭିତିକ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଆଲୋଚନା ଜାରି ରହିଛି । ଯାହା ଦ୍ୱାରା ଉଭୟ ଦେଶକୁ ଏହି ଚୁକ୍ତିର ଲାଭ ମିଳିପାରିବ । ଆମେରିକା ଓ ୟୁରୋପୀୟ ଦେଶ ସହିତ ଭାରତର ବାଣିଜ୍ୟ ଚୁକ୍ତି ଉପରେ ପର୍ଯ୍ୟବେସିତ, ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପୀୟୂଷ ଗୋୟଲ କହିଛନ୍ତି, ଗତ ଫେବୃଆରୀ ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସାକ୍ଷାତକାର କରିଥିଲେ । ସେମାନେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ନିମନ୍ତେ ନିଷ୍ପତି ନେଇଥିଲେ, ଯାହା ଦ୍ୱାରା ଉଭୟ ଦେଶର ନାଗରିକଙ୍କ ପାଇଁ ଉପଯୁକ୍ତ ଓ ଲାଭଦାୟକ ଚୁକ୍ତି ହେବ । ଏହି ସମ୍ବାଦିକ ସମ୍ମିଳନୀରେ ଆମେରିକା ଓ ଭାରତ ଖୁବ୍ ନିକଟତମବନ୍ଧୁ ଏବଂ ସହଯୋଗୀ । ବାଣିଜ୍ୟ ଚୁକ୍ତିନାମା ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ହେବା ସହ ପରସ୍ପର ମଧ୍ୟରେ ସହଭାଗିତା ବୃଦ୍ଧି ପାଇବ ।

# ଷ୍ଟକ୍ ବଜାରରେ ଜୋରଦାର ବୃଦ୍ଧି



ଆରମ୍ଭ ହେଉଛି ଜୁଲାଇ ମାସ । ଆଉ ଗତକାଲିର ହ୍ରାସକୁ ପଛରେ ପକାଇ ଆଜି ମାସ ଆରମ୍ଭରୁ ଷ୍ଟକ୍ ବଜାରରେ ଜୋରଦାର ବୃଦ୍ଧି ଘଟିଛି । ବିଏସଇ ସେନସେକ୍ସ ୮୦ ପଏଂଟ୍ ବୃଦ୍ଧି ପାଇ ୮୩,୬୮୫.୬୬ ପଏଂଟ୍ ରେ ଖୋଲିଛି । ସେହିପରି ଏନଏସଇ ନିଫ୍ଟି ୭.୬୦ ପଏଂଟ୍ ବୃଦ୍ଧି ପାଇ ୨୫,୫୨୫ ପଏଂଟ୍‌ରେ ପହଂଚିଛି । ଯଦି ଆମେ ସେନସେକ୍ସରେ ଅନ୍ତର୍ଭୁକ୍ତ ଷ୍ଟକ୍ ଉପରେ ନଜର ପକାଇବା, ତେବେ ଏସିଆନ୍ ପେଂଟ୍‌ସ୍, ଏଚ୍ସିଏଲ୍ ଟେକ୍, ଟାଇଟାନ୍, ବିଇଏଲ୍, ଟାଟା ଷ୍ଟିଲ୍, ଆଇଟିସି, ସନ୍ ଫାର୍ମା ଇତ୍ୟାଦି ସବୁଜ ରଙ୍ଗରେ ଅଛନ୍ତି । ମାସ ଆରମ୍ଭରୁ ବୃଦ୍ଧି: ଆପଣଙ୍କୁ ଜଣାଇଦେଉଛୁ ଯେ, ଗତ ଚାରିଟି ବାଣିଜ୍ୟ ଅଧିବେଶନ ପାଇଁ ଷ୍ଟକ୍ ବଜାରରେ ବୃଦ୍ଧି ସ୍ଥଗିତ ରହିଥିଲା । ବିଏସଇ ସେନସେକ୍ସ ୪୫୨.୪୪ ପଏଂଟ୍ ହ୍ରାସ ସହିତ ୮୩,୬୦୬.୪୬ ପଏଣ୍ଟରେ ବନ୍ଦ ହୋଇଥିଲା । ଚାଷ ସେୟାର ଉପରେ ଆଧାରିତ ଏନଏସଇ ନିଫ୍ଟି ୧୨୦.୭୫ ପଏଂଟ୍ ହ୍ରାସ ସହିତ ୨୫,୫୧୭.୦୫ ପଏଂଟ୍‌ରେ ବନ୍ଦ ହୋଇଥିଲା । ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ସପ୍ତାହରେ ଦୃଢ଼ ବିଶ୍ୱ ସଙ୍କେତ ଏବଂ ଘରୋଇ ସଂସ୍ଥାଗତ ନିବେଶକଙ୍କ ଦ୍ୱାରା କ୍ରୟ ଯୋଗୁଁ ବଜାରରେ ବୃଦ୍ଧି ଦେଖାଯାଇଥିଲା । ତଥାପି ଲାଭ ବୁକିଂ ହ୍ରାସକୁ ଘଟାଇଲା ।

# ବର୍ଷାରେ ଧୋଇଗଲା ରାସ୍ତା
## ବିଦ୍ୟାଳୟ ଯାଇନପାରି ଫେରିଲେ ଶିକ୍ଷକ ଛାତ୍ରଛାତ୍ରୀ



ଦାରିଙ୍ଗବାଡ଼ି : କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷାରେ ଏକାଧିକ ସମସ୍ୟା ଦେଖାଯାଇଛତ । ଗାଁ ଗାଁରେ ମାଟି ରାସ୍ତାରେ କାଦୁଅ ପଚପଚ ଯୋଗୁ ଯାତାୟାତ ସମ୍ଭବ ହେଉ ନ ଥିବା ବେଳେ ସିମନବାଡ଼ିଠାରୁ ବୁଡ଼ାଗୁଡ଼ା ପୂର୍ତ୍ତ ବିଭାଗ ରାସ୍ତାର ତିଲୋରୀ ପଞ୍ଚାୟତ ଦେଇ ବହି ଯାଉଥିବା ଗୁମା ନଦୀରେ ବର୍ଷାଜଳ ବୃଦ୍ଧି ପାଇ ପୁଣି ଡାଇଭର୍ସନ ରାସ୍ତାକୁ ଧୋଇଦେବା ସହ ତା' ଉପରେ ପାଣି ଯାଉଛି । ଫଳରେ ପୁଣି ଉକ୍ତ ବ୍ଲକ ତିଲୋରୀ ପଞ୍ଚାୟତ ସମେତ ବୁଡ଼ାଗୁଡ଼ା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡ଼ା ବ୍ଲକ ରତୁଙ୍ଗିଆ ଆଦିକୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ତିଲୋରୀ, ବୁଡ଼ାଗୁଡ଼ା ଆଦି ଅଞ୍ଚଳକୁ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉଥିବା ବେଳେ ଗୁମା ନଦୀରେ ଯାତାୟାତ ବନ୍ଦ ପାଇଁ ଅଧାରୁ ଫେରିଛନ୍ତି । ସେହିପରି ସେହି ସବୁ ଅଞ୍ଚଳରୁ ସରକାରୀ ଓ ବେସରକାରୀ କାର୍ଯ୍ୟରେ ସିମନବାଡ଼ି, ଦାରିଙ୍ଗବାଡ଼ିକୁ ଆସୁଥିବା ଲୋକ ବାଟରୁ ନିରାଶରେ ଫେରିଛନ୍ତି । ସେହି ରାସ୍ତାରେ ଏବେ ଆମ୍ବୁଲାନ୍ସ ମଧ୍ୟ ଆସିବା ସମ୍ଭବ ହେଉ ନ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତ ମାସ ୨୪ ତାରିଖରେ ଉକ୍ତ ଗୁମା ନଦୀର ଡାଇଭର୍ସନ ରୋଡ୍‌କୁ ବର୍ଷାଜଳ ଭସାଇ ନେଇଥିବା ବେଳେ ୨ ଦିନ ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା । ପୁଣି ଏବେ ଆଉ ଥରେ ଭସାଇ ନେଇଥିବାରୁ ଚିନ୍ତା ବଢ଼ିଛି ।

## ମହାପ୍ରଭୁ ଜଗନ୍ନାଥଙ୍କ ନରସିଂହ ବେଶ

ରିଷିଡା : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡ଼ା ମାଉସୀ ମା' ମନ୍ଦିରରେ ମଙ୍ଗଳବାର ଚତୁର୍ଥ ଦିବସରେ ଶ୍ରୀ ଜଗନ୍ନାଥ ନରସିଂହ ଅବତାର ବେଶରେ ସଜେଇ ହୋଇଛନ୍ତି । ଏହି ଅବତାରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଛି । ଏଥିରେ ମନ୍ଦିର କମିଟିର ସଭାପତି କରୁଣାକର ରଣା, ସମ୍ପାଦକ ପାର୍ଥ ସାହୁ, ବାବୁଲା ସାହୁ, ଦୁଷ୍ମନ୍ତ ଲେଙ୍କା, ଅନ୍ତର୍ଯ୍ୟାମୀ ସାହୁ ସଞ୍ଜୟ ରଣା, ସୁଶାନ୍ତ ମଲ୍ଲିକ, ଟୁନୁ ସାହୁ, ସଂଜୟ କୁମାର ଜୈନ, କ୍ଷୀରସାଗର ରଣା, ପୁଜକ ମଧୁ ଦାସ, ମନୁଦାସ ପ୍ରମୁଖ ବିଭିନ୍ନ ନିତିକାନ୍ତିରେ ସହଯୋଗ କରୁଛନ୍ତି । ସାରେ ଭଜନ ସମାରୋହ ସହିତ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# କୋରାପୁଟରେ ବର୍ଷା ବିପ୍ଲାତ
## ଉପୁଡ଼ିଲା ଗଛ : ଯାତାୟତ ବାଧାପ୍ରାପ୍ତ



ପଟାଙ୍ଗି : କୋରାପୁଟ ଜିଲ୍ଲା ତଥା ଆନ୍ଧ୍ର ରାଜ୍ୟ ସୀମାନ୍ତ ପଟାଙ୍ଗି ବ୍ଲକରେ ଲଗାଣ ବର୍ଷା ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି । ଲଗାଣ ଝଡ଼ବର୍ଷାରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତାରେ ପଡ଼ିଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତାରେ ଗଛକୁ ହଟାଇବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି । ସୂଚନାନୁଯାୟୀ, ଗତ ୧୦ ଦିନଧରି ଲଗାତର ବର୍ଷା ହେଉଥିବା ବେଳେ ବ୍ଲକ ସଦରମହକୁମାରୁ ଆରମ୍ଭ କରି ବିଭିନ୍ନ ପଞ୍ଚାୟତ ସଦରମହକୁମାରେ ଜନଗହଳି ସ୍ଥାନ ଏବେ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡ଼ିଛି । ସେପଟେ ଲଗାଣ ବର୍ଷା ଯୋଗୁ ଚାଷଜମିରେ ବର୍ଷା ପାଣି ଜମି ରହିଥିବା ସହ ବର୍ଷାଟିଆ ଧାନ ତଳିଗୁଡ଼ିକ ବର୍ଷାପାଣିରେ ଜମିରେ ବୁଡ଼ି ରହିଛି । ଅନ୍ୟପକ୍ଷରେ ଜମିରେ ଲାଗିଥିବା ପନିପରିବା ଯଥା ବାଇଗଣ, ଧନିଆପତ୍ର, ଫୁଲକୋବି , ମୂଳା, ଟମାଟୋ ଆଦି ପନିପରିବା ବର୍ଷା ପ୍ରଭାବ ଯୋଗୁ ନଷ୍ଟ ହୋଇପଡ଼ିଛି । ଯାହାକୁ ନେଇ ଚାଷୀ ଚିନ୍ତିତ ମଧ୍ୟରେ ରହିଥିବା ବେଳେ ଲଗାଣ ବର୍ଷା ଯୋଗୁ ବଜାରକୁ ଆସୁଥିବା ପନିପରିବା ଉଚ୍ଚ ଦରରେ ବିକ୍ରି ହେଉଛି । ଯେଉଁଥିପାଇଁ ଖାଉଟିଙ୍କ ଉପରେ ଚଡ଼କ ପଡ଼ିଛି । ସେହିପରି ବ୍ଲକରେ ଲାଗି ରହିଥିବା ବର୍ଷା ପ୍ରଭାବରେ ୨୬ ନଂ ଜାତୀୟ ରାଜପଥ ଯଥା ସିପାଇପୁଟ ଛକରେ ବିଳମ୍ବିତ ରାତିରେ ଏକ କୃଷ୍ଣଚୂଡ଼ା ଗଛ ପଡ଼ି ଦୀର୍ଘ ସମୟ ଧରି ରାଜପଥ ଅବରୋଧ ହୋଇ ରହିଥିବା ବେଳେ ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପଡ଼ିରହିଥିବା ଗଛକୁ ହଟାଇ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିବା ସହ ବ୍ଲକ ସଦରମହକୁମାରୁ କୋଟିଆ ପଞ୍ଚାୟତର ନେରିଡିବାଲସା ଗ୍ରାମକୁ ସଂଯୋଗ କରିଥିବା ବ୍ରିଟିଶ ରାସ୍ତା ଏବଂ ଉପରସାହିରୁ ଟେଲିକମ ଛକକୁ ସଂଯୋଗ କରିଥିବା ରାସ୍ତା ପାର୍ଶରେ ଥିବା ଶିବ ମନ୍ଦିର ନିକଟରେ ପଡ଼ିଥିବା ପ୍ରମୁଖ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ସ୍ଥାନରେ ପହଞ୍ଚି ଗଛ ହଟାଇ ରାସ୍ତା ସଫା କରିଥିଲେ ।

## ପୁଅର କାଠଫାଳିଆ ମାଡ଼ରେ ବାପାର ଜୀବନଗଲା

ସମ୍ବଲପୁର, (ହି.ସ.) : ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ସାନ ଲଙ୍ଗାବାହାଲ ଗ୍ରାମରେ ପୁଅର କାଠ ଫାଳିଆ ମାଡ଼ରେ ବାପର ମୃତ୍ୟୁ ଘଟିଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି । ସୂଚନା ଅନୁଯାୟୀ ଗ୍ରାମର ପାନିକା ମୁଣ୍ଡା(୬୫) ରବିବାର ଅପରାହ୍ନରେ କୌଣସି କାରଣରୁ ନିଜ ପୁଅ ସଂଜୀତ ମୁଣ୍ଡା(୩୫)ଙ୍କ ସହିତ ବଚସା ହୋଇଥିଲା ଫଳରେ ସଂଜୀତ ପାଖରେ ପଡ଼ିଥିବା ଏକ ବେଟେନ ବାଡ଼ିରେ ବାପାକୁ ମାଡ ମାରିଥିଲେ । ବେଟେନ ବଡିଟି ପାନିକାଙ୍କ ମୁଣ୍ଡରେ ବାଜିଥିଲା ଏବଂ ସେ ତଳେ ପଡିଯାଇଥିଲେ ଏବଂ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଯାଇଥିବା କୁହାଯାଉଛି । ଅନ୍ୟପକ୍ଷରେ ମଙ୍ଗଳବାର ଗ୍ରାମବାସି କୌଣସି କାମ ପାଇଁ ପାନିକାଙ୍କ ଘରକୁ ଆସିଥିବାବେଳେ ତାଙ୍କ ଘର କବାଟ ବନ୍ଦ ଥିବା ଦେଖି ତାଙ୍କୁ ଡାକିଥିଲେ ହେଲେ ପାନିକା କୌଣସି ଉତର ନଦେବାରୁ ଘର କବାଟ ଖୋଲି ଦେଖିଥିଲେ ହେଲେ ପନିକା ତଳେ ପଡ଼ିଥିବା ଦେଖି ଗ୍ରାମବାସୀ ଜମନକିରା ପୋଲିସକୁ ଖବର ଦେଇଥିଲେ ଖବର ପାଇ ଜମନକିରା ପୋଲିସ ଘଟଣା ସ୍ଥଳକୁ ପହଂଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଇ ଅଭିଯୁକ୍ତ ସଂଜୀତ ମୁଣ୍ଡାକୁ ଗିରଫ କରି ଜମନକିରା ଥାନାରେ ଅଟକ ରଖି ପଚରା ଉଚରା ପାଇଁ ଅଟକ ରଖାଯାଇଛି । ସମ୍ବଲପୁର ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ପହଂଚି ନମୁନା ସଂଗ୍ରହ କରିଥିବା ଜଣାପଡିଛି ।

## ବନ୍ଦ ହେଲା ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା

କୋରାପୁଟ (ହି.ସ.)- ବନ୍ଦ ହେଲା ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା । ବନ୍ଦ କରିବା ପାଇଁ ବାରମ୍ବାର ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରୁଥିଲେ । ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ମଧ୍ୟ ଟିକେଟ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା ଓ ଦାବିକୁ ଗୁରୁତ୍ୱର ସହ ନେଇ ବନ୍ଦ କରାଯାଇ ଥିବା ବିଷୟ କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ ଟେଣ୍ଡର ବ୍ୟବସ୍ଥା କରାଯାଇଥିଲା । ଏହି ଟେଣ୍ଡର ଚଳିତ ବର୍ଷ ଜୁନ ୨୪ ତାରିଖ ପର୍ଯ୍ୟନ୍ତ ଅବଧି ଶେଷ ଥିବାବେଳେ ଆଉ ଟେଣ୍ଡର ଡ଼କାଯାଇନାହିଁ ବୋଲି ଦେବୋତର ବିଭଗ ପକ୍ଷରୁ ସୂଚନା ରହିଛି । ସୂଚନା ଥାଉକି, ଗୁପ୍ତେଶ୍ୱର ପୀଠ ମୁଖ୍ୟ ପ୍ରବେଶ ଦ୍ୱାରରେ ବିନା ଟିକଟରେ ଠାକୁର ଦର୍ଶନ ହୋଇପାରୁନଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରିକି ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଆସି ଗୁପ୍ତେଶ୍ୱରଙ୍କ ଦର୍ଶନ କରୁଛନ୍ତି । ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଏପରି ପ୍ରବେଶ ଟିକଟର ବ୍ୟବସ୍ଥା ନଥିବାବେଳେ କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଂଚଳ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥାକୁ ବିରୋଧ ହୋଇଆସୁଥିଲା । ପୂର୍ବରୁ ବହୁବାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ହିନ୍ଦୁ ସଂଗଠନ ଏବଂ କିଛି ବୁଦ୍ଧିଜୀବୀ ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥାକୁ ବିରୋଧ କରି ଆସୁଥିଲେ ଏବଂ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ । ଜନ ସାଧାରଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ମନ୍ଦିରରେ ଦର୍ଶନ ଟିକେଟ୍ ବ୍ୟବସ୍ଥା ବନ୍ଦ କରାଯାଇଛି ଓ ଟେଣ୍ଡର କରାଯାଇ ନାହିଁ ଓ ଦେବୋତର ବିଭାଗ ତରଫରୁ କମିଶନରଙ୍କୁ ଅବଗତି କରାଯିବ ଓ ଏନେଇ ଜିଲ୍ଲା ପ୍ରଶାସନଙ୍କୁ ସାମାଜିକ ଗଣମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି ।

## ଆବେଦନ ପରେ ବି ମିଳୁନି ଭତ୍ତା



ବରଗଡ : ବରଗଡ଼ ଜିଲ୍ଲା ଗାଇସିଲାଟ ବ୍ଲକ ଜଡ଼ାଗଞ୍ଜା ଗ୍ରାମର ବହୁସଂଖ୍ୟକ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗ ଭତ୍ତା ପାଉନଥିବା ଅଭିଯୋଗ ହୋଇଛି । ଏନେଇ ସେମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ତେବେ ତୁରନ୍ତ ଭତ୍ତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଭତ୍ତା ପ୍ରଦାନ ପାଇଁ ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ନିବେଦନ କରିଛନ୍ତି । ମାତ୍ର କିଛି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଭତ୍ତା ମିଳି ନଥିବା ଯୋଗୁ ସରକାରଙ୍କ ବହୁବିଧ ଯୋଜନାରୁ ସେମାନେ ବଞ୍ଚିତ ହେଉଥିବା କହିଛନ୍ତି । ଗତ ୨ବର୍ଷ ହେଲା ସେମାନେ ଭତ୍ତା ପାଇଁ ଆବେଦନ କରିଥିବା ସତ୍ତ୍ୱେ ସେମାନଙ୍କୁ ଏପର୍ଯ୍ୟନ୍ତ ଭତ୍ତା ମିଳି ନଥିବାରୁ ବୃଦ୍ଧା, ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ବାମରାରେ ସର୍ବାଧିକ ୧୭୬.୪ ମି.ମି. ବର୍ଷା ରେକର୍ଡ଼

ସମ୍ବଲପୁର (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ଭୀଷଣ ବର୍ଷା ହୋଇଥିବା ବେଳେ ୧୩ଟି ସ୍ଥାନରେ ଭୀଷଣ ବର୍ଷା ହୋଇଛି । ସମ୍ବଲପୁର ଜିଲ୍ଲାର ବାମରାରେ ସର୍ବାଧିକ ୧୭୬.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରାରେ ୧୧୨.୦ ମି.ମି., କୋରାପୁଟ ଜିଲ୍ଲାର କୋଟପାଡ଼ରେ ୯୭.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର ଟେନସାରେ ୯୪.୦ ମି.ମି., କୋରାପୁଟ ଜିଲ୍ଲାର ଜୟପୁରରେ ୯୩.୪ ମି.ମି., ମାଲକାନଗିରି ଜିଲ୍ଲାର ମାଥିଲିରେ ୯୧.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର କୁତ୍ରାରେ ୮୫.୦ ମି.ମି., କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁରରେ ୮୨.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ବିଜାତଳାରେ ୭୫.୦ ମି.ମି., କୋରାପୁଟ ଜିଲ୍ଲାର ଲମତାପୁଟରେ ୭୫.୦ ମି.ମି., କେନ୍ଦୁଝର ଜିଲ୍ଲାର ଦୈତାରୀରେ ୭୪.୬ ମି.ମି., ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁରରେ ୭୦.୪ ମି.ମି. ଏବଂ କୋରାପୁଟ ଜିଲ୍ଲାର ନନ୍ଦପୁରରେ ୭୦.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

## ୭୬ତମ ବନମହୋତ୍ସବ ପାଳିତ




ବଲାଙ୍ଗିର: ଲୋଇସିଂହା ରୋଡ ସ୍ଥିତ ବାଲାଜୀ ନରସିଂ କଲେଜରେ ୭୬ତମ ବନୋମହୋତ୍ସବ ପାଳିତ ହୋଇଅଛି । କଲେଜର ନିର୍ଦ୍ଦେଶକ ଅଭିଳାଶ ଅଗ୍ରୱାଲ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଡିଏଫ୍ଓ ଅଜିତ କୁମାର ବିଶି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଡ. ସୁରେଶ ଚନ୍ଦ୍ର ଷଡଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ରୋଟାରିୟାନ ବିଷ୍ଣୁ ପ୍ରସାଦ କେଡିଆ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆ ତଥା ବାଳାଜୀ ଗୃପର ପରିଗ୍ଳନା ନିର୍ଦ୍ଦେଶକ କୈଳାସ ଅଗ୍ରୱାଲ ମଧ୍ୟ ମଂଚାସିନ ଥିଲେ । ସଚେତନତା ସଭା ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କଳାହାଣ୍ଡି ଜିଲ୍ଲା କଂଗ୍ରେସ୍ ସଭାପତି ଜଳନ୍ଧର

ଭବାନୀପାଟଣା: କଳାହାଣ୍ଡି ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଜଳନ୍ଧର ନାଏକଙ୍କୁ ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ମନୋନୀତ କରିଛନ୍ତି । ଜିଲା ସଭାପତି ନାଏକ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ଜିଲା ଯୁବ କଂଗ୍ରେସ ସଭାପତି, ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ସୂଚାରୁରୂପେ ତୁଲାଇ ଥିଲେ । ଜିଲା ସଭାପତି ଭାବେ ମନୋନୀତ ହେବା ପରେ ଭବାନୀପାଟଣା ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲା ସଭାପତି ନାଏକ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଜିଲା ଉପ ସଭାପତି ପ୍ରୀତମ ବେହେରା, ଭବାନୀପାଟଣା ସଦର ବ୍ଲକ ସଭାପତି ସୁବାଷ ପ୍ରଧାନ, ବ୍ରଜ ସାହୁ, ନିମା ଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ସଂଘଠନକୁ ମଜବୁଥ କରିବା ସହ ରାଜ୍ୟ ଓ କେନ୍ଦ୍ର ଶାସନଧୀନ ଭାଜପା ସରକାର ର ସମସ୍ତ ଅବହେଳା କୁ ଲୋକ ଲୋଚନକୁ ଆଣିବା ପାଇଁ ଚେଷ୍ଟା ଜାରି ରହିବ ବୋଲି ଜିଲା ସଭାପତି ନାଏକ ପ୍ରକାଶ କରିଛନ୍ତି ।

## ବଲାଙ୍ଗିର ସିନିୟର ନକ୍ଆଉଟ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ୮ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ବଲାଙ୍ଗିର ୧୧-୦ ଗୋଲରେ ସରକାରୀ ଆଇଟିଆଇ ଦଳ କୁ ହରାଇଛି । ଅତିଥି ଭାବେ କ୍ରୀଡା ସଂସଦର କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ପୂର୍ବତନ ଖେଳାଳି ପ୍ରଦୀପ ମହାରଣା ମଂଚାସିନ ଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ରାଜେନ୍ଦ୍ର ସେଠ, ବିକି ବିଶି, ଜିତୁ ଦଲାଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ଚନ୍ଦନଭାଟି ବନାମ ପ୍ରୋଗେସିଭ କ୍ଲବ ୨-୨ ଗୋଲରେ ଡ୍ର ରହିଥିଲେ । ଟ୍ରାଇବ୍ରେକର ୩-୧ ରେ ଚନ୍ଦନଭାଟି ଦଳ ବିଜୟୀ ହୋଇଛି । ଅତିଥି ଭାବେ ସୁଶ୍ରୀ ଡିପ୍ଲୋମା ଇଞ୍ଜିନିଅରିଂ ଅଧ୍ୟକ୍ଷା ନମିତା ପଟେଲ ଯୋଗ ଦେଇଥିବା ବେଳେ ପୂର୍ବତନ ଖେଳାଳି ଗରୁଡଧ୍ୱଜ ସାଏ ଓ ସୁନିଲ ଚନ୍ଦ୍ର ବିଶ୍ୱାଲ ମଂଚାସିନ ଥିଲେ । ଖେଳକୁ ସଂଜିବ ମହାରଣା, ନିଶାରକାନ୍ତ ନାଗ, ଜ୍ୟୋର୍ତିମୟ ରାଉତ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ । ଚୁଡାପାଲି ପଡିଆରେ ନକଟାସର ୧-୦ ଗୋଲରେ ରେଙ୍ଗଟାସିଲ କୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ଗୋପାଳ ପଟେଲ ଓ ରଘୁମଣି ମେହେର ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମଂଚାସିନ ଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଚାନ୍ଦୋତରା ୮-୦ ଗୋଲରେ କେସି ୟୁନାଇଟେଡ କୁ ହରାଇ ବିଜୟୀ ହେଲା । ଜରାସିଂହା ମିନି ଷ୍ଟାଡିୟମ ରେ ମହିପୁର ୫-୨ ଗୋଲରେ ବର୍ଲା କୁ ହରାଇ ବିଜୟୀ ହେଲା । ଲୋଇସିଂହା ମିନି ଷ୍ଟାଡିୟମରେ ବଲାଙ୍ଗିର ପୋଲିସ ଦଳ ୭-୦ ଗୋଲରେ ସଲତରପାଲିକୁ ହରାଇ ବିଜୟୀ ହୋଇଥିଲା । ବୁର୍ଡା ଗ୍ରା.ପ. ସରପଂଚ ସୁଦିପ କୁମାର ସା ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ କରୁଣାକର ପ୍ରଧାନ, ଗୋପାଲ ପ୍ରଧାନ, ଅଞ୍ଜନ ବେସ୍ରା, ପ୍ରଦୀପ ବଗର୍ତି ଓ ସୁରେଶ ସାହୁ ପରିଚାଳନା କରିଥିଲେ । ବଙ୍ଗୋମୁଣ୍ଡା ପଡିଆରେ କେଏଫ୍‌ସି କଂଟାବାଞ୍ଜି ୨-୦ ଗୋଲରେ ବଙ୍ଗୋମୁଣ୍ଡାକୁ ହରାଇ ବିଜୟୀ ହୋଇଛି । ଖୁଜେନପାଲି ପଡିଆରେ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିର ୬-୦ ଗୋଲରେ କୁରୁଲକୁ ହରାଇ ବିଜୟୀ ହେଲା ।

## ଛୁଟିରେ ଅଧିକାରୀ : ଅଫିସ୍ ପଡ଼ିଛି ଖାଲି

ମାଲକାନଗିରି : ସୋମବାର ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ରାଜ୍ୟର ବିଭିନ୍ନ ଓଏଏସ୍ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି । ଏହା ସହିତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି । ଘଟଣାକୁ ୩ ଦିନ ବିତିଥିବାବେଳେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାଳୟ ଖୋଲାଥିବା ବେଳେ ଅଧିକାରୀମାନେ ନାହାନ୍ତି । ଏହାକୁ ବିରୋଧ କରି ମାଲକାନଗିରିରେ ଓଏଏସ୍ ଅଧିକାରୀ ଛୁଟିରେ ଯାଇଛନ୍ତି । ଅନାସ୍ଥା ଭୋଟ ଗ୍ରହଣ ହୋଇ ପାରିଲାନି । ପଡିଆ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା ।

## ସୁଭାଷପଲ୍ଲୀରେ ବସ୍ତ୍ର ବଣ୍ଟନ



ରାଉରକେଲା(ପିପିଏସ୍) : ରାଉରକେଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ, ସାମାଜିକ ଅନୁଷ୍ଠାନ ଅନ୍ୱେଷା - ଦି ହେଲପିଙ୍ଗ ହ୍ୟାଣ୍ଡ ତରଫରୁ ୧୧୪ ତମ ମାସିକିୟା ମାଗଣା ହାଟ ଆୟୋଜିତ ହୋଇଯାଇଛି । ସେକ୍ଟର ୬ ସ୍ଥିତ ସୁଭାଷପଲ୍ଲିର ଏକତା କ୍ଲବଠାରେ ୧୧୪ତମ ମାସିକିୟା ମାଗଣା ହାଟରେ ନୂଆ ପୁରୁଣା ବସ୍ତ୍ର ଘରୋଇ ଅସାବାସପତ୍ର ସ୍ୱଇଛାରେ ନେବାର ସୁଯୋଗ ଦିଆଯାଇ ପଲ୍ଲୀବାସିନ୍ଦାଙ୍କ ମଧ୍ୟରେ ଖୁସି ଓ ଆନନ୍ଦ ଖେଳି ଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ସମ୍ପାଦିକା ରଶ୍ମିତା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁଭାଷପଲ୍ଲିର ବାସିନ୍ଦାମାନେ ଏକତା କ୍ଲବଠାରେ ଯୋଗଦେଇଥିଲେ । ଅନ୍ୱେଷା ତରଫରୁ ସେମାନଙ୍କ ସୁଖ ସମୃଦ୍ଧି କାମନା କରାଯାଇଥିଲା । ଏହି ଅବସରରେ ଅନ୍ତେବାସୀମାନେ ସେମାନଙ୍କ ମୌଳିକ ଅଧିକାର ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ମାନୋଷି ଘୋଷ, ଇ ଚୈତନ୍ୟ, ବୈଶାଖୀ ସାହୁ, ଅନ୍ୱେଷା ପଣ୍ଡା, ଦେବୀକା ଘୋଷ, ପ୍ରମୋଦ ଜଗଦେବ, ଅଶୋକ ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରତିଷ୍ଠାତା ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀଙ୍କୁ ମିଳୁନି କ୍ଷତିପୂରଣ

ବରଗଡ : ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି । ଏଠାରେ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ ସହାୟତା ମିଳୁ ନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗତ ୨୦୨୩ର ମିଗଜୋମ ବାତ୍ୟା ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ କିମ୍ବା ଇନପୁଟ ସହାୟତା ମିଳିପାରି ନାହିଁ । ଅନ୍ୟପଟେ ବିଭିନ୍ନ ଚାଷୀଙ୍କୁ ନାନା ଆଳ ଦେଖାଇ ସେଥିରୁ ବଞ୍ଚିତ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ସଂଯୁକ୍ତ କୃଷକ ସଂଗଠନ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି । ପ୍ରଶାସନ, ବୀମା କମ୍ପାନୀ ଏବଂ ଚାଷୀ ସଂଗଠନ ମଧ୍ୟରେ ତୁହାକୁ ତୁହା ବୈଠକ ବସିଛି । ହେଲେ ବୈଠକରେ କୌଣସି ନିର୍ଯ୍ୟାସ ବାହାରି ପାରି ନାହିଁ । ଫଳରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବରଗଡ଼ ରୋଡ ରେଳ ଷ୍ଟେଶନରେ ସଂଯୁକ୍ତ କୃଷକ ସଂଗଠନ ରେଲରୋକୋ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି । ତେବେ ଆନ୍ଦୋଳନ ପୂର୍ବରୁ ବରଗଡ ରୋଡ ରେଳ ଷ୍ଟେଶନ ପୋଲିସ ଛାଉଣୀରେ ପରିଣତ ହୋଇଛି ।

## ମାନସିକ ସ୍ୱାସ୍ଥ୍ୟର ଗୋଷ୍ଠୀଗତ ପରିଚାଳନା ସମ୍ପର୍କିତ କର୍ମଶାଳା

ଫୁଲବାଣୀ(ହି.ସ.) : ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ ତାହା ମାନସିକ ଅସୁସ୍ଥତା ଆଡକୁ ଗତି କରିଥାଏ । ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ହେବ । ଏହିପରିପ୍ରେକ୍ଷୀରେ ବେସିକ୍ ନିଡ୍ ଇଣ୍ଡିଆ, ବାଙ୍ଗାଲୋର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାତୀ ଙ୍କ ମିଳିତ ସହଯୋଗ ରେ କନ୍ଧମାଳ ଜିଲ୍ଲାର ଦୁଇଟି ଯଥା- ଟିକାବାଲି ଓ କ. ନୁଆଗାଁ ବ୍ଲକ ର ୧୬ ଗୋଟି ପଂଚାୟତ ରେ ମାନସିକ ରୋଗୀଙ୍କୁ ଚିହ୍ନଟିକରଣ , ସେମାନଙ୍କର ଚିକିତ୍ସା ଓ ସ୍ଥାୟୀ ଜୀବନ ଜିବିକା ନିମନ୍ତେ ଗୋଷ୍ଠୀସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଜାନୁଆରୀ ୨୦୨୫ ଠାରୁ କାର୍ଯ୍ୟକାରୀ ହୋଇଆସୁଛି । ଏହାର ସୁଫଳ ପାଇଁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷଠାରେ ଏକ ଦିନିକିଆ ବ୍ଲକ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନୁଷ୍ୟ ଅଧିକ ଚାପରେ ରହି ମାନସିକ ଭାରାକ୍ରାନ୍ତ ହେବା ଫଳରେ ଧିରେ ଧିରେ ମାନସିକ ରୋଗ ରେ ଆକ୍ରାନ୍ତ ହୋଇଥାଏ ଏବଂ ତାର ବ୍ୟବହାରରେ ପରିବର୍ତ୍ତନ ହେବା ସହିତ ବିଭିନ୍ନ ନକରାତ୍ମକ କାର୍ଯ୍ୟ କରିବସେ । ଏଣୁ ମନୁଷ୍ୟ ସଦାସର୍ବଦା ଆନନ୍ଦରେ ରହି ଏଥିରୁ ମୁକୁଳି ପାରିବ ବୋଲି କହିଥିଲେ । ତତ୍ ସହିତ ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲିପ କୁମାର ପ୍ରଧାନ ଯୋଗଦେଇ ମଣିଷ ନିଜର ଚାପ କୁ ବିଭିନ୍ନ ଉପାୟରେ ନିୟନ୍ତ୍ରଣ କରିପାରିଲେ ନିଶ୍ଚିତ ମାନସିକ ଅସୁସ୍ଥତା ରୁ ରକ୍ଷା ପାଇପାରିବା ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଟିକାବାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଯୋତିରଞ୍ଜନ ଜେନା ଉପସ୍ଥିତ ରହି ମାନସିକ ଅସୁସ୍ଥତାର ପ୍ରକାର ଓ ଲକ୍ଷଣ ଏବଂ ଏହା କିପରି ମନୁଷ୍ୟକୁ ଆକ୍ରାନ୍ତ କରେ ତାହା ବୁଝାଇବା ସହିତ ପୂର୍ବ ସମୟର ମଣିଷର ଦୈନନ୍ଦିନ ବ୍ୟବହାର ଆଜି କିପରି ପରିବର୍ତ୍ତନ ହୋଇ ବିପଦକୁ ନିମନ୍ତ୍ରଣ କରିଛି ତାହା ସେ ଉଦାହରଣ ମାଧ୍ୟମରେ ଉପସ୍ଥାପନା କରିଥିଲେ । ତତ୍ସହିତ ଜଣେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା ଓ ପୂର୍ବାବସ୍ଥାକୁ ଫେରିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କର ମୁଖ୍ୟ ଭୂମିକା ରହିଛି ବୋଲି ମଧ୍ୟ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ । ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଆଜିର ସମାଜ ରେ କିପରି ମାନସିକ ଅସୁସ୍ଥତାଙ୍କ ସଂଖ୍ୟା ବଢୁଛି ଏବଂ ଏବେ ଠାରୁ ସତର୍କ ନହେଲେ ଆଗାମି ଦିନରେ ଏହା ଭୟାନକ ରୁପ ନେବ ବୋଲି ତାଙ୍କ ବକ୍ତବ୍ୟରେ କହିବା ସହିତ ସମସ୍ତେ ଏପ୍ରତି ସତର୍କ ହେବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରକଳ୍ପର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଆଲୋକ ସାମନ୍ତରାୟ ୦୬ ମାସ ମଧ୍ୟରେ ହୋଇଥିବା ପ୍ରଗତିକୁ ଏକ ପାଓାର ପଏଂଟ ଉପସ୍ଥାପନା ମାଧ୍ୟମରେ ଅବଗତି କରାଇଥିଲେ । ଶେଷରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଗୋଷ୍ଠି ଭିତିକ ପରିଚାଳନା ପାଇଁ ଆବଶ୍ୟକିୟ ପଦକ୍ଷେପଗୁଡ଼ିକୁ ତାଲିକା ଭୁକ୍ତ କରିବାକୁ ଚାରିଗୋଟି ଦଳଗତ ଆଲୋଚନା ମାଧ୍ୟମରେ ପ୍ରୟାସ କରାଯାଇଥିଲା । କର୍ମଶାଳାରେ ୭୦ ରୁ ଅଧିକ ସ୍ଥାନୀୟ ଅଶା ଓ ଅଙ୍ଗନବାଡି କର୍ମୀ, ସି.ଏଚ୍.ଓ, ଏ.ଏନ୍.ଏମ୍., ସରପଂଚ, ଏମ୍ପିକେ ଓ ଗୋଷ୍ଠି ସହାୟକ-ସହାୟିକା ମାନେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ କର୍ମୀ ବିସ୍ୱରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏନ୍ଏଚ୍‌ରେ ଖାଲଖମା, ଲୋକେ ହନ୍ତସନ୍ତ

**ଭୁବନେଶ୍ୱର (ପିପିଏସ୍):** ପାହାଳ ଥାନା ଅଧୀନ ରୁଦ୍ରପୁର ଛକ ଅଣ୍ଡରପାସ୍ ସଂଲଗ୍ନ ୧୬ ନମ୍ବର୍ ଜାତୀୟ ରାଜପଥ ଖାଲଖମାରେ ପରିପୂର୍ଣ୍ଣ ହୋଇଅଛି। ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହୁଛି। ଯାହା ଫଳରେ ଲୋକମାନେ ଯାତାୟାତରେ



ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ପାର ହେଲା ବେଳକୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନ ସାଧାରଣ ବାରମ୍ବାର ଅଭିଯୋଗ କରିଥିଲେ ବି ଜାତୀୟ ରାଜପଥ କର୍ତ୍ତୃପକ୍ଷ ମରାମତି ପାଇଁ କର୍ଣ୍ଣପାତ କରିନଥିବା ଅଞ୍ଚଳବାସୀ କହିଛନ୍ତି। ଅପରପକ୍ଷେ ଭୁବନେଶ୍ୱର ମହାନଗର ନିଗମ ପକ୍ଷ ରୁ ରାସ୍ତା ପାର୍ଶ୍ୱରେ ଡ୍ରେନେଜ୍ କାର୍ଯ୍ୟ ମନ୍ଥର ଗତି ରେ ଚାଲୁଥିବାରୁ ଜଳ ନିଷ୍କାସନ ହେଇପାରୁନାହିଁ। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ତେଣୁ ସରକାରଙ୍କ ସମେତ ଏନଏଚ୍ଆଇ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ଅଣ୍ଡରପାସ୍‌ର ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଖାଲଖମା ରାସ୍ତାର ମରାମତି ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡାକ୍ତର ଦିବସରେ ପୁସ୍ତକ ଉନ୍ମୋଚନ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ଭାରତୀୟ ଚିକିତ୍ସକ ସଙ୍ଘ ଭୁବନେଶ୍ୱର ଶାଖା ତରଫରୁ ରାଷ୍ଟ୍ରୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଆଇଏମଏ ଭୁବନେଶ୍ୱର ଶାଖାର ସଭାପତି ଡ. ଭରଦ୍ୱାଜ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ସଙ୍ଘର ପୂର୍ବତନ ସଭାପତି ମେଜର ଜେନେରାଲ ଡ. ପ୍ରଦୀପ ପଟ୍ଟନାୟକ, ଡ. ଆଲୋକ ଶ୍ରୀବାସ୍ତବ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡାକ୍ତର ଅଂଶୁମାନ କରଙ୍କ ଦ୍ୱାରା ରଚିତ ଓ ସମ୍ପାଦିତ 'କମ୍ପ୍ରିହେନ୍‌ସିଭ ଗାଇଡ୍ ଟୁ ମେଣ୍ଟାଲ ହେଲଥ' ପୁସ୍ତକ ଓ ଆଇ.ଏମ.ଏ ଭୁବନେଶ୍ୱରର ମାସିକ ପତ୍ରିକା 'ଆଇ.ଏମ.ଏ ଭିଜନ' ଏବଂ ସଭାପତି ଡ. ଭରଦ୍ୱାଜ ମିଶ୍ରଙ୍କ 'ଅନ୍ୱନ ଗୀତା ଗୁଞ୍ଜରୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆଇ.ଏମ.ଏ ସମ୍ପାଦକ ଡ. ପ୍ରତ୍ୟୁଷ କୁମାର ରାୟ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ସକାଳେ କୃଷି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଭାସ କୁମାର ରାଉଳଙ୍କ ଦ୍ୱାରା ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଉଦଘାଟିତ ହୋଇଥିବା ବେଳେ ପୂର୍ବାହ୍ନରେ ରୋଟାରୀ ଭୁବନେଶ୍ୱର ଦ୍ୱାର ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ସକ୍ଷମା'ର ଦ୍ୱିତୀୟ ବୈଠକ

**ଭୁବନେଶ୍ୱର (ପିପିଏସ୍):** ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ଆୟୋଜିତ 'ସକ୍ଷମା' ର ଦ୍ୱିତୀୟ ବୈଠକ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ବୈଠକର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିବା ବେଳେ ରେଡିଓ ଉଡ୍ଡାନ୍‌ର ପ୍ରତିଷ୍ଠାତା ଡ. ଦାନିସ୍ ମହାଜନ ଭିଡିଓ କନଫରେନସିଂ ମାଧ୍ୟମରେ ଯୋଗଦେଇ ଦେଶ ବିଦେଶର ଭିନ୍ନକ୍ଷମ ସମ୍ପର୍କିତ ବିଭିନ୍ନ ଘଟଣାବଳୀ ଉପସ୍ଥାପନ କରିଥିଲେ। ଏଥିରେ ବିଶେଷ କରି ମୁଖ୍ୟତଃ ସାଙ୍କେତିକ ଭାଷାର ବହୁଳ ପ୍ରସାର ଓ ଶିକ୍ଷାଗତ ଯୋଗ୍ୟତା ହାସଲ ପରେ ସେମାନଙ୍କ ନିଯୁକ୍ତି, ପ୍ରତ୍ୟେକ ସରକାରୀ/ବେସରକାରୀ କାର୍ଯ୍ୟସ୍ଥଳୀକୁ ସୁଗମ ପ୍ରବେଶ, ଭିନ୍ନକ୍ଷମମାନଙ୍କର ସହଜ ଆବେଦନ ଶୁଣାଣୀ ପ୍ରକ୍ରିୟା, ସରକାରୀ ସ୍ତରରେ ପ୍ରତ୍ୟେକ ୱେବସାଇଟକୁ ଭିନ୍ନକ୍ଷମମାନଙ୍କ ଦ୍ୱାରା ବ୍ୟବହାର ଉପଯୋଗୀ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲେଚନା ହୋଇଥିଲା। ଏହାସହ ଦୂରଦର୍ଶନରେ ସାଙ୍କେତିକ ଭାଷାରେ ସମ୍ବାଦ ପରିବେଷଣ କରାଯିବା, ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବା ଉପରେ ଆଲୋଚନା ହୋଇଥିଲା।

# ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ସ୍ଥାପତ୍ୟରେ ୫୦ ବର୍ଷ ପୂରଣ ଏବଂ ନିକଟରେ ଜୀବନବ୍ୟାପି ସମର୍ପିତ କାର୍ଯ୍ୟ ପାଇଁ ତାଙ୍କୁ ଦିଲ୍ଲୀରେ ରାଷ୍ଟ୍ରୀୟ ସମ୍ମାନ 'ଦେଶ ରତ୍ନ ସମ୍ମାନ' ମିଳିଛି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶିଳ୍ପୀମାନେ ପଦ୍ମଶ୍ରୀ ପ୍ରଭାକରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଧଉଳି ଛକ କୋଣାର୍କ କଳା ଆର୍ଟ ଗ୍ୟାଲେରୀଠାରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ଥାପତ୍ୟ ସୋମନାଥ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୭ଜଣ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କଳାକାର ଯଥା ବିଜୟ ପରିଡା, ଭ୍ରମରବର ନାୟକ, କଳ୍ପତରୁ ମହାରଣା, ପଦ୍ମନାଭ ଓଝା, ବ୍ରହ୍ମାନନ୍ଦ ମହାରଣା, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା, କେନ୍ଦ୍ରୀୟ ବୟନ ଓ କୁଟୀର ଶିଳ୍ପ ସହ ନିର୍ଦ୍ଦେଶକ ଭୁବନ ଭାସ୍କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଜାତୀୟ ପୁରସ୍କାର ପ୍ରାପ୍ତ କଳାମଣି ରତ୍ନାକର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ନବନିଯୁକ୍ତ ପୌର ଅକାଉଟାଣ୍ଟଙ୍କୁ ଇଣ୍ଡକ୍ସନ୍ ଟ୍ରେନିଂ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ତରଫରୁ ଅର୍ବାନ ଲୋକାଲ୍ ବଡି ମାନଙ୍କରେ ନବ ନିଯୁକ୍ତ ଅକାଉଣ୍ଟାଣ୍ଟମାନଙ୍କ ପାଇଁ ଏକ ୪୦ ଦିନିଆ ଇଣ୍ଡକ୍ସନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମକୁ ମୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅର୍ଥ ପରାମର୍ଶଦାତା ଶିଖା ବିଶ୍ୱାଳ, କୋର୍ସ ଡାଇରେକ୍ଟର ବିଭୁଦତ୍ତ ଆଚାର୍ଯ୍ୟ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ୪୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହରାଞ୍ଚଳ ଶାସନ, ରାଜସ୍ୱ ବ୍ୟବସ୍ଥାପନ, ଅଡିଟ୍, ପ୍ରକଳ୍ପ ବିତ୍ତ ପରିଚାଳନା, ହିସାବ ଦାଖଲ, ବ୍ୟବହାରିକ ଅଭ୍ୟାସ ଓ କ୍ଷେତ୍ର ଅଭିଜ୍ଞତା ଉପରେ ତାଲିମ ପ୍ରଦାନ କରାଯିବ।

# ଆଇବିସିଏସ୍‌ରେ ଗବେଷଣା ସମ୍ପର୍କିତ ଅନ୍ତର୍ଜାତୀୟ କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ 'ଆପ୍ଲିକେସନ୍ ଅଫ୍ ମଲ୍ଟି-କ୍ରାଇଟେରିଆ ଡିସିସନ୍ ମେକିଂ (ଏମ୍‌ସିଡିଏମ୍) ଟୁଲ୍‌ସ ଇନ୍ ରିସର୍ଚ୍ଚ' ସମ୍ପର୍କିତ ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାପୁଆ ନ୍ୟୁଗିନିସ୍ଥିତ ପାପୁଆ ନ୍ୟୁଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲଜିର ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ତଥା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେସନ୍ସ ବିଭାଗର ପ୍ରଫେସର ଡ. ଜିବିତେଶ ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ, ପ୍ରଫେସର କମଳାକାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡ. ବିଭୁତି ଭୂଷଣ ମିଶ୍ର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରିତି ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିଲେ।

# 'ମାଟି ମୋର ସ୍ୱର୍ଗ' ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ରଥଯାତ୍ରା ପାଳନ ଅବସରରେ କୋଠଘର ଆମ ସାହିତ୍ୟ ପରିବାର ଲେଖିକା ଶାନ୍ତିଲତା ପଲାଇଙ୍କ ଦୁଇଟି ପୁସ୍ତକ କବିତା ସଂକଳନ 'ମାଟି ମୋର ସ୍ୱର୍ଗ' ଗଳ୍ପ ସଂକଳନ 'ଅଦୃଷ୍ଟ ପ୍ରାରବ୍ଧ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସାଇଁଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିରଠାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଡ଼. ଦେବୀ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଲେଖିକା ସବିତା ରାଣୀ ବେହେରା ଉପସ୍ଥିତ ଥିଲେ। ଉପସ୍ଥାପକ ଭାଷା ବିଜ୍ଞାନୀ କୋଠଘର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ଶାନ୍ତିଲତା ପଲାଇ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଶେଷରେ ଶ୍ରଦ୍ଧାଞ୍ଜଳି ପ୍ରିୟମ୍ବଦା ଧନ୍ୟବାଦ୍ ଦେଇଥିଲେ।

# ଟ୍ରେନ୍‌ରୁ ୪ ଶିଶୁ ଉଦ୍ଧାର, ୨ ଦଲାଲ ଅଟକ



**ଭୁବନେଶ୍ୱର (ପିପିଏସ୍):** ବାହାର ରାଜ୍ୟକୁ ଚାଲାଣ ହେଉଥିବାବେଳେ ଟ୍ରେନ୍‌ରୁ ୪ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଦାରିଦ୍ର୍ୟତାର ଆଉ ଏକ ମର୍ମନ୍ତୁଦ ଦୃଶ୍ୟ ପଦାକୁ ଆସିଛି। ପରିବାର ଦରିଦ୍ରତାର ସୁଯୋଗ ନେଇ ବିହାର ରାଜ୍ୟର ୪ଜଣ ଛୋଟ ପିଲାଙ୍କୁ ନେଇ ଦଲାଲମାନେ ବାଙ୍ଗାଲୋରକୁ ଟ୍ରେନ ଯୋଗେ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ସୂଚନା ଅନୁସାରେ, ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତିଙ୍କ ଠାରୁ ଟ୍ରେନ ନମ୍ବର - ୧୫୨୨୮ ଯଶୋବନ୍ତ ପୁର ଏକ୍ସପ୍ରେସରେ ୪ଜଣ ପିଲା ବିହାର ରାଜ୍ୟରୁ ଚାଲାଣ ହେଉଥିବା ଖବର ପାଇ ରୁଚିକା ଆକ୍ସେସ୍ ଟୁ ଜଷ୍ଟିସ ପ୍ରକଳ୍ପର ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା, ହରପ୍ରିୟା ପତି, ତଟିନୀ ବିଶ୍ୱାଳ, ପ୍ରୀତି ପ୍ରଜ୍ଞା ସାଇଁ, ରିଙ୍କିନା ସ୍ୱାଇଁ ଓ ଶ୍ରଦ୍ଧାଞ୍ଜଳି ବାରିକ ଗତ କାଲି ରାତିରୁ ଭୁବନେଶ୍ୱର ଷ୍ଟେସନଠାରେ ଜଗି ବସିଥିଲେ। ଭୁବନେଶ୍ୱର ଆର.ପି.ଏଫ୍. ଏବଂ ଜି.ଆର.ପି ପୋଲିସକୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଥିଲା। ଟ୍ରେନଟି ବିଳମ୍ବରେ ଆସିଥିବା ବେଳେ ଭୁବନେଶ୍ୱର ଷ୍ଟେସନରେ କମ୍ ସମୟ ଅଟକି ଥିଲା। ଏତେ କମ୍ ସମୟ ମଧ୍ୟରେ ୪ ଜଣ ପିଲାଙ୍କୁ ଟ୍ରେନ୍‌ର ବଗି ଏସ୍ -୧. ଏସ୍-୫ ଓ ଡି-୪ ରୁ ୪ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ସେମାନେ ସମସ୍ତେ ନାବାଳକ ବୋଲି ଜଣା ପଡ଼ିଥିଲା। ଦୁଇ ଜଣ ପିଲା ବେଗୁସରାଇ ଜିଲ୍ଲାର ହୋଇଥିବା ବେଳେ, ଜଣେ କୋରହ୍ କଟିହାର ଏବଂ ଅନ୍ୟଜଣେ ଚମ୍ପାରନ ଜିଲ୍ଲାର। ତେବେ ୪ ଜଣ ପିଲାଙ୍କୁ ଭୁବନେଶ୍ୱର ଅତିରିକ୍ତ ଶିଶୁ କଲ୍ୟାଣ ସମିତିରେ ହଜାର କରାଯିବା ପରେ ସେମାନଙ୍କୁ ରୁଚିକା ଓପନ ସେଲ୍ଟର୍ କୁ ପଠାଯାଇଛି। ଅତିରିକ୍ତ ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶ କ୍ରମେ ରୁଚିକା କର୍ମକର୍ତ୍ତାମାନେ ଭୁବନେଶ୍ୱରର ଜି.ଆର୍.ପି. ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ଦୁଇ ଜଣ ଦଲାଲ ଯଥା ବିହାର ବେଗୁଷରାଇ ଜିଲ୍ଲାର ଯସୱନ୍ତ କୁମାର, କଟିହାର୍ ଜିଲ୍ଲାର ଏମ.ଡି ସଉହରାବଙ୍କୁ ପୋଲିସ ଧରି ନିଜ ହେପାଜତକୁ ନେଇଛି।

# ଆନ୍ଦୋଳନକୁ ଓହ୍ଲାଇଲେ ସଫେଇ କର୍ମଚାରୀ




**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣକୁ ନେଇ ବିଏମ୍‌ସିର ସଫେଇ କର୍ମଚାରୀମାନେ ପ୍ରତିବାଦ କରିଛନ୍ତି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ବିଏମ୍‌ସିର ପ୍ରତିଟି କର୍ମଚାରୀଙ୍କୁ ସୁରକ୍ଷା ଦାବିକରି ଝାଡୁ ଛାଡ଼ ଆନ୍ଦୋଳନ କରିଛନ୍ତି। ଯେଉଁଠି ଅତିରିକ୍ତ କମିଶନର୍‌ଙ୍କ ଶ୍ରେଣୀୟ କର୍ମଚାରୀ ସୁରକ୍ଷିତ ନାହାନ୍ତି। ଖୋଦ୍ ଅଫିସ୍ ଭିତରେ ପଶି ତାଙ୍କୁ ମାଡ଼ ମରାଯାଉଛି। ସେଠି ଆମେ ତୃଣମୂଳସ୍ତରରେ କାମ କରୁଥିବା ସାଧାରଣ କର୍ମଚାରୀ ଆଦୌ ସୁରକ୍ଷିତ ନୁହେଁ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି। ସେମାନେ କାର୍ଯ୍ୟ ବନ୍ଦ କରିବା ଯୋଗୁଁ ଅଧା ରାଜଧାନୀରେ ଅଳିଆ ଉଠିନି। ଅଧିକାଂଶ ସ୍ଥାନ ସଫା ନ ହୋଇ ରାସ୍ତା କଡ଼ରେ ଅଳିଆ ଗଦା ହୋଇଛି। କେବଳ ଲୋକଙ୍କୁ ଘରୁ ପ୍ରତିଦିନ ଅଳିଆ ଗାଡ଼ି ଅଳିଆ ସଂଗ୍ରହ କରିଛି। ରାସ୍ତାଘାଟ କୌଣସି କର୍ମଚାରୀ ସଫା କରିନାହାନ୍ତି। ଏହି ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ କାର୍ଯ୍ୟରେ ଯୋଗଦେବେନି ବୋଲି ସଫା ସଫା ଶୁଣାଇ ଦେଇଛନ୍ତି। ବଡଗଡ଼ ୫୭ ନମ୍ବର ୱାର୍ଡରେ ସ୍ୱଚ୍ଛ ସାଥୀମାନେ ହାତରେ କଳାବ୍ୟାଚ୍ ବାନ୍ଧି ଧାରଣାରେ ବସିଥିଲେ। ବିଏମସିର ବରିଷ୍ଠ ଅଧିକାରୀ ସୁରକ୍ଷିତ ନଥିବାବେଳେ ଆମେ କେମିତି ସୁରକ୍ଷିତ ରହିବୁ ବୋଲି ପ୍ରଶ୍ନ କରିଥିଲେ। କେବଳ ସାମ୍ନାକୁ ଆସିଥିବା ଦୁର୍ବୃତ୍ତଙ୍କୁ ଗିରଫ କରି ପୁଲିସ ଚୁପ୍ ନ ବସୁ ବରଂ ମୁଖ୍ୟ ଷଡଯନ୍ତ୍ରକାରୀକୁ ଗିରଫ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ନଚେତ କାର୍ଯ୍ୟରେ ଯୋଗଦେବେନି ବୋଲି ଦୃଢ଼ ଦାବି କରିଛନ୍ତି।

# ଏମ୍‌ସରୁ ୨ ଦଲାଲ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଏମ୍ସକୁ ଆସୁଥିବା ରୋଗୀଙ୍କ ଠାରୁ ଟଙ୍କା ଲୁଟିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଦୁଇ ଜଣ ଦଲାଲଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିତେନ ସୂତାର ଏବଂ ବିଧାନ ଚଳକଙ୍କୁ ଗିରଫ କରିଛି। ଏମ୍ସ ହସ୍ପିଟାଲ ସୈନିକ ସିକ୍ୟୁରିଟି ସଂସ୍ଥାର ସିକ୍ୟୁରିଟି ଇନ୍‌ଚାର୍ଜ ରବୀନ୍ଦ୍ର କୁମାର ନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା କରି ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ସକାଳ ପ୍ରାୟ ୮ ସମୟରେ ରବୀନ୍ଦ୍ର ଏବଂ ତାଙ୍କ କର୍ମଚାରୀମାନେ ଏମ୍ସ ହସ୍ପିଟାଲର ଓପିଡି ଟିକଟ କାଉଣ୍ଟରରେ ଡ୍ୟୁଟିରେ ଥିବା ସମୟରେ ଜିତେନ ସୂତାର ଏବଂ ବିଧାନ ଚଳକ ନାମକ ଦୁଇ ଜଣ ବ୍ୟକ୍ତି ଏମ୍ସ ହସ୍ପିଟାଲକୁ ଆସିଥିବା ରୋଗୀଙ୍କଠାରୁ ଧାଡ଼ିରେ ଠିଆ ନ ହୋଇ ଟିକଟ ବ୍ୟବସ୍ଥା କରିବା ବଦଳରେ ଟଙ୍କା ଆଦାୟ କରୁଥିବାର ଜଣାପଡ଼ିଥିଲା। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତରେ ଜଣାପଡିଥିଲା ଯେ, ଅଭିଯୁକ୍ତ ବ୍ୟକ୍ତିମାନେ ଦଲାଲ ଭାବରେ କାର୍ଯ୍ୟ କରୁଥିଲେ। ରୋଗୀମାନଙ୍କୁ ଶୀଘ୍ର ଟିକେଟିଂ, ଡାକ୍ତରଙ୍କ ସହିତ ପରାମର୍ଶ କରାଇବା ଏବଂ ଆର୍ଥିକ ଲାଭ ପାଇଁ ଅନ୍ୟାନ୍ୟ ଚିକିତ୍ସା ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ। ତଲାସୀ ବେଳେ, ଅଭିଯୁକ୍ତ ଦୁହିଁଙ୍କ ନିକଟରୁ ଅନେକ ରୋଗୀଙ୍କ ଆଧାର କାର୍ଡ ଜବତ କରାଯାଇଥିଲା। ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ ଏବଂ ସେମାନେ ନିୟମିତ ଭାବରେ ସାଧାରଣ ରୋଗୀଙ୍କୁ ଠକିବା ଏବଂ ପ୍ରଚୁର ପରିମାଣର ଟଙ୍କା ଆଦାୟ କରୁଥିବା ଦର୍ଶାଇଥିଲେ। ଯାଞ୍ଚରୁ ଅଭିଯୁକ୍ତ ଜିତେନ ସୂତାରଙ୍କ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ଥିବା ଜଣା ପଡିଛି।

# ରଥଯାତ୍ରାରେ ଅନ୍ନ ସେବା

**ଭୁବନେଶ୍ୱର (ପିପିଏସ୍):** ଚଳିତ ରଥଯାତ୍ରା-୨୦୨୫ ଅବସରରେ ଗୋଲଡେନ୍ ଇଗଲ ଫାଉଣ୍ଡେସନ୍ ପକ୍ଷରୁ ଅତୁଲ କ୍ରୀଷ୍ଣାଙ୍କ ସହଯୋଗରେ ବଡ଼ଶଙ୍ଖ ସୁଦର୍ଶନ ନଗର ଠାରେ ଅନ୍ନଦାନ ସେବା ଆୟୋଜିତ ହୋଇଥିଲା। ଏଠାରେ ହଜାର ହଜାର ଭକ୍ତଙ୍କୁ ସକାଳ, ମଧ୍ୟାହ୍ନ ଓ ରାତିରେ ଭୋଜନ ପ୍ରଦାନ କରାଯାଉଛି। ଏହି ଅନ୍ନଦାନ ସେବା ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ଯାଏ ୯ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର (ପିପିଏସ୍):** ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍‌ସ ଆନୁକୂଲ୍ୟରେ ମଙ୍ଗଳବାର ରାଜଧାନୀ ମୁଖ୍ୟ ଚିକିତ୍ସାଳୟସ୍ଥିତ ବ୍ଲଡ଼ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ରୁଦ୍ର ପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣତ୍ କିଶୋର ଜେନାଙ୍କ ମିଳିତ ସହଯୋଗରେ ବହୁ ସଂଖ୍ୟାରେ ଯୁବ ରୋଟାରିଆନମାନେ ରକ୍ତଦାନ କରିଥିଲେ। ଏହି ଶିବିରରୁ ୩୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଜି ବିଶ୍ୱ ଡକ୍ଟର ଦିବସ ଅବସରରେ କ୍ଲବ୍ ତରଫରୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଲଳିତ ବେହେରା ଓ ବ୍ଲଡ଼ ବ୍ୟାଙ୍କର ଡା. ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରୀଆନ ଅଶୋକ ସାମଲ, ନୀଳାଚଳ ପ୍ରଧାନ, ବିଦ୍ୟୁତ୍ କୁମାର ସେଠି, ଆଲୋକ ସାମଲ, ଅଭିଳାଷ ପତି ପ୍ରମୁଖ ବହୁ ରୋଟାରୀଆନ ଉପସ୍ଥିତ ଥିଲେ।

# ବିଏମ୍‌ସି କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ଢିଲା

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ଅତିରିକ୍ତ କମିସନର୍ ରତ୍ନାକର ସାହୁଙ୍କୁ ସୋମବାର ବିଏମ୍‌ସି ଅଫିସ୍ ଭିତରେ ପଶି ଦୁର୍ବୃତ୍ତ ପିଟିଲେ। ତାଙ୍କୁ ଘୋଷାଡ଼ି ଘୋଷାଡ଼ି ଉପରୁ ତଳ ମହଲା ଫାଟକ ନିକଟକୁ ଆଣିଲେ। ଏହି ସ୍ଥାନରେ ବିଏମ୍‌ସି ତରଫରୁ ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ସୁରକ୍ଷା କର୍ମୀ ନିୟୋଜିତ ଥିଲେ। ଘଟଣାରେ ସୁରକ୍ଷାକର୍ମୀ ସାମାନ୍ୟତମ ପ୍ରତିବାଦ ବି କଲେନି। ସୁରକ୍ଷା ଦେବା ତ ଦୂରର କଥା ଦୁର୍ବୃତ୍ତମାନେ କମିସନର୍‌ଙ୍କୁ ଗୋଇଠା, ବିଧା ମାରି ଚାଲିଥିଲେ ବି ତାଙ୍କୁ ଅଟକାଇବାକୁ ବି ସାହାସ ଜୁଟାଇ ପାରିଲେନି। ତେବେ ବିଏମ୍‌ସି ତହବିଲ୍‌ରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସୁରକ୍ଷା କର୍ମୀଙ୍କୁ କ'ଣ ପାଇଁ ନିୟୋଜିତ କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅପରପକ୍ଷେ ଖୋଦ୍ ରାଜଧାନୀ ଛାତି ଉପରେ ସରକାରୀ ଅଫିସ୍ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି। ତେବେ ସାଧାରଣ ଲୋକ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

ଜନପଥ ରାସ୍ତାପାର୍ଶ୍ୱ ତଥା ସହରର ପ୍ରମୁଖ ସ୍ଥାନରେ ରହିଛି ବିଏମ୍‌ସି କାର୍ଯ୍ୟାଳୟ। ମୋଟ ଉପରେ ୬ଟି ମହଲାରେ କାର୍ଯ୍ୟାଳୟରେ କାମ ଚାଲୁଛି। ଲୋୟର ଗ୍ରାଉଣ୍ଡ(ଏଲ୍‌ଜି), ଅପର୍ ଗ୍ରାଉଣ୍ଡ (ୟୁଜି)କୁ ମିଶାଇ ତୃତୀୟ, ଚତୁର୍ଥ ଓ ପଞ୍ଚମ ମହଲାରେ ବିଏମ୍‌ସି ଅଫିସ୍ କାର୍ଯ୍ୟ କରୁଥିବାବେଳେ ପଞ୍ଚମ ମହଲାରେ ସ୍ମାର୍ଟ ସିଟିର କାର୍ଯ୍ୟାଳୟ ଚାଲିଛି। ଏହି କାର୍ଯ୍ୟାଳୟରେ ୧୦୭୨ ଜଣ କର୍ମଚାରୀ କାମ କରୁଛନ୍ତି। ଏଥିରେ ୧୬ଜଣ ଓଏସ୍ ଅଧିକାରୀ ଥିବାବେଳେ ଇଞ୍ଜିନିୟର୍ ୩୮ ଜଣ, ସ୍ଥାୟୀ କିରାଣି ୪୩ ଜଣ, ଟ୍ୟାକ୍ସ କଲେକ୍ଟର ୪୩ ଜଣ, ସିଏଲ୍‌ଆର୍ କର୍ମଚାରୀ ୬୭୧ ଜଣ ଓ ଡିଏଲ୍‌ଆର୍ କର୍ମଚାରୀ ୨୬୨ ଜଣ କାମ କରୁଛନ୍ତି। ଏଥିସହ କମିସନର୍ ଓ ମେୟର ବିଏମ୍‌ସିରେ ସମସ୍ତ ଦାୟିତ୍ୱ ବୁଝୁଛନ୍ତି। ଏତଦବ୍ୟତୀତ ପ୍ରତିଦିନ ବିଭିନ୍ନ ସମସ୍ୟା ନେଇ ୬୭ଟି ୱାର୍ଡରୁ ଶତାଧିକ ସଂଖ୍ୟାରେ ଲୋକେ ଅଭିଯୋଗ ନେଇ ଆସୁଛନ୍ତି। ତେଣୁ ଏତେ ବଡ଼ ସରକାରୀ କାର୍ଯ୍ୟାଳୟରେ ଏଭଳି ଢ଼ିଲା ସୁରକ୍ଷା ବ୍ୟବସ୍ଥାରେ କେମିତି ଚାଲିଛି। ଖାରବେଳ ନଗର ଥାନାଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ଦୁର୍ବୃତ୍ତ ଏଭଳି ଆତଙ୍କରାଜ ଖେଳାଇ ଦେଲେ। ପୁଲିସ ତୁରନ୍ତ କିଛି କରିପାରିଲାନି। ସନ୍ଧ୍ୟାରେ ଦୁର୍ବୃତ୍ତମାନଙ୍କୁ ଗିରଫ କଲା। ଏବେ ସରକାରୀ ଅଫିସ୍‌କୁ ସାଧାରଣ ଲୋକ ଯିବାକୁ ଭୟ କଲେଣି। ଅପରପକ୍ଷେ ବିଏମ୍‌ସିରେ ଦୈନିକ ୩୦ ଜଣ ସୁରକ୍ଷାକର୍ମୀ କାମ କରୁଛନ୍ତି। ୪ଟି ଫାଟକ ନିକଟରେ ୨ ଜଣ ଲେଖାଁଏ ସୁରକ୍ଷା କର୍ମୀ କାମ କରୁଥିବାବେଳେ ପ୍ରତି ମହଲା (ଫ୍ଲୋର୍)ରେ ଜଣେ ଲେଖାଁଏ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଏଥିସହ ରାତିରେ ଅତିରିକ୍ତ ୧୦ ଜଣ ସୁରକ୍ଷା କର୍ମୀ ରହୁଛନ୍ତି। ଦିନକୁ ୩ଟି ସିଫ୍ଟରେ ଏମାନେ ଅଫିସ୍‌କୁ ଜଗି ରହୁଛନ୍ତି। 'ଜଗନ୍ନାଥ ସିକ୍ୟୁରିଟି ସର୍ଭିସ୍' ନାମକ ଘରୋଇ ସଂସ୍ଥା ପକ୍ଷରୁ ସୁରକ୍ଷାକର୍ମୀ ଯୋଗାଇ ଦିଆଯାଇଛି। ଏଥିପାଇଁ ମାସିକ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବର୍ଷକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ବିଏମ୍‌ସି ତହବିଲ୍‌ରୁ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏମାନେ କାହାକୁ ସୁରକ୍ଷା ଦେଉଛନ୍ତି ବୋଲି ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି। ଯଦି ଅଫିସ୍ ଭିତରେ ଜଣେ ଓଏସ୍ ଅଧିକାରୀଙ୍କୁ ଦୁର୍ବୃତ୍ତ ଆକ୍ରମଣ କଲେ, ଏମାନେ ସୁରକ୍ଷା ଦେଇ ପାରିଲେନି। ତେବେ ସୁରକ୍ଷା ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରାଯାଉଛି। ଏଥିସହ ଏତେ ବଡ଼ କାର୍ଯ୍ୟାଳୟର ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ଧୁକଧାରୀ ପୁଲିସ ନିୟୋଜିତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ଜମୁଛି ଶିଳ୍ପୀ ସମାଗମ ମେଳା, ଏକାଠି ହେଲେ ୧୪ ରାଜ୍ୟର ହସ୍ତଶିଳ୍ପୀ

**ଭୁବନେଶ୍ୱର (ପିପିଏସ୍):** ବିଭିନ୍ନ ରାଜ୍ୟର ଶିଳ୍ପୀଙ୍କ ସମାବେଶ ଗୋଟିଏ ସ୍ଥାନରେ ଦେଖିବାକୁ ମିଳୁଛି। ରଥଯାତ୍ରା ଅବସରରେ ପାରମ୍ପିକ ହସ୍ତଶିଳ୍ପର ଏକ ସମାବେଶ ବରମୁଣ୍ଡା ସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆରେ ଗତ ଜୁନ୍ ୨୬ରୁ ଆରମ୍ଭ ହୋଇଛି। ଏହି ଶିଳ୍ପ ସମାଗମ ପାରମ୍ପରିକ କାରିଗରଙ୍କ ଉନ୍ନତି ଜୀବିକା କାର୍ଯ୍ୟକ୍ରମ ଅଧୀନରେ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ହୋଇଛି। ଯେଉଁଥିରେ ମୋଟ ୧୪ଟି ରାଜ୍ୟର ୭୫ ଠୁ ଅଧିକ କାରିଗର ଏବଂ ପାଖାପାଖି ୮୦ ଟି ଷ୍ଟଲ ରହିଛି। ଏହି ମେଳାରେ ବିଭିନ୍ନ ପ୍ରକାରର ପାରମ୍ପରିକ ହାତ ତିଆରି ଜିନିଷ ଦେଖିବାକୁ ମିଳୁଛି। ପୋଷାକ, ସାଜସଜ୍ଜା ଉପକରଣ ଆଦି ହସ୍ତଶିଳ୍ପର ଜିନିଷ ଲୋକଙ୍କୁ ବେଶ ଆକର୍ଷିତ କରୁଛି। ମେଳାର ଆରମ୍ଭରୁ ଆକର୍ଷିତ କରୁଛି



ହରିୟାଣାରୁ ଆସିଥିବା କିଛି ଲୋକଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ପରିବେଷଣ। ଯିଏ ସେହି ବାଟ ଦେଇ ଯାଉଛି ପ୍ରଥମେ ଘଡିଏ ଅଟକି ଯାଉଛି। ପଚାରି ବୁଝିବାରୁ ବାଦ୍ୟଯନ୍ତ୍ର ପରିବେଷଣ କରୁଥିବା ଜଣେ କାରିଗର କୁହନ୍ତି, ଏହା ତାଙ୍କର ପାରମ୍ପରିକ ବାଦ୍ୟଯନ୍ତ୍ର। ଯାହାର ନାମ ହରିୟାଣା ବିନ ପାଲଟି। ଏହା ତାଙ୍କ ଅଞ୍ଚଳର ଜଣାଶୁଣା ବାଦ୍ୟ, ଯାହା ବର୍ଷ ବର୍ଷ ଧରି ପରିବେଷଣ ହୋଇ ଆସୁଛି। ବିଶେଷକରି ସେଠାକାର ବାହାଘର, ବ୍ରତଘର, ଜନ୍ମ ଦିନ ଆଦିରେ ଏହି ବାଦ୍ୟ ପରିବେଷଣ କଲେ ଶୁଭ ବୋଲି କୁହାଯାଏ। ଏହି ବାଦ୍ୟ ପରିବେଷଣ କରିବାକୁ ହରିୟାଣାରୁ ୫ ଜଣ କାରିଗର ଏହି ଶିଳ୍ପୀ ସମାବେଶରେ ଯୋଗ ଦେଇଛନ୍ତି। ବର୍ତ୍ତମାନ ସମୟରେ ଲୋକଙ୍କ କଷ୍ଟୋମାଇଜ ଜିନିଷ ପ୍ରତି ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ସେହିପରି ଟ୍ରେଣ୍ଡରେ ଯୋଡି ହୋଇଛି କଷ୍ଟୋମାଇଜ କ୍ୟାଣ୍ଡେଲ। ବିଭିନ୍ନ ସମୟରେ ଘରକୁ ସଜେଇବା ପାଇଁ ଲୋକ ରଙ୍ଗବେରଙ୍ଗର କ୍ୟାଣ୍ଡେଲ ବ୍ୟବହାର କରୁଥିବାବେଳେ ଏବେ ଏହାକୁ ଆହୁରି ଆକର୍ଷଣୀୟ ଢଙ୍ଗରେ ବିକ୍ରି କରାଯାଉଛି। ଏହାର ଗଠନ ଠୁ ବାସ୍ନା ସବୁକିଛି ଅର୍ଡର ମୁତାବକ ତିଆରି ହେଉଛି। ସେହିପରି ଏକ ଷ୍ଟଲ ଶିଳ୍ପୀ ସମାବେଶରେ ମଧ୍ୟ ଦେଖିବାକୁ ମିଳିଥିଲା। ଯେଉଁଠି ଲାଭେଣ୍ଡର, ଭ୍ୟାନିଲା, ରୋଜ, ଜାଷମିନ ଆଦି ବାସ୍ନା ସହ ଟି ଲାଇଟ, ଫୁଲ, ଜାର, ଲ୍ୟାମ୍ପ, ଫ୍ଲୋଟିଙ୍ଗ କ୍ୟାଣ୍ଡେଲ ଆଦି ବିକ୍ରି ହେଉଛି। ଏହି ପିଓର ଇଣ୍ଡିଆ କ୍ୟାଣ୍ଡେଲ ବିକ୍ରି କରୁଥିବା ନରେନ୍ଦ୍ର କୁମାର କୁହନ୍ତି, ଦିଲ୍ଲୀରେ ତାଙ୍କ ଷ୍ଟୋର ହେଲେ ବି ବିଭିନ୍ନ ରାଜ୍ୟରୁ ତାଙ୍କ ପାଖକୁ ଅର୍ଡର ଆସିଥାଏ। ଏଠାରେ ମଧ୍ୟ ଆସୁଥିବା ଗ୍ରାହକଙ୍କୁ ଏହି କ୍ୟାଣ୍ଡେଲ ବେଶ ପସନ୍ଦ ଆସୁଛି। ଯାହାର ମୂଲ୍ୟ ୫୦ ଟଙ୍କାରୁ ୩ ଶହରୁ ଅଧିକ ଏବଂ ଅର୍ଡର ଅନୁଯାୟୀ ତାର ମୂଲ୍ୟ ରହିଛି। ଅନ୍ୟ ଷ୍ଟଲ ପରି ୟୁପିରୁ ଆସିଥିବା ଅଲ୍ଲୀ ଅଖବରଙ୍କ ଜୁଟ ଆର୍ଟର ୱାଲ ହ୍ୟାଙ୍ଗିଙ୍ଗ ଲୋକଙ୍କୁ ଆକର୍ଷିତ କରୁଛି। ଦେଖିବାକୁ ଯେପରି ଆକର୍ଷଣୀୟ ହୋଇଛି ତାର ତିଆରି ମଧ୍ୟ ସେହିପରି ପାରମ୍ପରିକ ଶୈଳୀରେ ହୋଇଛି। ଏହାକୁ ବୁଣି ତିଆରି କରିବାକୁ ପାଖାପାଖି ୩ ରୁ ୪ ଦିନ ସମୟ ଲାଗିଥାଏ। ଏହାକୁ ଆକର୍ଷଣୀୟ ରୂପ ଦେବାକୁ ସେଥିରେ ବିଭିନ୍ନ ପ୍ରକାରର ଚିତ୍ର, ଫୁଲ ଆଦି ଡିଜାଇନ ତିଆରି ହୋଇଥାଏ। ଅଫିସ, ଘର ଏବଂ ଗିଫ୍ଟ ଆଇଟମ ହିସାବରେ ଲୋକ ଏହାକୁ କିଣୁଥିବା ସେ କହିଛନ୍ତି। ଯାହାର ମୂଲ୍ୟ ୪୫୦ ରୁ ୨ ହଜାର ଏବଂ ତାଠୁ ଅଧିକ ମଧ୍ୟ ରହିଛି।






## ଶେଖ୍ ହସିନାଙ୍କୁ ୬ ମାସ ଜେଲ୍‌ଦଣ୍ଡ



ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଝଟକା। ଆଇନ ଅବମାନନା ମାମଲାରେ ଶେଖ ହସିନାଙ୍କୁ ୬ ମାସର ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ଜଷ୍ଟିସ୍ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ-୧ରେ ବୁଧବାର ତିନି ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଜାରି କରିଛନ୍ତି। ପ୍ରଥମଥର ପାଇଁ କୌଣସି ମାମଲାରେ ଶେଖ ହସିନାଙ୍କୁ ଜେଲ ଦଣ୍ଡ ହୋଇଛି। ହସିନାଙ୍କ ବିରୋଧରେ ଦୁର୍ନୀତି ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ଗମ୍ଭୀର ଅଭିଯୋଗ ରହିଛି। ବାଂଲାଦେଶରେ ଶେଖ୍ ହାସିନାଙ୍କ ବିରୋଧରେ ଅନେକ ମାମଲାରେ ଏବେ ବିଚାର ଚାଲିଛି। ଶେଖ୍ ହାସିନା ୨୦୨୪ରେ ଭାରତରେ ପହଞ୍ଚିଥିଲେ। ସେହିଦିନ ଠାରୁ ସେ ନୂଆଦିଲ୍ଲୀରେ ଅଛନ୍ତି। ତେବେ ୟୁନୁସ୍ ସରକାର ହାସିନାଙ୍କୁ ଫେରାଇ ଆଣିବା ପାଇଁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତି। ଏନେଇ କିନ୍ତୁ ଭାରତ ସରକାରଙ୍କ ପକ୍ଷରୁ ଏଯାବତ କେ ?ଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶେଖ ହସିନାଙ୍କ ବିରୋଧରେ ଆଇନ ଅବମାନନା ମାମଲା ଗତବର୍ଷ ଅକ୍ଟୋବର ମାସରେ ରୁଜୁ ହୋଇଥିଲା। ଯାହାକି ଲିକ ହୋଇଥିବା ଏକ ଫୋନକଲ ସହିତ ଜଡ଼ିତ ଥିଲା। ଲିକ ହୋଇଥିବା ଅଡିଓ ହସିନାଙ୍କର ବୋଲି କୁହାଯାଉଥିଲା। ଯେଉଁଥିରେ, 'ମୋ ବିରୋଧରେ ୨୨୭ଟି ମାମଲା ରୁଜୁ କରାଯାଇଛି। ସେଥିପାଇଁ ମୋତେ ୨୨୭ଜଣଙ୍କୁ ହତ୍ୟା କରିବା ପାଇଁ ଲାଇସେନ୍ସ ମିଳି ଯାଇଛି...' କୁହାଯାଉଥିବା ଶୁଣିବାକୁ ମିଳିଥିଲା।' ଶେଖ ହସିନାଙ୍କ ସମେତ ଟ୍ରିବ୍ୟୁନାଲ ଗାଇବନ୍ଧାର ଗୋବିନ୍ଦଗଞ୍ଜର ଶକିଲ ଆକନ୍ଦ ବୁଲବୁଲଙ୍କୁ ମଧ୍ୟ ଦୁଇମାସ ଜେଲଦଣ୍ଡ ଦିଆଯାଇଛି।

## ଆରଜେଡିରେ ସାମିଲ ହେବେ ସଲମାନ

ପାଟଣା: ଆଉ ମାସ କେଇଟା ପରେ ବିହାରରେ ବିଧାନସଭା ନିର୍ବାଚନ । ଚଳିତ ବର୍ଷ ନିର୍ବାଚନ ଥିବାରୁ ସରଗରମ ହେଲାଣି ରାଜନୈତିକ ପାଣିପାଗ । ବିହାର ନିର୍ବାଚନ ପାଖେଇ ଆସୁଥିବା ବେଳେ ଆରମ୍ଭ ହୋଇଯାଇଛି ଦଳ ଡିଆଁ ପର୍ବ । ଟିକେଟ୍ ଲୋଭରେ ବା ଦଳରେ ଅସନ୍ତୋଷ କାରଣରୁ ଗୋଟିଏ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଉଛନ୍ତି ନେତା । ଆଉ ଏହାରି ଭିତରେ ନୀତୀଶ କୁମାରଙ୍କୁ ଲାଗିପାରେ ବଡ଼ ଝଟକା । ମୁସଲିମ ସମ୍ପ୍ରଦାୟର ପ୍ରଭାବଶାଳୀ ନେତା ଏବଂ ପୂର୍ବତନ ଜେଡିୟୁ ଏମଏଲସି ସଲମାନ ରାଗିବ ମୁନ୍ନା ଜୁଲାଇ ୯ରେ ଆରଜେଡିରେ ଯୋଗ ଦେବାକୁ ଯାଉଛନ୍ତି । ସଲମାନ ରାଗିବ ମୁନ୍ନା ୱାକଫ ଆଇନ ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରି ଏହି ନିଷ୍ପତ୍ତି ନେଇଛନ୍ତି । ନୱାଡ଼ାରେ ଯେଉଁଠି ମୁସଲମାନ ସମୁଦାୟ ଅଞ୍ଚଳ ଉପରେ ନୀତୀଶଙ୍କ ପଲ୍ଲା ଭାରି ଥିଲା ସେଠାରେ ଏବେ ନୀତୀଶ ଦୁର୍ବଳ ହେଉଥିବା ପରି ମନେ ହେଉଛି । ସଲମାନ ନୱାଡାରେ ଏକ ଟାଣୁଆ ନେତା ଥିଲେ । ଜନତାଙ୍କ ଭରସା ସଲମାନଙ୍କ ଉପରେ ରହିଛି । ସଲମାନଙ୍କ ଦୃଢ଼ ସଂଗଠନ ରହିଛି । ଆଉ ନିର୍ବାଚନ ପାଖେଇ ଆସୁଥିବା ବେଳେ ସଲମାନ ନୀତୀଶଙ୍କ ହାତ ଛାଡ଼ିବା କେଉଁଠି ନା କେଉଁଠି ତାଙ୍କ ଦଳ ଉପରେ ପ୍ରଭାବ ପକାଇବ ଏଥିରେ କୌଣସି ସନ୍ଦେହ ନାହିଁ । ସଲମାନ କହିଛନ୍ତି, ଜେଡିୟୁ ମୁସଲମାନଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ମୁସଲମାନଙ୍କ ପ୍ରତି ଦୋମୁହାଁ ନୀତି ଆପଣାଇଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସଲମାନ ରାଗିବ ମୁନ୍ନାଙ୍କ ବ୍ୟତୀତ ପୂର୍ବତନ ବିଧାୟିକା ପୂର୍ଣ୍ଣିମା ଯାଦବ ଏବଂ କୌଶଲ ଯାଦବ ବି ଜେଡିୟୁ ଛାଡ଼ି ଆରଜେଡ଼ିରେ ସାମିଲ ହେବାକୁ ଯାଉଛନ୍ତି । ସଲମାନ ରାଗିବ ମୁନ୍ନା ପ୍ରାୟ ୧୮ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସମର୍ଥନ କରିଆସିଛନ୍ତି । ନୀତୀଶଙ୍କ ସାଥ୍ ଦେଇଆସିଛନ୍ତି, ଏବେ ଯଦି ନୀତୀଶଙ୍କ ହାତ ଛାଡ଼ନ୍ତି ତେବେ ନିର୍ବାଚନ ଫଳ ଉପରେ କି ପ୍ରଭାବ ପକାଇବ ତାହା ସମୟ ହିଁ କହିବ ।

## 'ମୁଁ ହେବି ମୁଖ୍ୟମନ୍ତ୍ରୀ' : ଶିବକୁମାର



ବେଙ୍ଗାଲୁରୁ : କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଡିକେ ଶିବକୁମାର ଏବଂ ତାଙ୍କ ସମର୍ଥକମାନଙ୍କୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ସିଦ୍ଧରମୈୟା କହିଛନ୍ତି ଯେ ସେ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରହିବେ। ସିଦ୍ଧରମୈୟାଙ୍କୁ ପଚରାଯାଇଥିଲା ଯେ ସେ ପାଞ୍ଚ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ରହିବେ କି ନାହିଁ, ଯାହାର ଉତ୍ତରରେ ସେ କହିଥିଲେ, 'ହଁ, ମୁଁ ରହିବି। ତୁମେ କାହିଁକି ସନ୍ଦେହ କରୁଛ ?' ସିଦ୍ଧରମୈୟାଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଭାରତୀୟ ଜନତା ପାର୍ଟି ଏବଂ ଜେଡିଏସ ଦାବି କରିଥିଲେ ଯେ କଂଗ୍ରେସରେ ଆଭ୍ୟନ୍ତରୀଣ ମତଭେଦ ଅଛି।

ରାଜନୈତିକ ମହଲରେ, ବିଶେଷକରି ଶାସକ କଂଗ୍ରେସରେ, ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଚୁକ୍ତିନାମାକୁ ଉଲ୍ଲେଖ କରି ଚଳିତ ବର୍ଷ ଶେଷରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବା ନେଇ କଳ୍ପନାଜଳ୍ପନା ଚାଲିଛି। ତଥାପି, ଶିବକୁମାର ମଙ୍ଗଳବାର କହିଥିଲେ ଯେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ନେଇ କୌଣସି ଆଲୋଚନା ହେଉନାହିଁ ଏବଂ ସେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଦଳର ସରକାରର ହାତକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ସମ୍ପର୍କରେ ଭାଜପା ଏବଂ ଜନତା ଦଳ-ଧର୍ମନିରପେକ୍ଷ (ଜେଡିଏସ) ନେତାଙ୍କ ଦାବି ଉପରେ ସିଦ୍ଧରମୈୟା କହିଛନ୍ତି, 'ସେମାନେ କ'ଣ ଆମର ହାଇକମାଣ୍ଡ ?' ସେ ପଚାରିଲେ, 'ଆର ଅଶୋକ ଏବଂ ବିୱାଇ ବିଜୟେନ୍ଦ୍ର ଭାଜପା ନେତା। ଚାଲବାଦୀ ନାରାୟଣସ୍ୱାମୀ ମଧ୍ୟ ଜଣେ ଭାଜପା ନେତା। ଯଦି ସେମାନେ ଏପରି କଥା କୁହନ୍ତି, ତେବେ ଆପଣ ଏହାକୁ ଲେଖିବେ କି ? ଆପଣ ଏହାକୁ ନିଶ୍ଚିତ କରିବା ଉଚିତ କି ନାହିଁ ?' ପୂର୍ବରୁ, ଶିବକୁମାର ବେଙ୍ଗାଲୁରୁରେ କହିଥିଲେ ଯେ ଶାସକ କଂଗ୍ରେସ ଭିତରେ କୌଣସି ମତଭେଦ ନାହିଁ ଏବଂ ସିଦ୍ଧରମୈୟା ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ନେତୃତ୍ୱ ପ୍ରସଙ୍ଗରେ କୌଣସି ବିବାଦର ଆବଶ୍ୟକତା ନାହିଁ। ମେ ୨୦୨୩ରେ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ, ମୁଖ୍ୟମନ୍ତ୍ରୀ ପଦ ପାଇଁ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ କଠିନ ପ୍ରତିଯୋଗିତା ହୋଇଥିଲା ଏବଂ କଂଗ୍ରେସ ଶିବକୁମାରଙ୍କୁ ମନାଇବାରେ ସଫଳ ହୋଇଥିଲା। ଏହା ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିଲା। ସେତେବେଳେ କିଛି ରିପୋର୍ଟ ଆସିଥିଲା ଯେ 'କ୍ରମିକ ମୁଖ୍ୟମନ୍ତ୍ରୀ ଫର୍ମୁଲା' ଆଧାରରେ ଏକ ଚୁକ୍ତି ହୋଇଥିଲା ଯାହା ଅନୁଯାୟୀ ଶିବକୁମାର ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ହେବେ କିନ୍ତୁ ଦଳ ଦ୍ୱାରା ଏହାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇ ନଥିଲା।

# ବିମାନର ଦୁଇଟି ଇଞ୍ଜିନ ହୋଇଥିଲା ଫେଲ୍: ରିପୋର୍ଟ



ନୂଆଦିଲ୍ଲୀ : ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନ AI-୧୭୧ ର ହୋଇଥିଲା ଭୟଙ୍କର ଦୁର୍ଘଟଣା। ଏବେ ଏହି ମାମଲାରେ ହୋଇଥିବା ଯାଞ୍ଚରେ ହୋଇଛି ବଡ଼ ଖୁଲାସା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଦୁଇଟି ଇଞ୍ଜିନ ଫେଲ୍ ହେବା କାରଣରୁ ଏହି ଦୁର୍ଘଟଣା ଘଟିଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେନ୍ ବ୍ୟୁରୋ (AAIB) ସୂତ୍ରରୁ ଏନେଇ ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ, ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀ ଓ ମେଡିକାଲ କଲେଜ ଛାତ୍ରଙ୍କୁ ମିଶାଇ ମୋଟ ୨୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଟେକଅଫ୍ର କିଛି ସେକେଣ୍ଡ ପରେ ବିମାନ ବେଶୀ ଉଚ୍ଚାକୁ ଯାଇପାରିନଥିଲା। ସିଧା ଯାଇ ଏକ ମେଡିକାଲ କଲେଜର ଛାତ ଉପରେ ପଡିଥିଲା। ଯାଞ୍ଚ ବେଳେ ସାମନାକୁ ଆସିଛି ଯେ, Ram Air Turbine (RAT) କେବଳ ସେତେବେଳେ ସକ୍ରିୟ ହୁଏ ଯେତେବେଳେ ଦୁଇଟି ଇଞ୍ଜିନ ବନ୍ଦ ହୋଇଯାଇଥାଏ। ଦୁର୍ଘଟଣାର ଠିକ୍ ପୂର୍ବରୁ ଏହା ସକ୍ରିୟ ହୋଇଯାଇଥିଲା। ପ୍ରାଥମିକ ତଦନ୍ତ ଅନୁସାରେ, ବିମାନର ଦୁଇଟି ଜେନେରାଲ ଇଲେକ୍ଟ୍ରିକ୍ ଇଞ୍ଜିନ ଲାଗିଥିଲା। ଏଏଆଇବି ଏହି କଥାର ଯାଞ୍ଚ କରୁଛି ଯେ, କ'ଣ ବିଜୁଳିର ଖରାପ, ଇନ୍ଧନରେ ମିଶ୍ରଣ କିମ୍ବା ଇଞ୍ଜିନ ନିୟନ୍ତ୍ରଣ ପ୍ରଣାଳୀର ବିଫଳତାର କାରଣରୁ ଏକାସାଙ୍ଗେ ବିଜୁଳି ଚାଲିଯାଇଥିଲା। ଜିଇ ବର୍ତ୍ତମାନ ଏହି ରିପୋର୍ଟ ଉପରେ ଟିପଣୀ ଦେବାକୁ ମନା କରିଦେଇଛି। ଏୟାର ଇଣ୍ଡିଆ ମଧ୍ୟ ଏଭଳି କିଛି ବୟାନ ଦେଇନି। ଏୟାର ଇଣ୍ଡିଆ ଦ୍ୱାରା କରାଯାଇଥିବା ଉଡାଣ ସିମୁଲେସନ୍ରେ ଟେକଅଫ୍ ବେଳେ ବୋଇଂ ୭୮୭ର ଲ୍ୟାଣ୍ଡିଂ ଗିଅର ଓ ୱିଙ୍ଗ ଫ୍ଲାପ୍ ପୁଣିଥରେ ଫେରାଇ ନେଇଥିଲା। ଭିଡିଓ ଫୁଟେଜରେ ଜଣାପଡିଛି ଯେ, ବିମାନ ଉଡାଣ ଭରିବା ପରେ ଉପରକୁ ଯାଇପଥିଲା। ସିଧାସଳଖ ଆସି ତଳେ ପଡିଥିଲା। ଯେଉଁଥି ପାଇଁ ବିମାନର ଇଞ୍ଜିନ ଫେଲ୍ ଓ ସିଷ୍ଟମର ଯାଞ୍ଚ କରାଯାଉଛି। ସେଭଳି ଗୃହ ସଚିବଙ୍କ ନେତୃତ୍ୱରେ ଅଲଗା ଭାବରେ ଯାଞ୍ଚ ହେଉଛି, ଯାହାକି ମାନବୀୟ ଭୁଲ କିମ୍ବା ସୁରକ୍ଷାରେ ତ୍ରୁଟିର ଯାଞ୍ଚ ଉପରେ କେନ୍ଦ୍ରିତ ରହିଛି।

## ନୂଆ ଦଲାଇଲାମା ଚୟନରେ ଆମ ଅନୁମୋଦନ ଆବଶ୍ୟକ: ଚୀନ୍



ବେଜିଂ : ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଭାରତରେ ଥିବା ପ୍ରବାସୀ ତିବ୍ବତୀୟ ସରକାର ଓ ଚୀନ । ତିବ୍ବତୀୟ ପରମ୍ପରା ଅନୁସାରେ ହିଁ ନୂଆ ଦଲାଇଲାମା ଚୟନ ହେବ ବୋଲି ବର୍ତ୍ତମାନର ଦଲାଇଲାମାଙ୍କ ଘୋଷଣା ପରେ କ୍ଷୁବଧ ହୋଇଛି ଚୀନ । ନୂଆ ଦଲଇଲାମା ଚୟନରେ ଚୀନ ସରକାରଙ୍କ ମଞ୍ଜୁରୀ ଜରୁରୀ ବୋଲି ଚୀନ କହିଛି । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା ଗୋଲଡେନ ଅର୍ନ ଲଟେରି ଅନୁସାରେ କରାଯିବ ଓ ଏଥିରେ ଚୀନର କେନ୍ଦ୍ରୀୟ ସରକାରଙ୍କ ମଂଜୁରୀ ମଧ୍ୟ ଆବଶ୍ୟକ । ଆଜି ଦଲାଇଲାମାଙ୍କ ପକ୍ଷରୁ ଏକ ବୟାନ ଜରି କରି କୁହାଯାଇଥିଲା ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ନୂଆ ଦଲାଇ ଲାମା ଚୟନ ପାଇଁ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ସେ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି ଯେ ତିବ୍ବତୀୟ ଲୋକମାନଙ୍କ ଦ୍ୱାରା ନୂଆ ଦଲାଇଲାମାଙ୍କ ଚୟନ ହେବ । ଏଥିରେ ଚୀନର କୌଣସି ଭୂମିକା ରହିବ ନାହିଁ । ବର୍ତ୍ତମାନର ଦଲାଇଲାମା ଅର୍ଥାତ୍ ୧୪ତମ ଦଲାଇଲାମାଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଓ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ ।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିଲମ୍ବିତ

ବ୍ୟାଙ୍କକ୍: ଥାଇଲାଣ୍ଡର ସାମ୍ବିଧାନିକ ଅଦାଲତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ପାଇତୋଙ୍ଗ୍‌ତାର୍ନ ସିନାୱାତ୍ରାଙ୍କୁ ନିଲମ୍ବନ କରିଛନ୍ତି। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା କାଏମ ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ସାମ୍ବିଧାନିକ ଅଦାଲତ ୭-୨ ଭୋଟରେ ଏଭଳି କଟକଣା ଜାରି କରିଛନ୍ତି। କିଛି ଦିନ ପୂର୍ବେ ସୀମା ବିବାଦକୁ ନେଇ କାମ୍ବୋଡିଆ ପ୍ରତିପକ୍ଷଙ୍କ ସହ ସିନାୱାତ୍ରା ଫୋନରେ ଗୁପ୍ତ ଆଲୋଚନା କରିଥିଲେ। ଏହା ପ୍ରଘଟ ହେବାପରେ ଏକାଧିକ ସିନେଟର ତାଙ୍କ ବିରୋଧରେ ମାମଲା ଦାଏର କରିଥିଲେ। ସିନାୱାତ୍ରା ୨୦୨୪ ଅଗଷ୍ଟ ୧୬ରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ।

"ନୀତିଶ ହିଁ ହେବେ ବିହାରର ମୁଖ୍ୟମନ୍ତ୍ରୀ", ରାଜନାଥ ସିଂହ

ନୂଆଦିଲ୍ଲୀ: ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ସମ୍ବୋଧିତ କରି କେନ୍ଦ୍ର ରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବିଜେପି ଏବଂ ନୀତିଶ କୁମାରଙ୍କ ନେତୃତ୍ୱରେ ବିହାର ବିକାଶ ପଥରେ ଅଛି। ଆମ ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ଉପମୁଖ୍ୟମନ୍ତ୍ରୀ ହୁଅନ୍ତୁ, କାହାରି କାମରେ ଦାଗ ନାହିଁ, କେହି ପ୍ରମାଣିତ କରିପାରିବେନି ଏଥର ନିର୍ବାଚନ କେବଳ ବିକାଶ ଉପରେ ରହିବ।ଏଥିସହ ସେ ଏହା ବି କହିଛନ୍ତି ଯେ, ନୀତିଶ କୁମାର ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଏବଂ ବିହାରରେ ଏନଡିଏର ବହୁମତରେ ସରକାର ହେବ।

ରାଜନାଥ ସିଂହ ଲାଲୁ ପ୍ରସାଦ ଯାଦବଙ୍କୁ ଟାର୍ଗେଟ କରି କହିଛନ୍ତି ରାଜଦ ସହ କଂଗ୍ରେସ ମଧ୍ୟ ବିହାରର କ୍ଷତି ପାଇଁ ଦୋଷୀ।ଏହି ଦୁହିଁଙ୍କ ସରକାର ବିହାରକୁ ଗାତରେ ପକାଇଥିଲେ। ଅପରାଧ, ଜାତିବାଦ ଏବଂ ଜଙ୍ଗଲରାଜ ଯୋଗୁଁ ବିହାର ଅନ୍ଧାରକୁ ଚାଲିଯାଇଥିଲା। ଧିରେ ଧିରେ ଏହି ଅହଙ୍କାର ଶେଷ ହୋଇଛି।ବିଜେପି ଏବଂ ନୀତିଶ କୁମାରଙ୍କ ନେତୃତ୍ୱରେ ବିହାର ବିକାଶ ପଥରେ ଅଛି, ଯାହା ଏକ ସମୟରେ ବର୍ବାଦ ହୋଇଯାଇଥିଲା, ଆଜି ସେଇ ବିହାର ଆତ୍ମନିର୍ଭର ହୋଇଯାଇଛି ବୋଲି ରକ୍ଷା ମନ୍ତ୍ରୀ କହିଛନ୍ତି।

## ନୂଆ ଡ୍ୟାମ୍ ଯୋଗୁଁ ଭାରତକୁ ଚିନ୍ତାରେ ପକାଇବାକୁ ଷଡ଼ଯନ୍ତ୍ର କରୁଛି ପାକିସ୍ତାନ



ନୂଆଦିଲ୍ଲୀ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି ଯେ ତାଙ୍କ ସରକାର ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବେ। ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ଅଟକାଇ ଦେଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ସରିଫ କହିଛନ୍ତି ଯେ ପାକିସ୍ତାନ ଆଗାମୀ କିଛି ବର୍ଷ ମଧ୍ୟରେ ନିଜସ୍ୱ ସମ୍ବଳ ବ୍ୟବହାର କରି ଏହି କ୍ଷମତା ସୃଷ୍ଟି କରିବ। ସେ ଏହା ମଧ୍ୟ କହିଛନ୍ତି ଯେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍ଡିଏମ୍ଏ) ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତଥାପି, ସରିଫ ଯାହା କହିଛନ୍ତି ତାହା ଭାରତ ବିରୁଦ୍ଧରେ ଆଉ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ପରି ମନେ ହେଉଛି।ପାକିସ୍ତାନ କୃଷି ପାଇଁ ସିନ୍ଧୁ, ଝେଲମ୍ ଏବଂ ଚେନାବ୍ ନଦୀ ଉପରେ ବହୁତ ନିର୍ଭରଶୀଳ। ଭାରତରୁ ପାଣି ବନ୍ଦ କରିବା କିମ୍ବା ଅନ୍ୟତ୍ର ପଠାଇବା ପଡ଼ୋଶୀ ଦେଶର କୃଷିକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ୨୦୨୨ ବନ୍ୟା ଯୋଗୁଁ ହୋଇଥିବା କ୍ଷତି ଏବଂ ଜଳବାୟୁ ପରିବର୍ତ୍ତନର ବିପଦ ବିଷୟରେ ମଧ୍ୟ କହିଛନ୍ତି। ଶେହବାଜ ସରିଫ କହିଛନ୍ତି ଯେ ହଁ, 'ଶତ୍ରୁ' ସିନ୍ଧୁ ଜଳ ଚୁକ୍ତିନାମା ବିରୁଦ୍ଧରେ କାମ କରିବାକୁ ଚେଷ୍ଟା କରୁଛନ୍ତି।' ସେ କହିଛନ୍ତି ଯେ ସରକାର ବିବାଦ ବିନା ଜଳ ସଂରକ୍ଷଣ କରିବାର କ୍ଷମତା ସୃଷ୍ଟି କରିବ। ଏଥିପାଇଁ ଡିଆମର ଭାଷା ଡ୍ୟାମ୍ ଏବଂ ଏହିପରି ସମାନ ପ୍ରକଳ୍ପଗୁଡ଼ିକୁ ବ୍ୟବହାର କରାଯିବ। ଡିଆମର-ଭାଷା ଡ୍ୟାମ୍ ହେଉଛି ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ଖାଇବର ପଖତୁନଖ୍ୱା ଏବଂ ଗିଲଗିଟ-ବାଲ୍ଟିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଉପରେ ନିର୍ମିତ ଏକ କଂକ୍ରିଟ୍ ଡ୍ୟାମ୍। ସମ୍ପୂର୍ଣ୍ଣ ଶେଷ ହେଲେ, ଏହି ଡ୍ୟାମ୍ରେ ପ୍ରାୟ ୮ ମିଲିୟନ ଏକର ଫୁଟ (ଏମ୍ଏଏଫ୍) ଜଳ-ଭଣ୍ଡାର ରହିବ। ଡ୍ୟାମର ଉଚ୍ଚତା ୨୭୨ ମିଟର ହେବ। ଏହା ବିଶ୍ୱର ସବୁଠାରୁ ଉଚ୍ଚ ରୋଲର କମ୍ପାକ୍ଟ କଂକ୍ରିଟ୍ (ଆର୍ସିସି) ଡ୍ୟାମ୍ ହେବ। ଚୀନ୍ ମଧ୍ୟ ଏହି ଡ୍ୟାମ୍ ଉପରେ ନଜର ରଖିଛି, କାରଣ ସେ ଏହାକୁ ତାର ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)ର ଏକ ଅଂଶ କରିବାକୁ ଚାହୁଁଛି। ଏପରି କ୍ଷେତ୍ରରେ, ଶେହବାଜ ସରିଫଙ୍କ ଉଦ୍ଦେଶ୍ୟ ଏହି ଅଞ୍ଚଳରେ ଚୀନର ହସ୍ତକ୍ଷେପ ବୃଦ୍ଧି କରି ଭାରତର ଚିନ୍ତା ବଢ଼ାଇବା ବୋଲି ମନେ ହେଉଛି।

## ସଂସଦ ସୁରକ୍ଷାରେ ତ୍ରୁଟି ମାମଲା: ଅଭିଯୁକ୍ତ ନୀଲମ ଓ ମହେଶଙ୍କୁ ଜାମିନ

ନୂଆଦିଲ୍ଲୀ: ସଂସଦ ସୁରକ୍ଷାରେ ତ୍ରୁଟି ମାମଲାରେ ଦିଲ୍ଲୀ ହାଇକୋର୍ଟ ଦୁଇ ଅଭିଯୁକ୍ତ ନୀଲମ ଆଜାଦ ଏବଂ ମହେଶ କୁମାୱତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟ ଅଭିଯୁକ୍ତଙ୍କୁ ୫୦-୫୦ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକା ଏବଂ ସମାନ ପରିମାଣର ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଛନ୍ତି। ଡିସେମ୍ବର ୧୩, ୨୦୨୩ରେ ସଂସଦର ସୁରକ୍ଷାରେ ତ୍ରୁଟି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ଏମାନଙ୍କୁ ଗିରଫ କରାଯାଇଥିଲା।୨୦୨୩ ମସିହାରେ ସଂସଦ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ବର୍ଷ ପୂର୍ତ୍ତି ଦିନ ଘଟିଥିଲା ଏହି ଘଟଣା। ଲୋକସଭାରେ ଶୂନ୍ୟ କାଳରେ ସାଗର ଶର୍ମା ଏବଂ ମନୋରଞ୍ଜନ ଡି ଦର୍ଶକ ଗ୍ୟାଲେରୀରୁ ଗୃହ ଭିତରକୁ ଡେଇଁଥିଲେ। ସେମାନେ ତାଙ୍କ ଜୋତାରୁ ଧୂଆଁ କ୍ୟାନ୍ ବାହାର କରି ହଳଦିଆ ଗ୍ୟାସ୍ ଛାଡ଼ିଥିଲେ ଏବଂ ନାରାବାଜି କରିଥିଲେ। ସେହି ସମୟରେ ଅନ୍ୟ ଦୁଇ ଅଭିଯୁକ୍ତ ଅମୋଲ ସିନ୍ଦେ ଏବଂ ନୀଲମ ଆଜାଦ ସଂସଦ ପରିସର ବାହାରେ ରଙ୍ଗିନ୍ ଗ୍ୟାସ୍ ଛାଡିଥିଲେ ଏବଂ ନାରାବାଜି କରିଥିଲେ। ଏହି ମାମଲାରେ ନୀଲମ ଆଜାଦ ଏବଂ ମହେଶ କୁମାୱତଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଥିଲା।

## ଭାରତକୁ ମିଳିଲା ଆମେରିକାର ଲଢୁଆ ଆପାଚେ ହେଲିକାପ୍ଟର

ନୂଆଦିଲ୍ଲୀ : ଅନେକ ବିଳମ୍ବ ପରେ ଭାରତୀୟ ସେନାକୁ ମିଳିଛି ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ଆପାଚେ ଲଢୁଆ ହେଲିକାପ୍ଟର। ଏହି ହେଲିକାପ୍ଟରଗୁଡ଼ିକ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ କରାଯିବ, ଯାହା ଭାରତୀୟ ସେନାର ଯୁଦ୍ଧ କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ। ଏହି ଖବର ଭାରତୀୟ ସେନାର ପଶ୍ଚିମ ସୀମାରେ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ୬୦୦ ମିଲିୟନ ଡଲାରର ଏକ ଚୁକ୍ତି ଅନୁଯାୟୀ, ଭାରତୀୟ ସେନା ୨୦୨୪ ମେ-ଜୁନ ମାସ ମଧ୍ୟରେ ଛଅଟି ଆପାଚେ ହେଲିକାପ୍ଟର ପାଇବାର ଆଶା ରଖିଥିଲା। କିନ୍ତୁ ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାର କାରଣ ଭାବେ ଆମେରିକାର ବୋଇଙ୍ଗ କମ୍ପାନୀ ଉତ୍ପାଦନରେ କାରିଗରୀ ସମସ୍ୟାକୁ ଦାୟୀ କରିଛି। ଏବେ ବୋଇଙ୍ଗ ପକ୍ଷରୁ ଜୁଲାଇ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ହେଲିକାପ୍ଟର ଯୋଗାଇ ଦିଆଯାଇଛି ଏବଂ ଅକ୍ଟୋବର ୨୦୨୫ ସୁଦ୍ଧା ମୋଟ ଛଅଟି ଆପାଚେ ହେଲିକାପ୍ଟରର ଯୋଗାଇ ଦେବା ବୋଲି ଘୋଷଣା କରାଯାଇଛି।

ଏହି ଅତ୍ୟାଧୁନିକ ଆପାଚେ ହେଲିକାପ୍ଟରଗୁଡ଼ିକୁ ପାକିସ୍ତାନ ସୀମା ନିକଟସ୍ଥ ରାଜସ୍ଥାନର ଯୋଧପୁର ସୈନ୍ୟ ବେସରେ ମୁତୟନ କରାଯିବ। ଏହି ସ୍ଥାନରେ ଏକ ବିଶେଷ ଆପାଚେ ଆକ୍ରମଣ ହେଲିକାପ୍ଟର ସ୍କ୍ୱାଡ୍ରନ ଗଠନ କରାଯିବ, ଯାହା ଭାରତୀୟ ସେନାର ଏଭିଏସନ କର୍ପସର ଅଂଶ ହେବ। ଏହି ସ୍କ୍ୱାଡ୍ରନ ପଶ୍ଚିମ ସୀମାରେ ସୈନ୍ୟର ଆକ୍ରମଣ କ୍ଷମତାକୁ ନୂଆ ଉଚ୍ଚତା ପ୍ରଦାନ କରିବ। ବୋଇଙ୍ଗ ଦ୍ୱାରା ନିର୍ମିତ ଆପାଚେ ହେଲିକାପ୍ଟର (ଇଏଚ-୬୪ ଇକ୍ସବମଷର) ହେଉଛି ବିଶ୍ୱର ସବୁଠାରୁ ଉନ୍ନତ ଆକ୍ରମଣ ହେଲିକାପ୍ଟରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହାର ଅଜଣା ଆକ୍ରମଣ କ୍ଷମତା, ଅତ୍ୟାଧୁନିକ ସେନସର ଏବଂ ସଠିକତା ସହ ଲକ୍ଷ୍ୟଭେଦୀ ଅସ୍ତ୍ର ବ୍ୟବସ୍ଥା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତୁଳନୀୟ ଶକ୍ତି ପ୍ରଦାନ କରୁଛି। ଏହା ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ଏବଂ ଅସ୍ତ୍ରଶସ୍ତ୍ର ବହନ କରିବାରେ ସକ୍ଷମ, ଯାହା ଶତ୍ରୁ ସୈନ୍ୟ ଓ ସମର ଟ୍ୟାଙ୍କ ନଷ୍ଟ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ।

# ଉତ୍ତର ଭାରତରେ ପ୍ରକୃତିର ତାଣ୍ଡବ ଲୀଳା



ନୂଆଦିଲ୍ଲୀ : ଉତ୍ତର ଭାରତରେ ତାଣ୍ଡବ ରଚିଛି ପ୍ରକୃତି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ ଲୀଳା। ପ୍ରବଳ ବର୍ଷାରେ ଦୁଇ ରାଜ୍ୟରେ ବେହାଲ ହୋଇଛି ସ୍ଥିତି। ଉଭୟ ରାଜ୍ୟରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଆସନ୍ତା ୩ଦିନ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। ହିମାଚଳରେ ବାଦଲ ଫଟା ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। କେଉଁଠି ପାହାଡ ଧସି ରାସ୍ତା ବନ୍ଦ ହୋଇଛି ତ କେଉଁଠି ପାହାଡ ଘର ଉପରେ ଧସି ଯାଇଛି ଆଉ ବଡ ବଡ ଗାଡି ସବୁ ପଥର ମାଡରେ ଚୁନା ହୋଇ ଯାଇଛି। ବାଦଲ ଫଟା ବର୍ଷା ପରେ ମଣ୍ଡିରେ ୪ଟି ସ୍ଥାନରେ ଭୂସ୍ଖଳନ ସହ ବନ୍ୟା ସ୍ଥିତି ଦେଖିବାକୁ ମିଳିଛି। ବର୍ଷାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ମଣ୍ଡି ଜିଲ୍ଲା। ମଣ୍ଡିରେ ବାଦଲଫଟା ବର୍ଷା ପରେ ୯ ଜଣ ନିଖୋଜ ଅଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନେକ ଅଞ୍ଚଳରେ ବର୍ଷା ଓ ବନ୍ୟାରେ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ରହିଛି। ପାଣିପାଗ ବିଭାଗର ସୂଚନା ମାନିବା ସହ ଆବଶ୍ୟକ ନଥିଲେ ଘରୁ ନବାହାରିବାକୁ ପ୍ରଶାସନ ପରାମର୍ଶ ଦେଇଛି। ମଣ୍ଡିରେ ଅନେକ ସ୍ଥାନରେ ଭୂସ୍ଖଳନ ପରେ ରାସ୍ତା ବନ୍ଦ ହେବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କିଛି କିଛି ସ୍ଥାନରେ ରାସ୍ତା ଖୋଲିବା ପରେ ଧୀରେ ଧୀରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେଉଛି।

ସେହିପରି ହାମିରପୁର ଅଞ୍ଚଳରେ ପ୍ରବଳ ବର୍ଷା ପରେ ବନ୍ୟା ପରିସ୍ଥିତି ଉପୁଜିଛି। ବର୍ଷା ପରେ ରାସ୍ତାରେ ଏତେ ମାତ୍ରାରେ ପାଣିର ସୁଅରେ ଅନେକ ଲୋକ ଫସି ରହିଥିଲେ। ପରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ରଶି ସାହାଯ୍ୟରେ ଉଦ୍ଧାର କରିଛନ୍ତି। ଶିମଳାରେ ମଧ୍ୟ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଘଟି ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଭୂସ୍ଖଳନ ଯୋଗୁଁ ଅନେକ ସ୍ଥାନରେ ରାସ୍ତା ବନ୍ଦ ହୋଇଯାଇଛି। ଫଳରେ ବିଭିନ୍ନ ଅଞ୍ଚଳରେ ପର୍ଯ୍ୟଟକମାନେ ରାସ୍ତାରେ ଫସି ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଅଲକନନ୍ଦା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ନଦୀ ତଟବର୍ତ୍ତୀ ଅଞ୍ଚଳରେ ମନ୍ଦିର ଗୁଡିକ ବୁଡିଗଲାଣି। ରୁଦ୍ରପ୍ରୟାଗରେ ଥିବା ଶିବଙ୍କ ମୂର୍ତ୍ତି ମଧ୍ୟ ପାଣିରେ ବୁଡିଯାଇଥିବା ଦେଖିବାକୁ ମିଳିଛି। ଉତ୍ତରକାଶୀରେ ପ୍ରବଳ ବର୍ଷାରେ ଯମୁନୋତ୍ରୀ ଜାତୀୟ ରାଜପଥ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଭୂସ୍ଖଳନ ଯୋଗୁଁ ରାସ୍ତା ବନ୍ଦ ପଡ଼ିଥିଲା। ଏହା ପରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ପୁନରୁଦ୍ଧାର କାମ।

# ପରିବାରକୁ ୪ ବର୍ଷ ଧରି ସାମାଜିକ ବାସନ୍ଦ

କେନ୍ଦ୍ରାପଡ଼ା ୨୭:ଗ୍ରାମର କିଛି ଲୋକଙ୍କ ଚକ୍ରାନ୍ତର ଶିକାର ହୋଇ ଦଣ୍ଡ ଭୋଗୁଛନ୍ତି ଏକ ପରିବାର । ବର୍ଷାଧିକ କାଳ ଧରି ସେମାନଙ୍କୁ ଦୂରେଇ ରଖାଯିବା ସହ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରାଇ ଦେଉନାହାନ୍ତି । ଏପରିକି ବିବାହ ସମୟରେ ପାଣିତୋଳା ମଧ୍ୟ କରାଇ ଦେଉନାହାଁନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧୀନ ବାରଡାଙ୍ଗ ପଞ୍ଚାୟତର ମଳାଡ଼ିଅ ଗ୍ରାମରୁ ଏନେଇ ଅଭିଯୋଗ ଆସିଛି । ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି । ନିର୍ଯାତନାର ଶିକାର ପରିବାର ତରଫରୁ ମଞ୍ଜୁଲତା ଲେଙ୍କା ଏନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୁରେଶଜନ ପ୍ରଧାନଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି । ଏଥିସହ କେନ୍ଦ୍ରାପଡ଼ା ଏସ୍‌ପି, ରାଜ୍ୟ ମୁଖ୍ୟ ଶାସନ ସଚିବ, ଡିଜିପି ଓ ମାନବାଧିକାରୀ କମିଶନଙ୍କୁ ପତ୍ର ଯୋଗେ ଲେଖି ଜଣାଇଛନ୍ତି ।



ମଞ୍ଜୁଲତାଙ୍କ ଅଭିଯୋଗରୁ ପ୍ରକାଶ ଯେ, ଦେଶ ସ୍ୱାଧୀନତାକୁ ୭୮ ବର୍ଷ ପୂରଣ କରିବାକୁ ବସିଥିବା ବେଳେ ସେ ଓ ତାଙ୍କ ପରିବାର ପାଇଁ ସ୍ୱାଧୀନତା ଏବେ ସେ ବି ଅପହଞ୍ଚ ହୋଇରହିଛି । ଗତ ୪ବର୍ଷ ହେବ ଗ୍ରାମର କିଛି ମୁଷ୍ଟିମେୟ ଲୋକ ତାଙ୍କ ପରିବାର ପ୍ରତି ଜୁଲମ୍ ଚଳାଉଛନ୍ତି । ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି ।

ପର୍ବପର୍ବାଣି ତଥା ଅଷ୍ଟପହରୀ, ନାମଯଜ୍ଞ, ବାର୍ଷିକ ଯଜ୍ଞରେ ସାମିଲ କରାଇ ଦେଉନାହାନ୍ତି । ତାଙ୍କ ଗ୍ରାମର ଗ୍ରାମଦେବୀ ହରପାର୍ବତୀ ମନ୍ଦିରକୁ ଭୋଗ ଦେବାକୁ ବନ୍ଦ କରିବା ସହିତ ବିବାହରେ ପାରମ୍ପରିକ ଅନୁସାରେ ପାଣିତୋଳା ମଧ୍ୟ କରାଇ ଦେଉନାହାନ୍ତି । ୨୦୨୧ ମସିହାରେ ଜୋର ଜବରଦସ୍ତ ଘର ଭାଙ୍ଗିଦେଲେ । ସରକାରୀ ଆମିନ,ଗ୍ରାମବାସୀ ଓ ପୁଲିସ ଉପସ୍ଥିତରେ ଜମିବାଡ଼ି ମାପଚୁପ କରାଯାଇଥିଲା । କିନ୍ତୁ ସରକାରୀ ମାପଚୁପକୁ ମଧ୍ୟ ମାନୁନାହାନ୍ତି । ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା ହେଲେ କୌଣସି ସୁଫଳ ମିଳିନାହିଁ । ପ୍ରଶାସନ ଏଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନକରିବାରୁ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ତାଙ୍କ ପରିବାର ସାମାଜିକ ଅଧିକାର ଓ ମାନବିକ ଅଧିକାରରୁ ବଞ୍ଚିତ ରହିଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଭୋଜିଭାତରେ ସାମିଲ କରାଇ ଦେଉନାହାନ୍ତି । ତାଙ୍କ ପରିବାରର ଶିକ୍ଷିତ ପିଲା ଅନେକ ଜଗାରେ ଚାହିଁଟାପରାରେ ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ବାସନ୍ଦ ହୋଇଥିବା ପରିବାର ବୋଲି ଶୁଣିବାକୁ ମିଳୁଛି । ସେ ବହୁବାର ପ୍ରଶାସନ କୁ ଜଣାଇଥିଲେ ମଧ୍ୟ ନ୍ୟାୟ ମିଳିନାହିଁ । ଫଳରେ ପ୍ରଭାବଶାଳୀ ଦ୍ୱାରା ନିର୍ଯାତନାର ଶିକାର ହୋଇ ନଜରବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି । କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ପଚାରିବାରୁ କହିଛନ୍ତି ଯେ ସେ ଏନେଇ ମହାକାଳପଡ଼ା ତହସିଲଦାର ଓ ଏସ୍‌ଡିପିଓଙ୍କ ସହ ଆଲୋଚନା କରିବେ ଓ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଏବିଭିପି ପକ୍ଷରୁ ନଗର ବୈଠକ : ଛାତ୍ର ସଂସଦ ନିର୍ବାଚନ ଓ ସଦସ୍ୟତାକୁ ଗୁରୁତ୍ୱ



ଭଦ୍ରକ (ପିପିଏସ୍): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭଦ୍ରକ ନଗର ପକ୍ଷରୁ ସହରର ବାବା ଲୋକନାଥ ମନ୍ଦିର ପରିସରରେ ନଗର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ଏକ ମାସର ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ଉପରେ ବିସ୍ତାର ଯୋଜନା କରାଯାଇଛି । କଲେଜ ନିର୍ବାଚନ ହେବାକୁ ଥିବା ଭଦ୍ରକ କଲେଜ, ଚରଣମ୍ପା କଲେଜ ଏବଂ ଭଦ୍ରକ ମହିଳା କଲେଜ ପାଇଁ ସ୍ୱତନ୍ତ୍ର ଯୋଜନା କରାଯିବ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ କହିଛନ୍ତି । ଏହି ମାସ ୯ ତାରିଖ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ତଥା ଏବିଭିପିର ପ୍ରତିଷ୍ଠା ଦିବସ ଭଦ୍ରକ ନଗର କ୍ଷେତ୍ରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ କଲେଜ କ୍ୟାମ୍ପସରେ ମହା ସମାରୋହରେ ପାଳିତ ହେବ ଏବଂ ଉକ୍ତ ସମସ୍ତ କଲେଜରେ ସଦସ୍ୟତା ବ୍ୟାପକ ଭାବେ କରାଯିବ ବୋଲି ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି କହିଛନ୍ତି । ସେହିପରି ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜନ, ୧୩ ତାରିଖ ଦିନ ଜିଲ୍ଲା ସ୍ତରୀୟ ରକ୍ତଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହେବ । କଲେଜ୍ ଆଡ଼ମିଶନ ସମୟରେ ହେଲ୍ପ ଡେସ୍କ ପକାଇ ବିଦ୍ୟାର୍ଥୀଙ୍କୁ ସହଯୋଗ କରାଯିବାକୁ ନେଇ ସଙ୍ଗଠନ ପକ୍ଷରୁ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି । ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ । ବିଶ୍ୱ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସେବା କାର୍ଯ୍ୟ ପାଇଁ ଜିଲ୍ଲାରୁ ଯାଇଥିବା ୫୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ । ବୈଠକରେ ଜିଲ୍ଲା ସହ ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ ଓ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସହ ସଂଯୋଜକ ଅଭିଲାଷ ତ୍ରିପାଠୀ, ପ୍ରାନ୍ତ ସବିଷ୍ଠାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ବିଭାଗ ଏସଏଫଡି ସଂଯୋଜକ ଆୟୁଷ ପାଣିଗ୍ରାହୀ, ଜିଲ୍ଲା ଏସଏଫଡି ସଂଯୋଜକ ସତ୍ୟ ବ୍ରତ ପଣ୍ଡା, ବାମଦେବ ବାରିକ, ନଗର ସହ ସମ୍ପାଦକ ଗୋପୀ କୃଷ୍ଣା ବାରିକ ଓ କାହ୍ନୁ ଜେନା, ଗୌତମ ପାଢ଼ୀ, ଶୁଭମ ପାଢ଼ୀ, ସଂଗ୍ରାମ ଜେନା, ସିଦ୍ଧାର୍ଥ ମହାନ୍ତି, ରଞ୍ଜୁଲତା ପୁଟିଆ, ଉଦିତ ସାହୁ, ମନୋରଞ୍ଜନ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚଳିତ ଶିକ୍ଷା ବର୍ଷ ପାଇଁ ପରିଷଦର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଯାଇଛି ।

## ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ମିଳି ଭଗତରେ ପଡ଼ିଲା ସଇଲୋ କୋଚିଲା ନଦୀ ବନ୍ଧରେ ବାଲିବସ୍ତା

ଧୁଷୁରୀ, (ପିପିଏସ) : ରାଜ ନେତା ଆଉ ଜଳ ସମ୍ପଦ ବିଭାଗୀୟ ଅଧିକାରୀଙ୍କ ସଲା ସୁତୁରା ଆଉ ମିଳି ଭଗତ ରେ ପଡିଲା ବାଲି ବସ୍ତା । ବିପଦ ପାଇଁ ସଇଲୋ ଗ୍ରାମବାସୀ ଆତଙ୍କିତ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନସ୍ଥ ପଧାନି ପଞ୍ଚାୟତ ଅନ୍ତର୍ଗତ ସଇଲୋ ଗ୍ରାମ ପାର୍ଶ୍ୱରେ ଥିବା କୋଚିଲା ନଦୀବନ୍ଧକୁ ପ୍ରଭୁ ବାସୁଦେବ ଭରସା ତା' ହୋଇନଥିଲେ ଚଳିତ ବର୍ଷ ପ୍ରଥମ ବନ୍ୟାରେ ନଦୀବନ୍ଧ ଭାଙ୍ଗି ଗାଁ ଭାସି ଯାଇଥା'ନ୍ତା । ଏହି ନଦୀବନ୍ଧ ଦୁଇଥର ଧସି ଯାଇଥିଲେ ଜଳସମ୍ପଦ ବିଭାଗ ଅଧିକାରୀ, ଠିକାଦାର ଓ କିଛି ରାଜନେତାଙ୍କ ସଲାସୁତୁରାରେ ଲକ୍ଷାଧିକ ଖର୍ଚ୍ଚ କରାଯାଇ ଏହାର ମରାମତି କାର୍ଯ୍ୟ କରାଯାଇଥିଲା । ହେଲେ ପ୍ରଥମ ବନ୍ୟାରେ ଏହି ନଦୀବନ୍ଧ ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଗ୍ରାମବାସୀ ମାନେ ଆତଙ୍କିତ ହୋଇ ପଡିଥିଲେ । ଗତକାଲି ସକାଳେ ସେଠାରେ ଧାମନଗର ଜଳସମ୍ପଦ ବିଭାଗର ଏସଡିଓ ସେଠାରେ ପହଞ୍ଚି ବନ୍ଧ ପାର୍ଶ୍ୱରେ ବାଉଁଶ ବାଡ ଦେଇ ବାଲିବସ୍ତା ପକାଇ ବନ୍ୟା ନିୟନ୍ତ୍ରଣ କରିଥିଲେ । ଆଜି ନଦୀର ଜଳସ୍ତର କମିଛି ଓ ବନ୍ୟା ଜଳ ହ୍ରାସ ପାଇଛି । ହେଲେ ଏବେ ବି ବିପଦ ଟଳି ନଥିବା ଗ୍ରାମବାସୀ କହିଛନ୍ତି । ବନ୍ୟାଜଳ ଛାଡିଲା ପରେ ମାଟି ଅତଡା ଖସିବା



ସହ ପୋତା ଯାଇଥିବା ବାଉଁଶ ବାଡ ଓ ବାଲିବସ୍ତା ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ଉପୁଜିଛି । ଏହି ନଦୀବନ୍ଧ ପାଇଁ ଏତେ ପରିମାଣର ଅର୍ଥରାଶି ଖର୍ଚ୍ଚ ହୋଇଥିଲେ ବି କାର୍ଯ୍ୟ ସମ୍ବନ୍ଧିୟ ସୂଚନା ଫଳକ କୌଣସି ସ୍ଥାନରେ ଲଗା ଯାଇ ନଥିବା ଗ୍ରାମବାସୀ ମାନେ କହିଛନ୍ତି । ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ବିଭାଗୀୟ ଅଧିକାରୀ, ଠିକାଦାର ଓ କିଛି ପ୍ରଭାବଶାଳୀ ବ୍ୟକ୍ତି ଅର୍ଥ ବାଟମାରଣା କରିଛନ୍ତି ବୋଲି ଗ୍ରାମବାସୀ ମାନେ କହିଛନ୍ତି । ନଦୀପାର୍ଶ୍ୱରେ କଂକ୍ରିଟ ପାଚେରୀ ନକରି ପ୍ରତିବର୍ଷ ବାଉଁଶ ବାଡ ଓ ବାଲିବସ୍ତା ଦେଇ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି ବୋଲି ଗ୍ରାମର ମହିଳା ମାନେ କହିଛନ୍ତି । ଏଥର ବନ୍ୟାରେ ପୁଣି ଛଅଲକ୍ଷ ଟଙ୍କା ବିନିଯୋଗ କରାଯାଇ ବାଉଁଶ ବାଡ ଓ ବାଲିବସ୍ତା ଦିଆ ଯାଉଛି । ଏହାକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବ ଓ ଏବାବଦରେ ଗ୍ରାମବାସୀ ମାନେ ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଜଣାଇବେ ଓ ଭିଜିଲାନ୍ସ ତଦନ୍ତ କରା ଯିବାକୁ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି । ଏସଡିଓ କିଶୋର ଦାସ କହିଛନ୍ତି ଧସିଥିବା ନଦୀବନ୍ଧ ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା । ବର୍ଷା ଓ ବନ୍ୟା ପାଇଁ କାମ ବନ୍ଦ ରଖାଯାଇଛି । ପରବର୍ତ୍ତୀ ସମୟରେ ପୁଣି କାର୍ଯ୍ୟ ଚାଲୁ ରହିବ ।

## ଜାନକୀ ସାହିତ୍ୟ ଓ ସଂସ୍କୃତି ସମାଜର ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

କଟକ: ଶ୍ରୀରାମ ଚନ୍ଦ୍ର ଭବନ କଟକଠାରେ ଜାନକୀ ସାହିତ୍ୟ ଓ ସଂସ୍କୃତି ସମାଜ ତରଫରୁ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଅଛି । ଡ. ପଣ୍ଡିତ ଚୈତନ୍ୟ କୁମାର ସାହୁ ଆସରକୁ ଉଦଘାଟନ କରିଥିବା ବେଳେ ଡାକ୍ତର ତାରକ ପ୍ରସନ୍ନ ତ୍ରିପାଠୀ ମୁଖ୍ୟଅତିଥି ଏବଂ ଡ. ଅଶୋକ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କବି



ଗୀତାଞ୍ଜଳି ପୃଷ୍ଟି ଏବଂ କବି ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ କବି ଛବିରାମ ସେଠୀ, ବସନ୍ତ ସାହୁ, ଦେବେନ୍ଦ୍ର ସାହୁ, ସନ୍ଧ୍ୟା ଶତପଥୀ, ସୁରେନ୍ଦ୍ର ମହାପାତ୍ର, ଲୋକନାଥ ସେଠୀ, ସୁନି ଦାସ, ରାଜୀବ ଷଡ଼ଙ୍ଗୀ, ସଚିଦାନନ୍ଦ କର ଚୈତନ ରାଉତଙ୍କ ସମେତ ବହୁ କବି କବିତା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ବିମଳ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋକରା ଚାଉଳକୁ ବିରୋଧ କରିବାରୁ ସ୍ୱୟଂସହାୟିକା ଗୋଷ୍ଠୀ ସମ୍ପାଦିକାଙ୍କ ତୁମ୍ବୁଲକାଣ୍ଡ

ଭଦ୍ରକ, (ପିପିଏସ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨୯ ଜଣ ଛାତ୍ରଛାତ୍ରୀଙ୍କୁ ପୋକରା ଓ ନଷ୍ଟ ହୋଇଯାଇଥିବା ଚାଉଳକୁ ରାନ୍ଧିବାବେଳେ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ପହଞ୍ଚି ଚାଉଳକୁ ନରାନ୍ଧିବା ପାଇଁ ତାଗିଦ୍ କରିଥିଲେ । ପରେ ପରେ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧର କୁମାର ତରାଇ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ମଞ୍ଜୁଳା ନାୟକଙ୍କୁ ଫୋନ୍ ?ରେ ଜଣାଇଥିଲେ । ଏହାପରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ବିଶ୍ୱାଳ, ସଭ୍ୟ ଓ ଅଭିଭାବକମାନେ ଉପସ୍ଥିତ ହୋଇ ଏପରି ଚାଉଳକୁ ରାନ୍ଧିବା କୋମଳମତି ଶିଶୁମାନଙ୍କ ପାଇଁ ବିପଦ୍‌ଜନକ ହୋଇଥିବାରୁ ଏହାକୁ ତୀବ୍ର ବିରୋଧ କରିଥିଲେ । ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା



ନମିତା ଭାରତୀ ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧାରୀଙ୍କୁ ଓଲଟା ଏହି ଚାଉଳ କାହିଁକି ରାନ୍ଧିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ପରାମର୍ଶକୁ ନମାନି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ପଶିଆସି ପାଟିତୁଣ୍ଡ କରିଥିଲେ ଏବଂ ସେହି ଚାଉଳକୁ ରାନ୍ଧିବା ପାଇଁ ଜିଦ୍ ଧରିଥିଲେ । ପରେ ସମସ୍ତେ ବିରୋଧ କରିବାରୁ ଏହାକୁ ବଦଳାଇ ନୂତନ ହୋଇ ଆସିଥିବା ଚାଉଳକୁ ଆଣି ରାନ୍ଧିବା ପାଇଁ ଦେଇଥିଲେ । ପ୍ରକାଶଥାଉକି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ଉପରେ ଗୁରୁତ୍ୱ ଦେଇ ଗୁଣାତ୍ମକ ଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଥିବାବେଳେ ଏବଂ ଏଭଳି ନଷ୍ଟ ଓ ନିମ୍ନମାନର ଚାଉଳକୁ ନଦେବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଚିଠି ହୋଇଥିଲେ ମଧ୍ୟ ମା' ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ସରକାରଙ୍କ ଏହି ନିର୍ଦ୍ଦେଶ ଓ ଉଦ୍ଦେଶ୍ୟକୁ ଖୋଲାଖୋଲି ଉଲ୍ଲଘନ କରିବାର ଏହା ଏକ ଚରମ ନିଦର୍ଶନ ବୋଲି ମନେ ହୁଏ । ସଂପାଦିକାଙ୍କ ଏତାଦୃଶ ବ୍ୟବହାର ଓ ମନୋବୃତ୍ତିରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଛାତ୍ରଛାତ୍ରୀ ଏବଂ ନିକଟସ୍ଥ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।

## କେନ୍ଦ୍ରାପଡା ବ୍ରହ୍ମତାଳଧ୍ୱଜ ରଥଟଣା ବିଭ୍ରାଟ ଘଟଣାର ତଦନ୍ତ ରାଜ୍ୟ ସରକାର କରିବେ କି ?

କେନ୍ଦ୍ରାପଡ଼ା, (ପିପିଏସ୍):ବିଗତ ତିନି ବର୍ଷ ଧରି କେନ୍ଦ୍ରାପଡ଼ାର ଆରାଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ସମୟରେ ଘଟି ଆସୁଛି ବିଭ୍ରାଟ । ଚଳିତ ବର୍ଷ ମଧ ମାଉସୀମା' ମନ୍ଦିର ନିକଟରେ ରଥ ପହଞ୍ଚିବାକୁ ୪ ଦିନ ସମୟ ଲାଗିଥିଲା । ଧର୍ମ ଧାରଣା, ସଂସ୍କୃତି ଓ ପରମ୍ପରାକୁ ଭାଙ୍ଗି ପ୍ରଶାସନ ହାଇଡ୍ରୋଲିକ ମେସିନ ସହାୟତାରେ ରଥର ମୋଡ ପରିବର୍ତ୍ତନ କରୁଛି । ଅନଭିଜ୍ଞ ଲୋକମାନଙ୍କ ଉପସ୍ଥିତି ଯୋଗୁଁ ଏପରି ବିଶୃଙ୍ଖଳା ଘଟୁଛି । କିଏ ରାସ୍ତା ସଠିକ ଭାବେ ନିର୍ମାଣ ହୋଇନଥିବା କଥା କହୁଛି ତ ଆଉ କିଏ ରଥ ନିର୍ମାଣ ସଠିକ ଭାବରେ ହୋଇନଥିବା କହୁଛି ଆଉ ଅନ୍ୟ କେହି ପରିଚାଳନା ଗତ ଦୋଷ ତ୍ରୁଟି କଥା କହୁଛନ୍ତି । କିନ୍ତୁ ଏଠାରେ ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇପଡିଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି କୌଣସି ଗୁରୁତ୍ୱ ଆରୋପ ନକରି ନିରବ ଦ୍ରଷ୍ଟା ସାଜିଛନ୍ତି । ସରକାର କେନ୍ଦ୍ରାପଡ଼ାର ଆରାଧ ଶ୍ରୀବଳଦେବଜୀଉଙ୍କ ପାଇଁ ବୈମାତୃକ ମନୋଭାବ ପୋଷଣ କରି ଆସୁଛନ୍ତି । ଏହା ବ୍ୟତୀତ ମାଉସୀମା' ମନ୍ଦିରକୁ ଶ୍ରୀଜିଉଙ୍କ ପହଣ୍ଡି ସମୟରେ କେତେକ ଅଣ ସେବକଙ୍କ ସମେତ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଭଳି ଜଣେ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ସେବକଙ୍କ ସହ ମିଶି ମହାପ୍ରଭୁଙ୍କ ପାଟରଜ୍ଜୁ ଧରି ପହଣ୍ଡି କରୁଥିବାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା ଏହା ଶ୍ରୀଜୀଉଙ୍କ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ବଳଦେବ ସେନା ପକ୍ଷରୁ ବୁଧବାର ରଥଦାଣ୍ଡରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେନାର ଉପଦେଷ୍ଟା ଗବେଷକ ନିରଞ୍ଜନ ମେକାପ କହିଛନ୍ତି ।

ପ୍ରଚଳିତ ପରମ୍ପରା ଅନୁସାରେ କେବଳ ଅଧିକୃତ ସେବକମାନେହିଁ ମହାପ୍ରଭୁଙ୍କ ପହଣ୍ଡି କରିପାରିବେ । କିନ୍ତୁ କିଏ କାହିଁକି ପ୍ରଶାସନିକ ଅଧିକାରୀଙ୍କୁ ପହଣ୍ଡି କରିବାକୁ ଅନୁମତି ଦେଲା ଏହାର ବିଧିବଦ୍ଧ ଓ ନିରପେକ୍ଷ ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ସେନା ପକ୍ଷରୁ କୁହାଯାଇଛି । କଥା ଉଠୁଛି ଯେ ମାସ ମାସ ଧରି ରଥଯାତ୍ରା ପାଇଁ ଅନେକ ଥର ବୈଠକ ହୋଇଥିଲେ ମଧ କ'ଣ ପାଇଁ ସମାନ ସ୍ଥିତି ଉପୁଜିଛି ଏବଂ ଏତେ ବଡ ରଥଯାତ୍ରା ପରିଚାଳନାରେ ଖୋଦ ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି । ଆଜି ବଳଦେବ ସେନା ପକ୍ଷରୁ ଏ ସମ୍ବନ୍ଧରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେନା ପକ୍ଷରୁ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ବଳଦେବ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ଉପଦେଷ୍ଟା ନିରଞ୍ଜନ ମେକାପ ଓ ସମ୍ପାଦକ ଅମର କୁମାର ବାରିକଙ୍କ ସମେତ ସେନାର ଅନ୍ୟ ସଦସ୍ୟ ଶ୍ରୀକାନ୍ତ ଜେନା, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ପ୍ରକାଶ ଗୋଚ୍ଛାୟତ, ଅନିଷ ସୁତାର, ଉମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ହେଉଛି ଜନଶୁଣାଣି, ଲୋକଙ୍କ ପାଖରେ ଖବର ନାହିଁ

କଳିଙ୍ଗନଗର(ପିପିଏସ): ତୃଣମୂଳ ସ୍ତରରେ ଗ୍ରାମାଞ୍ଚଳ ରେ ସାଧାରଣ ଲୋକଙ୍କ ଦୁଃଖ ଶୁଣିବା ପାଇଁ ପଞ୍ଚାୟତ ସ୍ତରୀୟ ଜନଶୁଣାଣିର ବ୍ୟବସ୍ଥା କରିଛନ୍ତି, କିନ୍ତୁ ବାସ୍ତବ ରେ ତାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଲୋକ ଦେଖାଣିଆ ଧର୍ମ କୁ ଆଖି ଠାର ପରି ହେଉଛି ଜନ ଶୁଣାଣି, ଏପରି ଜନ ଶୁଣାଣି ଗୁଡିକ ରେ ପଞ୍ଚାୟତ ଭିତରେ ଥିବା ସମସ୍ତ ଗାଁ ର ୱାର୍ଡ ରେ ଜନ ଶୁଣାଣି ପୂର୍ବରୁ କିଛି ସୂଚନା ମିଳିପାରୁନାହିଁ । ପଞ୍ଚାୟତ ର ୭୫ପ୍ରତିଶତ ଲୋକେ ଜନ ଶୁଣାଣି କେବେ କେଉଁଠି ହେଉଛି ତାର ଖୋଜ ଖବର ପାଉନାହାନ୍ତି । ଏପରି ହେଉଛି ଆଜିର ଲୋକଙ୍କ ସରକାର ର ବାସ୍ତବ କାର୍ଯ୍ୟକ୍ରମ, ଯେଉଁ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ହେଉଛି ସେଥିରେ ବି. ଡି. ଓ. ଏବି. ଡି. ଓ. ସରପଞ୍ଚ ବାବୁ ଓ ପଞ୍ଚାୟତ ସ୍ତରୀୟ କେତଜଣ ସରକାରୀ ଚାକିରୀ କରୁଥିବା ବାବୁ ବାବୁଆଣୀ ଙ୍କୁ ଦେଖିବାକୁ



ମିଳୁଛି ।ସାଧାରଣ ଗରିବ ଲୋକମାନେ ଖବର ପାଇଲେ ସିନା ଯାଇ ନିଜର ବ୍ୟକ୍ତିଗତ କି ସାମୁହିକ ଦୁଃଖ ଅଭିଯୋଗ ମାଧ୍ୟମରେ ଜଣାଇବେ । ୧୦୦ ରେ ୮୦ ଲୋକଙ୍କୁ ପଚାରିଲେ ପଞ୍ଚାୟତ ଅଫିସ ରେ କଣ ହେଉଥିଲା କହୁଛନ୍ତି ଆମେ ଜାଣିନାହୁଁ, ଏପରି କି ଶିକ୍ଷିତ ଲୋକେ ମଧ ଜନଶୁଣାଣି ବିଷୟରେ ଅବଗତ ନୁହଁନ୍ତି, ଏଥିପାଇଁ ବାସ୍ତବ ରେ ଦାୟୀ କିଏ ? ଗଣତନ୍ତ୍ର ରେ ଲୋକଙ୍କ ସରକାର କଣ ଖାଲି କାଗଜ କଲମରେ ଚାଲିଥିବ, ଲୋକଙ୍କୁ ଅନ୍ଧାର ରେ ଆଉ କେତେଦିନ ରଖିବେ ଜନ ପ୍ରତିନିଧି ମାନେ,କେବଳ ପଞ୍ଚାୟତ ଅଫିସ କୁ ଲାଗିକି ଥିବା ହାତ ଗଣତି କିଛି ଲୋକଙ୍କ ଉପସ୍ଥିତ ରେ କାଗଜ କଲମ ରେ ହେଉଛି ଲୋକଙ୍କ ଜନ ଶୁଣାଣି.. ବାଃ.. ବାଃ ରେ ସରକାର ଯଦି ଏପରି କାର୍ଯ୍ୟକ୍ରମ ସବୁ କାହାକୁ ନ ଜଣାଇ ଚାଲେ ତାହାଲେ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟ ରେ ସରକାର ଙ୍କର ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକ ଫଳପ୍ରଦ ହେବ ନାହିଁ ।

## ପାଣି ପ୍ରସ୍ତୁତକାରୀ ୟୁନିଟ୍ ଉପରେ ଚଢ଼ଉ

ବ୍ରହ୍ମପୁର (ପିପିଏସ୍): ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ଓ ପୁଲିସ ବୁଧବାର ୨ ଟି ବେଆଇନ ପାଣି ପ୍ରସ୍ତୁକାରୀ ୟୁନିଟ ଉପରେ ଚଢାଉ କରାଯାଇ ସିଲ କରାଯାଇଛି । ଏଥିମଧ୍ୟରୁ ଗୋଇଲୁଣ୍ଡି ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ସମ୍ମୁଖରେ ଥିବା ଏକ ସାହିରେ ଥିବା ଏକ ଘରେ ପ୍ରସ୍ତୁତ ହେଉଥିବା ବେଆଇନ ପାଣି ପ୍ରସ୍ତୁତକାରୀ ୟୁନିଟରେ ବିଭାଗ ଚଢାଉ କରିଥିଲା । ଚଢାଉ ସମୟରେ ବିଭାଗ ଏକ ଆରଓ ମେସିନ ଜରିଆରେ ୨୦ଲିଟର ପାଣି ଜାର ପ୍ରସ୍ତୁତ କରୁଥିବା ଦେଖିବାକୁ ପାଇଥିଲେ । ପାଣିର କୌଣସି ସୁଦ୍ଧତା ନ ଥିବା ବେଳେ ବିନା ଲାଇସେନ୍ସରେ ଘର ମଧ୍ୟରେ ବେଆଇନ ଭାବେ ୟୁନିଟକୁ ବନ୍ଦ କରାଯାଇଥିଲା । ଏଥିସହ ପାଣି ପ୍ରସ୍ତୁକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ ଜାରି କରାଯାଇଛି । ସେହିପରି ମଙ୍ଗଳବାର ଉତ୍କଳ ସିନେମା ହଲ ରୋଡ ସ୍ଥିତ ଏକ ମିଶ୍ରି ଫ୍ୟାକ୍ଟ୍ରି ଉପରେ ଚଢାଉ କରାଯାଇ ଫ୍ୟାକ୍ଟ୍ରିକୁ ସିଲ କରାଯାଇଛି । ଫ୍ୟାକ୍ଟ୍ରି ମାଲିକଙ୍କୁ ନୋଟିସ ଜାରି କରାଯାଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗା ସୂଚନା ଦେଇଛନ୍ତି ।

## ପୂର୍ବତନ କାଉନସିଲରଙ୍କ ମୃତ୍ୟୁରେ ପ୍ରାକ୍ତନ ସାଂସଦଙ୍କ ଶୋକ

ତାଳଚେର, (ପିପିଏସ୍): ଧୂଳି ଧୁଁଆ ପ୍ରଦୂଷିତ ତାଳଚେର ବାୟୁମଣ୍ଡଳ ଦୂଷିତ ବାତାବରଣ ମଧ୍ୟରେ ଜୀବନ ଦୁର୍ବିସହ ହୋଇ ପଡ଼ିଛି । ଦିନକୁ ଦିନ ହୃଦ୍ ରୋଗୀଙ୍କ ଜୀବନ ସଙ୍କଟ ମଧ୍ୟରେ ଗତିକରିଛି , ଗତକାଲି ତାଳଚେର ପୌପାଳିକାର ୪ନମ୍ବର୍ ୱାର୍ଡ କାଉନସିଲର ବାବାଜୀ ସାହୁଙ୍କ ହୃଦ୍ ଘାତରେ ଜୀବନ ଯାଇଛି । ସାମାନ୍ୟ ଯନ୍ତ୍ରଣା ଛାତିରେ ଅନୁଭବ କରିବା ପରେ ତାଳଚେର ସସରକାରୀ ମେଡିକାଲ ଯାଇଥିଲେ ସେଠାରେ ଉନ୍ନତ ଚିକିତ୍ସା ନଥିବାରୁ ଜିଲ୍ଲା ଚିକିତ୍ସାଳୟକୁ ରେଫର କରାଯାଇଥିଲା ସେଠାରେ ମଧ୍ୟ ଉନ୍ନତ ମାନର ଚିକିତ୍ସା ସୁଭିଦା ଉପଲବ୍ଧ ନଥିବା ଯୋଗୁ ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇ ପଡ଼ିଲା ଶେଷରେ ସେଠାରେ ତାଙ୍କର ପ୍ରାଣ ବାୟୁ ଉଡିଗଲା , ଏହି ଖବର ପ୍ରଚାରିତ ହେବା କ୍ଷଣି ସହର ମଧ୍ୟରେ ଶୋକାକୁଳ ପରିବେଶ ଶ୍ରୁଷ୍ଟି ହୋଇଥିଲା , ସେ ଜନତା ଦଳ ଟିକେଟ ନିର୍ବାଚନ ଲଢି ୧୯୯୨ ମସିହାରେ କାଉନସିଲର ଭାବେ ବିଜୟୀ ହୋଇଥିଲେ । ୪ ନମ୍ବର୍ ୱାର୍ଡ ସାମଗ୍ରିକ ବିକାଶରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଦେଓଗଡ଼ ପୂର୍ବତନ ଲୋକସଭା ସଦସ୍ୟ ରବି ନାରାୟଣ ପାଣିଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ଥିଲା ,ତାଙ୍କ ମୃତ ଖବର ଶୁଣି ସେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶୋକ ଶନ୍ତପିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ,ସେହିପରି ତାଳଚେର ପୂର୍ବତନ ବିଧାୟକ ମହେଶ ସାହୁ ଶୋକ ପ୍ରକାଶ କରିଛନ୍ତି , କିଶୋର କ୍ଲବ୍ ସମ୍ପାଦକ ଦୀପକ କୁମାର୍ ଥମ୍ବ,ପ୍ରାକ୍ତନ କାଉନସିଲର ପ୍ରଶାନ୍ତ ଦାସ , ସମାଜ ସେବୀ ବୃନ୍ଦାବନ ମାଝି , କୁନି ସତପଥୀ, ୨ନମ୍ବର୍ ୱାର୍ଡ କାଉନସିଲର ଯଶବନ୍ତ ମିଶ୍ର , ଏକ ନମ୍ବର୍ ୱାର୍ଡ କାଉନସିଲର ଆସିଫ ଖାଁ , ସାମ୍ବାଦିକ ମନୋଜ କୁମାର୍ ମହାପାତ୍ର, ରାମଚନ୍ଦ୍ର ଭୂତିଆ ପ୍ରଭୃତି ଶୋକ ପ୍ରକାଶ କରିଛନ୍ତି । ସାଧାରଣ ଜୀବନରେ ସେ ଅବିବାହିତ ଥିଲେ ଓ ଜଣେ ପରୋପକାରୀ , ମିଷ୍ଟ ଭାଷୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ ଓ ରାଏଫୁଲ୍ କ୍ଲବ୍ ସଦସ୍ୟ ଥିଲେ ,ବହୁ ରାଜା ,ସାମନ୍ତ ଓ ରାଜ୍ ପରିବାର ସହିତ ତାଙ୍କର ନିବିଡ ସମ୍ପର୍କ ଥିଲା । ତାଙ୍କ ସଂଘର୍ଷ ମୟ ଜୀବନ ସବୁଦିନ ପାଇଁ ୱାର୍ଡ ବାସୀ ମନେରଖିବେ ।

## ଟ୍ରାଫିକ୍ ପୁଲିସ ଅବହେଳା ଯୋଗୁଁ ଟ୍ରକ୍ ଧକ୍କାରେ ମା' ମୃତ, ଝିଅ ଗୋଡ଼ ଭାଙ୍ଗିଲା

ତାଳଚେର (ପିପିଏସ୍): ବିନା ଟ୍ରାଫିକ ପୋଲିସ ସହାୟତାରେ ଜନଗହଳି ପୂର୍ଣ୍ଣ ହାଟତୋଟା, ଶର୍ମାଛକ ମଧ୍ୟକୁ ଲୋଡ ଗାଡ଼ି ପ୍ରବେଶ କରି ପାରିବ ନାହିଁ ତେଣୁ ପ୍ରଥମେ ଏହାର ତଦନ୍ତ ଆବଶ୍ୟକ କିଭଳି ସ୍ଥିତିରେ ସକାଳୁ ୧୬ ଟନ୍ ଓଭର ଲୋଡ ୧୦ ଚକିଆ ଟ୍ରକ ସହର ମଧ୍ୟକୁ ସହଜରେ ପ୍ରବେଶ କଲା ଓ ଦୃଘଟଣା ଘଟାଇ ଜଣେ ମହିଳାଙ୍କ ଜୀବନ ନେଲା , ଘଟଣାରୁ ପ୍ରକାଶ ଯେ ଗତକାଲି ସକାଳ ୭ଟା ବେଳେ ଝିଅକୁ ସ୍କୁଲ ନେବା ବାଟରେ ଟ୍ରକ୍ ଧକ୍କାରେ ମା' ମୃତ ଓ ଝିଅ ଗୁରୁତର ଥିବା ଦେଖାଇବାକୁ ମିଳିଛି । ତାଳଚେର ଟାଉନ ବାଘୁଆ ବୋଲ ଅଞ୍ଚଳ ନିବାସୀ ନିରାକର ସାହୁଙ୍କ ସ୍ତ୍ରୀ ପ୍ରବିନା ସାହୁ( ୩୦ ) ନିଜ ସ୍କୁଟି ନ ଓ ଡି – ୩୮ ବି –୩୪୬୨ ରେ ଝିଅ ସୁନଭିକା କୁମାରୀ ସହୁ କୁ ବସେଇ ନିଜେ ସ୍କୁଟି ଚଳାଇ ଦେଉଳବେଡା ଲିଙ୍ଗରାଜ ଡିଏଭି ପବ୍ଲିକ ସ୍କୁଲକୁ ଛାଡି ନେଉ ଥିବା ସମୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ସମ୍ମୁଖ ବୁଲାଣିରେ ପଛରୁ ଏକ ୧୦ ଚକିଆ ଫିଟିକିରି ବୋଝେଇ ଟ୍ରକ ଓଡ଼ି –୦୯ ପି –୨୭୪୩ ସ୍କୁଟିକୁ ବାମ ପାର୍ଶ୍ୱରେ ଧକା ଦେବା ସହିତ ୫ ମିଟର ଘୋଷାଡି ନେଇଥିଲା ଘଟଣା ସ୍ଥଳରେ ମା ମୃତ ହେବା ସହିତ ଝିଅ ଗୋଡ ଉପରେ ଟ୍ରକ୍ ପଛ ଚକା ମାଡ଼ି ଯିବାରୁ ଗୋଡ ଭାଙ୍ଗି ଚୂନା ହିଯାଇଥିବ ପ୍ରାଥମିକ ଚିକିତ୍ସା ବେଳେ ଡାକ୍ତର ପ୍ରକାଶ କରିଥିଲେ ଓ ପଟି ବାନ୍ଧି ସୁନଭିକାକୁ ଭୁବନେଶ୍ୱର ରେଫର କରିଥିବା ଜଣା ପଡ଼ିଛି । ସେଠାରେ ତାର ଚିକିତ୍ସା ଚାଲିଥିବା ସହ ଗୋଡ କାଟି ଦେବାକୁ ଡାକ୍ତରୀ ଟିମ୍ ପ୍ରାକାସ କରିଥିବା ସମାଜ ସେବୀ ପର୍ଶୁରାମ ବାରିକ ସୂଚନା ଦେଇଥଲେ । ଟ୍ରକ୍ ଚାଳକ ପରିବର୍ତ୍ତେ ହେଲ୍ପର୍ ଗାଡ଼ି ଚଳାଇ ଦୃଘଟଣା ଘଟାଇଥିବା ଜଣା ପଡ଼ିଛି । ଗାଡ଼ିଟି ୧୬ଟନ୍ ଫିଟିକିରି ଲୋଡ ନେଇ ଲିଙ୍ଗରାଜ କ୍ଷେତ୍ର (ଆର ଡବ୍ଲୁ ଏସ ଏସ )ପାନୀୟ ଜଳ ବିଶୁଦ୍ଧ ସମ୍ପକୁ ନେଉଥିବା ଜଣାପଡିଛି । ଦୃଘଟଣା କେବଳ ବେପରୁଆ ଗାଡ଼ି ଡ୍ରାଇଭିଙ୍ଗ ଯୋଗୁଁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଘଟଣା ଜଣା ପଡ଼ିବା ପରେ ବିଜେପି ନେତା ସମାଜ ସେବୀ ବିଭୂତି ସହୁ, କାଉନସିଲର ସ୍ୱାଧୀନ ଥମ୍ବ ଘଟଣା ସ୍ଥଳରେ ପହଞ୍ଚି ମୃତକ ପରିବାରକୁ ୨୫ ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିଲେ କିନ୍ତୁ କେବଳ ଏକ ଲକ୍ଷ ଟଙ୍କା ସହାୟତା ରାଶି ମିଳିଥିବା ଖବର ମିଳିଛି । ଦିନ ତମାମ କ୍ଷତି ପୂରଣ ଦାବିକୁ ନେଇ ଶତାଧିକ ଲୋକ ଆତ୍ମୀୟ ସୋଜନ ରାସ୍ତା ଉପରେ ଶବକୁ ଟ୍ରକ୍ ସହିତ ଅଟକାଇ ଆନ୍ଦୋଳନ କରିଥିଲେ । ତାଳଚେର ଏସ ଡି ପି ଓ ଭାରତ ଚନ୍ଦ୍ର ସାହୁ ଘଟଣା ଉପରେ ନଜର ରଖିଥିଲେ । ଜାତୀୟ ରାଜପଥ କଟି ଟ୍ରାଫିକ ପୋଲିସ ଉପସ୍ଥିତ ଥାଇ ହାଟତୋଟା ରାସ୍ତା ଦେଇ ଓଭର ଲୋଡ ଟ୍ରକ୍ କିଭଳି ଭାବରେ ଟ୍ରାଫିକ ପୋଲିସ ଆଖିରେ ଧୁଳିମାରି କିମ୍ବା ହାତ ଖର୍ଚ୍ଚ ଦେଇ ସହର ମଧ୍ୟକୁ ପ୍ରବେଶ କଲା ତାକୁ ନେଇ ସହର ମଧ୍ୟରେ ଆଲୋଚନା ଚାଲିଛି । ରୀତିମତ ଭାରିଯାନ, କୋଇଲା ଟ୍ରକ୍, ବାଲି,ଚିପ୍ସ ବୋଝେଇ ଗାଡ଼ି ଗୁଡ଼ିକୁ ସହର ମଧ୍ୟକୁ ପ୍ରବେଶ କରିବାରେ ଟ୍ରାଫିକ ପୋଲିସ ସାହାଯ୍ୟ କରୁଥିବା ଅଭିଯୋଗ ହୋଇ ଆସୁଛି । ଆଜି ପବିତ୍ର ମୋହନ ଛକରେ କିମ୍ବା ଗ୍ରୀନ ପାର୍କ ହୋଟେଲ ବାଇପାସ୍ ଛକରେ କେଉଁମାନେ ଟ୍ରାଫିକ ଡ୍ୟୁଟିରେ ଥାଇ ଓଭୋର୍ ଲୋଡ ଥିବା ଫିଟିକିରି ଟ୍ରକ୍ କୁ ଛାଡି ଥିଲେ ତାର ତଦନ୍ତ ତାଳଚେର ଏସଡିପିଓ ଶ୍ରୀଯୁକ୍ତ ସା ତୁରନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

SOUTH INDIAN Bank
NEWSPAPER ADVERTISEMENT
OSL Tower,Link Road
Cuttack 753012
Ph: 0671-2367373.
E-mail: br0569@sib.co.in,
Date: 01-06-2025

**GOLD AUCTION NOTICE**

The Gold articles pledged under the following number/s at banks branch at Cuttack which are not cleared by payment of bank's dues even after serving registered notice and the gold articles pledged under the same number against which registered notices have been served/ returned, undelivered, will be sold in public auction or by private treaty at the branch premises as under or any other convenient date and time without further notice at the risk and responsibility of the pawners,if they are not released from the branch.

Auction of gold ornaments pledged under the following accounts will be held at Cuttack branch on 08.06.2025 at 11 AM.

0569653000014672
Sd/-
Manager

SUPERINTENDENT ODISHA STATE ARCHAEOLOGY
GOVERNMENT OF ODISHA
DEPARTMENT OF ODIA LANGUAGE, LITERATURE & CULTURE BHUBANESWAR
Bhubaneswar Dt. 03.07.2025
Empanelment of Vendors/Suppliers/Contractors.
Superintendent, Odisha State Archaeology invites applications for empanelment of firms/suppliers/vendors/contractors engaged in manufacturing, stocking, or marketing of specified goods/services. Contractors registered with CPWD, PWD, MES, Railways, PSUs, or other Govt./Semi-Govt. bodies are eligible. Registration details and forms are available at www.culture.odisha.gov.in. Completed applications with fee should be submitted to the Superintendent, Odisha State Archaeology, Sanskruti Bhawan, 1" Floor, Bhubaneswar-14 by 17.07.2025, 4:00 PM.

Sd/- Superintendent
Odisha State Archaeology
Bhubaneswar
RR-08 OIPR- 03019/11/0003/2526

କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ,ଲିଙ୍କରୋଡ,କଟକ-୧୨

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ(ମର୍କତ ନଗର) ସେକ୍ଟର- ୬ ରେ ପ୍ଲଟ ନଂ-୧୩-ଏଲ୍-୧୧୮୯ ଶ୍ରୀମତୀ ରେବତୀ ସାହୁ, ସ୍ୱାମୀ-ସ୍ୱର୍ଗତ ଗୌରାଙ୍ଗ ଚରଣ ସାହୁ, ସା-ବାଦାମବାଡ଼ି ଭୁଞ୍ଜିଆ ଲେନ, ପୋ-ଅରୁଣୋଦୟ ମାର୍କେଟ, ଥାନା- ବାଦାମବାଡ଼ି, ଜି-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀମତୀ ରେବତୀ ସାହୁଙ୍କ ମୃତ୍ୟୁ ପରେ ତାଙ୍କର ଆଇନଗତ ଉତ୍ତରାଧିକାରୀ ଝିଅ ଶ୍ରୀମତୀ ଅଞ୍ଜଳି ପାତ୍ର, ସ୍ୱା-ଶ୍ରୀ ବିଜୟ କୁମାର ପାତ୍ର, ସା - ବାଦାମବାଡ଼ି ଭୁଞ୍ଜିଆ ଲେନ, ପୋ-ଅରୁଣୋଦୟ ମାର୍କେଟ, ଥାନା- ବାଦାମବାଡ଼ି, ଜି-କଟକ ଉକ୍ତ ପ୍ଲଟଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱାକ୍ଷର : ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)
CAD-939 OIPR- 13037/11/0304/2526

# ଏଜ୍‌ବାଷ୍ଟନ୍ ଲଢ଼େଇ ଆରମ୍ଭ:ଭାରତ ପ୍ରଥମେ ବ୍ୟାଟିଂକରି ୧୮୨/୩

## ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଭାରତକୁ ଆମନ୍ତ୍ରଣ କଲା ଇଂଲଣ୍ଡ



ବର୍ମିଂହାମ: ବୁଧବାର ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ମିଂହାମରେ ହେବାକୁ ଥିବା ଏହି ମ୍ୟାଚରେ ଟିମ୍ ଇଣ୍ଡିଆ ପ୍ରଥମେ ବ୍ୟାଟିଂ କରିଛି। ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ୫୩ ଓଭର ଖେଳିବା ସହ ୩ ୱିକେଟ୍ ହରାଇ ୧୮୨ ରନ୍ କରିଛି। ଜସପ୍ରିତ ବୁମରାହଙ୍କୁ ପ୍ଲେଇଂ ଏକାଦଶରେ ସାମିଲ କରିନାହିଁ, ଯେତେବେଳେ କୁଲଦୀପ ଯାଦବଙ୍କୁ ମଧ୍ୟ ଚୂଡ଼ାନ୍ତ ୧୧ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯାଇ ନାହିଁ। ଅନ୍ୟପକ୍ଷରେ, ଇଂଲଣ୍ଡ ପୂର୍ବରୁ ଏହାର ପ୍ଲେଇଂ ଏକାଦଶ ଘୋଷଣା କରିଥିଲା, ଯେଉଁଥିରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଲିଡ୍‌ସରେ ଲିଡ୍ ହାତଛଡ଼ା କରିଥିବା ଭାରତୀୟ ଦଳ ବୁଧବାରଠାରୁ ଏଜ୍‌ବାଷ୍ଟନ୍‌ରେ ଦ୍ୱିତୀୟ ଟେଷ୍ଟ୍ ଖେଳିବ। ଏଜ୍‌ବାଷ୍ଟନ୍‌ରେ ଟେଷ୍ଟ୍ ଇତିହାସରେ ଭାରତ କେବେ ବି ଟେଷ୍ଟ୍‌ଟିଏ ଜିତିପାରିନାହିଁ। ଏହି ଅଭେଦ୍ୟ ଦୁର୍ଗ ଭେଦ କରିବାକୁ ସୁନୀଲ ଗାଭାସ୍କର, କପିଳ ଦେବ, ଅଜିତ ୱାଡ଼େକର, ମହମ୍ମଦ ଆଝାରୁଦ୍ଦିନ୍, ସୌରଭ ଗାଙ୍ଗୁଲି, ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି, ରୋହିତ ଶର୍ମାଙ୍କ ଭଳି ଦଳର ଅଭିଯାନ ବି ଏଠାରେ ସଫଳ ହୋଇନି। ଏବେ ଯୁବ ସେନା ସହ ଆସିଥିବା ଶୁବମନ ଗିଲ୍‌ଙ୍କ ଦଳ ପାଇଁ ବି ସମାନ ଆହ୍ୱାନ ଛିଡ଼ା ହୋଇଛି। ପ୍ରଥମ ଟେଷ୍ଟ୍‌ର ଅଧିକାଂଶ ଭାଗରେ ପ୍ରାଧାନ୍ୟ ବିସ୍ତାର କରିବା ସତ୍ତ୍ୱେ ଭାରତ ବିଜୟ ହାତଛଡ଼ା କରିବା ଅତିରିକ୍ତ ଚାପ ବି ବଢ଼ାଇଛି। ଘରୋଇ ଇଂଲଣ୍ଡ ବି ସେଠାରେ ୩୭୧ ରନ୍ ବିଜୟ ଲକ୍ଷ୍ୟକୁ ପଛରେ ପକାଇ ଦ୍ୱିତୀୟ ସର୍ବୋଚ୍ଚ ପଶ୍ଚାତ୍‌ଧାବନ କରିବାରେ ସକ୍ଷମ ହୋଇଛି। ପୂର୍ବ ସର୍ବୋଚ୍ଚ ପଶ୍ଚାତ୍‌ଧାବନ ବିଜୟ ବି ଭାରତ ବିପକ୍ଷରେ (୩୭୮) ଏହି ଏଜ୍‌ବାଷ୍ଟନ୍‌ରେ ପାଇଥିବାରୁ ଘରୋଇ ଦଳର ମନୋବଳ ଉଚ୍ଚରେ ରହିଛି। ଭାରତ ବିପକ୍ଷରେ ସବୁକିଛି ଥିଲେ ମଧ୍ୟ ପ୍ରଥମ ଟେଷ୍ଟ୍‌ର ଶେଷ ଦିନକୁ ଭୁଲିଗଲେ ଭାରତ ଆତ୍ମବିଶ୍ୱାସ ବଜାୟ ରଖିପାରିବ।

ଭାରତ ପାଇଁ କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କ ଦ୍ୱନ୍ଦ୍ୱ ଓ ସଂଶୟ ଜାରି ରହିଛି। କିଛି ଅତି ଆବଶ୍ୟକ ଟେଷ୍ଟ୍ ତଥା ଚଳିତ ଗସ୍ତରେ ୫ରୁ ୩ ଟେଷ୍ଟ୍ ଖେଳିବା ଯୋଜନା କରିଥିବାରୁ ଅନ୍ୟ ବୋଲରମାନଙ୍କ ଦାୟିତ୍ୱ ଓ ପ୍ରଦର୍ଶନ ନିର୍ଣ୍ଣାୟକ ହେବାକୁ ଯାଉଛି। ଏଜ୍‌ବାଷ୍ଟନ୍‌ରେ ବି ବୁମ୍‌ରାଙ୍କୁ ଖେଳାଯିବ କି ନା ସ୍ପଷ୍ଟ କରାଯାଇନାହିଁ। ଏ ସମ୍ପର୍କରେ ଭାରତ ଶେଷ ମିନିଟ୍ ପର୍ଯ୍ୟନ୍ତ ନିଜ ଯୋଜନାକୁ ଗୋପନ ରଖିବ ବୋଲି ମଧ୍ୟ ଘୋଷଣା କରିଛି। ବୁମ୍‌ରାଙ୍କ ସମ୍ପର୍କରେ ମଙ୍ଗଳବାର ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ କହିଛନ୍ତି 'ଏହା ଭାରତର ସମସ୍ୟା। ଏ ସମ୍ପର୍କରେ ସେମାନେ ବୁଝିବେ। ମୁଁ ଇଂଲଣ୍ଡ ଅଧିନାୟକ। ଭାରତ କିନ୍ତୁ ଏକ ଭଲ ଦଳ, ସେମାନେ ଭାରି ଲଢ଼ନ୍ତି, ଅତି ଉତ୍ସାହୀ ଦଳ ମଧ୍ୟ। କେବଳ ଭାରତ ନୁହେଁ ଅନ୍ତର୍ଜାତୀୟ ଖେଳାଳିଙ୍କ ଉପରେ ସବୁବେଳେ ଚାପ ଥାଏ। ଆଉ ଭାରତ କ୍ରିକେଟ୍ ଖେଳୁଥିଲେ ତ ଅନ୍ୟ ସମସ୍ତ ଦେଶଠାରୁ ଅଧିକ ଚାପ ଥାଏ'।

ଭାରତ ଦ୍ୱିତୀୟ ସ୍ପିନର ଖେଳାଇବା ଯୋଜନା କରୁ ନଥିବାରୁ କୁଲଦୀପଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହେବ ବୋଲି ବିଶ୍ୱାସ କରାଯାଉଛି। ବୁମ୍‌ରା ବସିଲେ ଆକାଶ ଦୀପ ଖେଳିବେ। ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ୱାସିଂଟନ୍ ସୁନ୍ଦର ବି ଖେଳିପାରନ୍ତି। ରବୀନ୍ଦ୍ର ଜାଡ଼େଜାଙ୍କ ବୋଲିଂ ଆଭରେଜ୍ ସମ୍ପ୍ରତି ଚିନ୍ତାଜନକ ରହିଛି। ଶେଷ ୪ ଟେଷ୍ଟ୍‌ରେ ସେ ୧୧୦ ଓଭରରୁ ୭୮ ହାରରେ ମାତ୍ର ୫ ୱିକେଟ୍ ନେଇଛନ୍ତି। ଭାରତରେ ପେସ୍-ସ୍ପିନ୍‌କୁ ୩-୨ ସମ୍ଭାବନା ସମ୍ପର୍କରେ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି। 'ପ୍ରଥମ ଟେଷ୍ଟ୍‌ର ଶେଷ ଦିନରେ ଯଦି ଆମ ପାଖରେ ଅତିରିକ୍ତ ସ୍ପିନର ଥାଆନ୍ତେ ତେବେ ମ୍ୟାଚ୍ ଉନ୍ନତ ହୋଇଥାନ୍ତା। କିଛି ପ୍ୟାଚ୍ ଥିଲା ଯେଉଁଠୁ ଫାଇଦା ଉଠାଇ ପାରିଥାନ୍ତେ। ଜାଡ୍ଡୁ ଭାଇଙ୍କ ବୋଲିଂ ବେଳେ ସୁଯୋଗ ସୃଷ୍ଟି ହେଉଥିଲା। ବିଶେଷ କରି ବଲ୍ ପୁରୁଣା ହୋଇଗଲେ ସ୍ପିନର ରନ୍‌କୁ ନିୟନ୍ତ୍ରଣ କରିପାରିଥାନ୍ତେ। ଇଂଲଣ୍ଡ ପରିବେଶରେ ୩୦/୪୦ ଓଭର୍ ପରେ ବଲ୍ ଆଉ ସୁଇଙ୍ଗ କରି ନଥାଏ। ବ୍ୟାଟିଂ ପାଇଁ ଏହା ଅନୁକୂଳ ହୋଇଯାଏ। ପେସ୍ ବୋଲରଙ୍କ ପାଇଁ ସ୍ପିନର୍ ରନ୍‌କୁ ନିୟନ୍ତ୍ରଣ କରିପାରିବେ'। ଲିଡ୍‌ରେ କିନ୍ତୁ ଭାରତ ଉଭୟ ପାଳିକୁ ମିଶାଇ ୭୨ ରନ୍ ଭିତରେ ଶେଷ ୧୩ ୱିକେଟ୍ ହରାଇବା ଚିନ୍ତାଜନକ ଥିବାରୁ ଗିଲ୍ ଶୀର୍ଷକ୍ରମ ବ୍ୟାଟରଙ୍କୁ ଅଧିକ ଦାୟିତ୍ୱ ସମ୍ଭାଳିବାକୁ ଆହ୍ୱାନ ଦେଇଛନ୍ତି।

ଚିନ୍ତାଜନକ ତଥ୍ୟ: ଏଜ୍‌ବାଷ୍ଟନ୍‌ରେ ପରାଜୟ ଧାରା ପାଇଁ ଯେ କେବଳ ଭାରତ ଉପରେ ଚାପ ରହିଛି ତା ନୁହେଁ। ଇଂଲଣ୍ଡ ମଧ୍ୟ ଏଠାରେ ଖେଳିଥିବା ଶେଷ ୫ଟିରୁ ୩ଟି ହାରିଯାଇଛି। ଜୋ ରୁଟ୍ ଏ ପର୍ଯ୍ୟନ୍ତ ୧୦୨ଟି ୫୦+ ସ୍କୋର କରିଛନ୍ତି। ଆଉ ଗୋଟିଏ ପାଳି ତାଙ୍କୁ ଜ୍ୟାକ୍ କାଲିସ୍ ଓ ରିକି ପଣ୍ଟିଂଙ୍କ ସମକକ୍ଷ କରାଇବ। କେବଳ ସଚିନ ତେନ୍ଦୁଲକର (୧୧୯) ଆଗରେ ରହିଛନ୍ତି।

**ଭାରତ ସମ୍ଭାବ୍ୟ ୧୧:** ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ୍, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟ୍‌ରକ୍ଷକ), କରୁଣ ନାୟାର, ରବୀନ୍ଦ୍ର ଜାଡ଼େଜା, ୱାସିଂଟନ୍ ସୁନ୍ଦର, ଆକାଶ୍ ଦୀପ/ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ।

**ଇଂଲଣ୍ଡ ୧୧:** ଜ୍ୟାକ୍ କ୍ରାଲି, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜାମି ସ୍ମିଥ୍ (ୱିକେଟ୍ ରକ୍ଷକ), କ୍ରିସ୍ ଓକ୍ସ, ବ୍ରାଏଡନ୍ କାର୍ସ, ଜୋସ୍ ଟଙ୍ଗ୍, ସୋଏବ୍ ବଶିର।

# ସଞ୍ଜୁ ସାମସନ ହେବେ ସିଏସ୍‌କେ ଅଧିନାୟକ !




ନୂଆଦିଲ୍ଲୀ : ଚର୍ଚ୍ଚାରେ ଭାରତୀୟ ଦଳର ୱିକେଟକିପର- ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ। ଅନ୍ତର୍ଜାତୀୟ କ୍ରିକେଟ ସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ନିଜର ଛାପ ଛାଡ଼ିଥିବା ଏହି କ୍ରିକେଟରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ଆଇପିଏଲ୍ ୨୦୨୬ ରେ ଏକ ନୂତନ ଦଳ ପାଇଁ ଖେଳିବେ ବୋଲି କୁହାଯାଉଛି। ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ତାଙ୍କୁ ଦଳରେ ସାମିଲ କରିପାରେ। ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ନିଶ୍ଚିତ କରିଛନ୍ତି। ଖବର ଅଛି ଯେ ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି।

ଚେନ୍ନାଇ ସୁପର କିଙ୍ଗସ୍ ଜଣେ ବରିଷ୍ଠ ଅଧିକାରୀ କ୍ରିକବଜକୁ କହିଛନ୍ତି, 'ଆମେ ନିଶ୍ଚିତ ଭାବରେ ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁଛୁ। ସେ ଓପନିଂ ଏବଂ ୱିକେଟକିପର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରନ୍ତି। ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ। ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଯେ ତାଙ୍କ ସହିତ କିଏ ଟ୍ରେଡ୍ କରିବ । କାରଣ ମାମଲା ସେହି ସ୍ତରକୁ ଯାଇନାହିଁ। କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ।

ଆଇପିଏଲ୍ ୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରି ନ ଥିଲା। ସଞ୍ଜୁ ଆଇପିଏଲ୍ ୨୦୨୫ରେ ୯ଟି ମ୍ୟାଚ୍‌ରେ ୩୫.୬୩ ଆଭରେଜରେ କେବଳ ୨୮୫ ରନ କରିଥିଲେ, ଯେଉଁଥିରେ ଏକ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ ଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ବିଷୟରେ କହିବାକୁ ଗଲେ, ଦଳ ଓଟଖର ଏହି ସିଜିନରେ ସବୁଠାରୁ ନିମ୍ନ ର୍‍ୟାଙ୍କିଂରେ ଥିଲା।

ତେବେ ସଞ୍ଜୁ ସାମସନଙ୍କର ଆଇପିଏଲ୍‌ରେ ଖେଳିବାର ବହୁତ ଅଭିଜ୍ଞତା ଅଛି। ସେ ଓଟଖରେ ୧୭୭ ମ୍ୟାଚ୍‌ରେ ୧୩୯.୦୫ ଷ୍ଟ୍ରାଇକ ରେଟ୍‌ରେ ୪୭୦୪ ରନ କରିଛନ୍ତି। ତାଙ୍କ ନାମରେ ତିନୋଟି ଶତକ ମଧ୍ୟ ଅଛି। ସଞ୍ଜୁ ସାମସନ ୱିକେଟକିପିଂ ଏବଂ ବ୍ୟାଟିଂ ସହିତ ଦଳର କମାଣ୍ଡକୁ ଭଲ ଭାବରେ ସମ୍ଭାଳି ପାରନ୍ତି। ସେ ତାଙ୍କ ଅଧିନାୟକତ୍ୱରେ ରାଜସ୍ଥାନ ରୟାଲ୍ସକୁ ଆଇପିଏଲ୍ ୨୦୨୨ର ଫାଇନାଲରେ ପହଞ୍ଚାଇଥିଲେ। ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ ବହୁତ ଖରାପ ପ୍ରଦର୍ଶନ କରିଥିଲା। କେବଳ ଏତିକି ନୁହେଁ, ଆଘାତ ଯୋଗୁ ତାଙ୍କୁ ସିଜିନ ମଝିରେ ଦଳ ଛାଡିବାକୁ ପଡିଥିଲା। ଯାହା ପରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଗ୍ରହଣ କଲେ। ତଥାପି, ତାଙ୍କର ଅଧିନାୟକତ୍ୱ ମଧ୍ୟ ବହୁତ ଖରାପ ଥିଲା। ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବେ। କାରଣ ସେ ଓପନିଂ ସହିତ ଉଇକେଟକିପିଂ ଦାୟିତ୍ୱ ମଧ୍ୟ ତୁଲାଇପାରିବେ।


# ପତ୍ନୀ ଓ ଝିଅଙ୍କୁ ମାସକୁ ୪ ଲକ୍ଷ ଟଙ୍କା ଦେବେ ମହମ୍ମଦ ସାମି



ନୂଆଦିଲ୍ଲୀ: ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ପୁଣି ଏକ ଝଟ୍‌କା। ଭାରତୀୟ କ୍ରିକେଟ ଦଳର ଷ୍ଟାର ଖେଳାଳି ମହମ୍ମଦ ସାମିଙ୍କୁ କଲିକତା ହାଇକୋର୍ଟରେ ଛାଡପତ୍ର ମାମଲାରେ ଏକ ବଡ଼ ଝଟକା ଲାଗିଛି। କୋର୍ଟ ଷ୍ଟାର କ୍ରିକେଟରଙ୍କୁ ତାଙ୍କ ପୂର୍ବ ପତ୍ନୀ ହସିନ ଜହାଁ ଓ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି। ହସିନ ଜହାଁଙ୍କୁ ପ୍ରତି ମାସରେ ୧.୫୦ ଲକ୍ଷ ଟଙ୍କା ଦେବାକୁ ପଡିବ ଓ ଝିଅଙ୍କୁ ପ୍ରତି ମାସରେ ୨.୫୦ ଲକ୍ଷ ଟଙ୍କା ମିଳିବ ବୋଲି ଅଦାଲତ ଶୁଣାଣି କରିଛନ୍ତି। ତେବେ ଏହି ରାଶି ପଛୁଆ ୭ ବର୍ଷରୁ ଲାଗୁ କରାଯାଇଛି।

'ଘରୋଇ ହିଂସାରୁ ମହିଳା ସୁରକ୍ଷା' ଆଇନ ଅନୁଯାୟୀ ଏହି ମାମଲା ଦାୟର କରାଯାଇଥିବା ବେଳେ ଏହାର ଶୁଣାଣି କରି ନିମ୍ନ ଅଦାଲତକୁ ଛଅ ମାସ ମଧ୍ୟରେ ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତବର୍ଷ ମହମ୍ମଦ ସାମି ତାଙ୍କ ଝିଅ ଆୟରାଙ୍କ ସହ ଏକ ଭାବପ୍ରବଣ ସାକ୍ଷାତ କରିଥିଲେ। ଭାରତୀୟ କ୍ରିକେଟ ଦଳର ଏହି ଖେଳାଳି ବହୁତ ଦିନ ପରେ ତାଙ୍କ ଝିଅକୁ ଭେଟିଥିଲେ ଏବଂ ବାପା-ଝିଅ ଯୋଡ଼ିଙ୍କୁ ଏକାଠି ସପିଂ କରୁଥିବାର ଦେଖିବାକୁ ମିଳିଥିଲା। 'ବହୁତ ଦିନ ପରେ ଯେତେବେଳେ ମୁଁ ତାଙ୍କୁ ପୁଣି ଦେଖିଲି ସେତେବେଳେ ସମୟ ଅଟକିଗଲା। ତୁମକୁ ମୋ ଶବ୍ଦ ଅପେକ୍ଷା ମୁଁ ଅଧିକ ଭଲପାଉଛି, ବେବୋ, ବୋଲି ସାମି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ପୋଷ୍ଟଟି ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ୧.୬୦ ଲକ୍ଷରୁ ଅଧିକ ଲାଇକ୍ ପାଇଥିଲା। ତଥାପି, ସାମିଙ୍କ ପରିତ୍ୟକ୍ତା ପତ୍ନୀ ହାସିନ ଜହାଁ ସେତେବେଳେ ସାକ୍ଷାତକୁ ନେଇ କିଛି ଗମ୍ଭୀର ଅଭିଯୋଗ ଆଣିଥିଲେ।

# ଆତ୍ମଜୀବନୀ ପ୍ରକାଶ କଲେ ଧାୱନ





ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଆତ୍ମଜୀବନୀ ଲେଖିଛନ୍ତି। ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଧାୱନ ଏହା ଘୋଷଣା କରିଛନ୍ତି। ଏହାର ନାମ ରଖାଯାଇଛି 'ଦି ୱାନ୍'। ଏଥିରେ ଧାୱନ କ୍ରିକେଟ୍ ପଡ଼ିଆରେ ଓ ବାହାରେ ତାଙ୍କ ଜୀବନର ଅନୁଭୂତି ବର୍ଣ୍ଣନା କରିଛନ୍ତି। ବାମହାତି ଓପ୍‌ନର ଧାୱନ ଜଣେ ନାମୀ କ୍ରିକେଟର ଥିଲେ ହେଁ ଏହା ପଛରେ ଥିବା ସଂଘର୍ଷର କାହାଣୀ ଏଥିରେ ସେ ଉଲ୍ଲେଖ କରିଛନ୍ତି। ବିଜୟର ଖୁସି ଓ ପରାଜୟର ଗ୍ଲାନି ସର୍ବଦା ଦେଖା ଯାଇନଥାଏ। ତାଙ୍କ ହୃଦୟର କଥା ସେ 'ଦି ୱାନ୍'ରେ ଲେଖିଛନ୍ତି ବୋଲି ଧାୱନ କହିଛନ୍ତି।

ଦିଲ୍ଲୀର ଗଳିରୁ ତାଙ୍କ କ୍ରିକେଟ ଯାତ୍ରା ଆରମ୍ଭକରି ଭାରତର ଅନ୍ୟତମ ଶ୍ରେଷ୍ଠ ଓପ୍‌ନିଂ ବ୍ୟାଟ୍‌ସମ୍ୟାନ୍ ହେବାର ଲମ୍ବା ଯାତ୍ରା 'ଦି ୱାନ୍' ଧାୱନ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକରେ ଶିଖର ଧାୱନଙ୍କ ମ୍ୟାଚ୍ ପରିସଂଖ୍ୟାନ ଓ ମାଇଲଖୁଣ୍ଟଠାରୁ ଭିନ୍ନ ପ୍ରସଙ୍ଗ ରହିଛି। ଇନ୍ ଷ୍ଟାଗ୍ରାମରେ ଧାୱନ ଲେଖିଛନ୍ତି, ମୋ କଭର୍ ଡ୍ରାଇଭ୍, ଖୁସି ମନାଇବା ଓ ହସ ଆପଣମାନେ ଦେଖିଛନ୍ତି। ହେଲେ ଏବେ ଭିତରର କାହାଣୀ ଜାଣିବାର ସମୟ। ଏହି ଆତ୍ମଜୀବନୀରେ କେବଳ ଜଣେ କ୍ରିକେଟର ନୁହେଁ; ବରଂ ଜଣେ ସାଧାରଣ ମଣିଷର ଅନୁଭୂତି ରହିଛି। ସମସ୍ତ ଫର୍ମାଟର କ୍ରିକେଟ୍‌ରୁ ଅବସର ନେବାର ବର୍ଷେ ନ ପୂରୁଣୁ ଶିଖର ଧାୱନ ତାଙ୍କ ଆତ୍ମଜୀବନୀର ଘୋଷଣା କରିଛନ୍ତି। ଆନ୍ତର୍ଜାତିକ କ୍ରିକେଟ୍; ବିଶେଷକରି ଦିନିକିଆ ମ୍ୟାଚ୍‌ରେ ବେଶ୍ ସଫଳତା ହାସଲ କରିଥିଲେ ଧାୱନ। ୧୬୭ ଦିନିକିଆ ମ୍ୟାଚ୍‌ରୁ ଧାୱନ ୧୭ଟି ଶତକ ସହ ୪୪.୧ ଆଭ୍‌ରେଜରେ ୬,୭୯୩ ରନ୍ କରିଛନ୍ତି। ୩୪ଟି ଟେଷ୍ଟରୁ ଧାୱନ ୭ଟି ଶତକ ସହ ୨,୩୧୫ ରନ୍ କରିଛନ୍ତି। ୬୮ଟି ଦିନିକିଆରେ ଧାୱନ ୧,୭୫୯ ରନ୍ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଅତ୍ୟନ୍ତ ସଫଳ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୯ ଜୁନ୍ - ୫ ଜୁଲାଇ ୨୦୨୫ ଯୁଦ୍ଧରେ ଥରୁଛି ମଧ୍ୟପ୍ରାଚ୍ୟ




ଆହୁରି ଭୀଷଣ ହେଉଛି ଇସ୍ରାଏଲ ଇରାନ ଯୁଦ୍ଧ। ଉଭୟ ପଟରୁ ବର୍ଷୁଛି ମିସାଇଲ। ଘନ ଘନ ଜାରି ରହିଛି ବୋମା ମାଡ଼। ତେହେରାନରେ ଧ୍ୱଂସ ଘଟାଇଛି ଇସ୍ରାଏଲ। ଇରାନ୍‌ର ଆଖି, ଛାତିକୁ ହିଟ୍ କରୁଛି ଶକ୍ତିଶାଳୀ ମିସାଇଲ। ଖୋଜି ଖୋଜି ଇରାନ୍‌ର ଆଣବିକ କେନ୍ଦ୍ରକୁ ଟାର୍ଗେଟ୍ କରୁଛି। ସେପଟେ ଇରାନର ଆକ୍ରମଣରେ ଇସ୍ରାଏଲ ମଧ୍ୟ କ୍ଷତି ସହିଛି। ଇରାନର ଆକ୍ରମଣ ପରେ, ଇସ୍ରାଏଲ ଏବେ ଏକ ବଡ଼ ଆକ୍ରମଣ ପାଇଁ ଚଳାଇଛି ପ୍ଲାନିଂ।


**ଜାତୀୟ:** ଦୁଃଖଦ ଉଡ଼ାଣ
**ଅନ୍ତର୍ଜାତୀୟ:** ବିଗ୍ ଗେମ୍
**ବିଶେଷ ପ୍ରସଙ୍ଗ:** କଫି ହବ୍ 'କୋରାପୁଟ'
**ନାରୀ:** : ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତିଦେବ ଡାର୍କ ଚକୋଲେଟ୍
**କ୍ଷୁଦ୍ରଗଳ୍ପ:** ଦଣ୍ଡାବାଲୁଙ୍ଗା
**ଚଳଚ୍ଚିତ୍ର:** ଅପରାଜିତା ଅରୁଣା ଚଳଚ୍ଚିତ୍ର: ମୋନାଲିସାଙ୍କ କାର
**ଖେଳ:** : ଓଡ଼ିଶାକୁ ସ୍ୱର୍ଣ୍ଣ, ୧୫ ଦିନରେ ଭାଙ୍ଗିଲା ବିବାହ
**ମୀନାବଜାର:** କୁହୁକ ମଲମ, ଚର୍ଚ୍ଚାରେ: ମଣିଷକୁ ଜିଅନ୍ତା ଚୋବାଇଦେଲା Piranhas ମାଛ, ବିଜ୍ଞାନ: ଗୋଟିଏ ଗଛରେ ୩୫୦ ପ୍ରକାରର ଆମ୍ବ, ପର୍ଯ୍ୟଟନ: ଆଦି ଶକ୍ତିପୀଠ ମା' ତାରାତାରିଣୀ, ଧର୍ମ: ଅସୀମ ଅଲାରନାଥଙ୍କ କରୁଣା, କବିତା: ପହିଲି ମୌସୁମୀ ବାଆ, ଜାଣନ୍ତି କି ? : ଦଶନ୍ଧିର ବଡ଼ ବିମାନ ଦୁର୍ଘଟଣା, ସ୍ୱାସ୍ଥ୍ୟ: ଆଣ୍ଠୁଗଣ୍ଠି ପାଇଁ ଆପଣାନ୍ତୁ ଏହି ଟିପ୍ସ, ବାସ୍ତୁ: ଘର କିଣିବାବେଳେ ମନେ ରଖନ୍ତୁ, ସତନ୍ତ୍ର ପ୍ରସଙ୍ଗ: ଭକ୍ତ ଶ୍ରେଷ୍ଠ ସାଲବେଗ, ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗ୍- ୨୦୨୫

ବ୍ରହ୍ମପୁର (ପିପିଏସ୍): ଗଞ୍ଜାମ ଜିଲ୍ଲା ଫୁଟ୍‌ବଲ ଲିଗ୍‌ର ବୁଧବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ସକାଳେ ସୋଡ଼ାକ ଟାଇଗର କ୍ଲବ୍ ସହ ପତିତପାବନ ସଂଘ ଏଫ୍‌ସି କ୍ଲବ୍ ମଧ୍ୟରେ ହୋଇଥିଲା। ପତିତପାବନ ସଂଘ ଏଫ୍‌ସି କ୍ଲବ ୬ ଗୋଲ ଓ ସୋଡ଼ାକ ଏଫ୍‌ସି କ୍ଲବ୍ କୌଣସି ଗୋଲ କରିପାରି ନଥିଲେ । ଏଥିସହ ପତିତପାବନ କ୍ଲବ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟାରେ ଗ୍ରୀନ୍ ଚିଲି ପଦ୍ମନାଭପୁର ଏଫ୍‌ସି କ୍ଲବ୍ ସହ ଖେମୁଣ୍ଡି ଏଫ୍‌ସି କ୍ଲବ ସହ ହୋଇଥିଲା। ଏହି ମ୍ୟାଚ୍‌ରେ ଖେମୁଣ୍ଡି ଏଫ୍‌ସି କ୍ଲବ୍ ୧ ଗୋଲ କରିଥିଲେ ଏବଂ ଗ୍ରୀନ ଚିଲି ପଦ୍ମନାଭପୁର ଏଫ୍‌ସି କ୍ଲବ ୨ ଗୋଲ କରି ବିଜୟ ହାସଲ କରିଛନ୍ତି। ଆଜିର ମ୍ୟାଚ୍ ରେଫେରୀ ଥିଲେ ସୁଜିତ କୁମାର ପାତ୍ର, ଭିନସେଣ୍ଟ ଦାସ, ରମେଶ ଚନ୍ଦ୍ର ବେହେରା ଓ ଅଭିମନ୍ୟୁ ବେହେରା। ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଫୁଟବଲ ସଂଘର ଯୁଗ୍ମ ସମ୍ପାଦକ ଡି.ଆପାରାଓ, ବିଜୟୀ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ. ପାତ୍ର, ଜି.ଏମ୍ ବାବୁ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ୱିମ୍ବଲଡନ୍ ଟେନିସ୍‌ରେ ବଡ଼ ବିପର୍ଯ୍ୟୟ: ପେଗୁଲା, ଝେଙ୍ଗ୍ ପ୍ରଥମ ରାଉଣ୍ଡରୁ ବିଦା



## ପେରିକାର୍ଡ କଲେ ଦ୍ରୁତତମ ସର୍ଭିସ୍ ରେକର୍ଡ

ଲଣ୍ଡନ: ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୟୁଏସ୍ ଓପନ୍ ଉପବିଜୟିନୀ ତଥା ତୃତୀୟ ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ଏବଂ ପ୍ୟାରିସ୍ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ଝେଙ୍ଗ୍ କ୍ୱିନ୍‌ୱେନ୍‌ଙ୍କ ୱିମ୍ବଲଡନ୍ ଅଭିଯାନ ପ୍ରଥମ ରାଉଣ୍ଡ୍‌ରେ ଶେଷ ହୋଇଛି। ଆମେରିକାର ପେଗୁଲାଙ୍କୁ ୬-୨, ୬-୩ ସେଟ୍‌ରେ ବିଶ୍ୱର ୧୧୬ ନମ୍ବର ଇଟାଲୀ ଲଳନା ଏଲିସାବେଟା କୋସିଆରେଟୋ ହରାଇ ବିଦାୟ ରାସ୍ତା ଦେଖାଇଥିଲେ। କୋସିଆରେଟୋ ଏଥିସହ ପେଗୁଲାଙ୍କଠୁ ଦୁଇ ବର୍ଷ ତଳର ୱିମ୍ବଲଡନ୍ ପରାଜୟର ପ୍ରତିଶୋଧ ନେବା ସହ ଦ୍ୱିତୀୟ ଥର ଲାଗି ଶୀର୍ଷ ମଧ୍ୟରେ ଥିବା ଖେଳାଳିଙ୍କୁ ହରାଇବାରେ ସଫଳ ହୋଇଛନ୍ତି। ସେହିପରି ପଞ୍ଚମ ମାନ୍ୟତାପ୍ରାପ୍ତ ଝେଙ୍ଗ୍ କଡ଼ା ସଂଘର୍ଷ କରି ୫-୭, ୬-୪, ୧-୬ ସେଟ୍‌ରେ ଚେକ୍‌ଗଣରାଜ୍ୟର କାଟେରିନା ସିନିଆକୋଭାଙ୍କଠୁ ହାରିଯାଇଥିଲେ।

ପୁରୁଷ ଏକକରେ ବିଶ୍ୱର ଏକ ନମ୍ବର ଜାନିକ ସିନ୍ନର, ୧୧ ନମ୍ବର ଆଲେକ୍ସ ଡି' ମିନୁର ଓ ୧୩ ନମ୍ବର ଟମି ପଲ୍ ସହଜ ବିଜୟ ସହ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ୩ ଗ୍ରାଣ୍ଡ ସ୍ଲାମ୍ ବିଜେତା ଇଟାଲିର ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ନିଜ ଦେଶର ଲୁକା ନାର୍ଡିଙ୍କୁ, ଅଷ୍ଟ୍ରେଲିଆର ଡି' ମିନୁର ୬-୨, ୬-୨, ୭-୬ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ କାର୍ବାଲେସ ବାଏନାଙ୍କୁ ଏବଂ ଆମେରିକାର ପଲ୍ ୬-୪, ୬-୪, ୬-୨ ସେଟ୍‌ରେ ବ୍ରିଟିସ୍ ଖେଳାଳି ଜୋହାନସ ମନ୍‌ଡେଙ୍କୁ ପରାସ୍ତ କରିଥିଲେ। ତେବେ ଗତ ସଂସ୍କରଣ ସେମିଫାଇନାଲିଷ୍ଟ ଇଟାଲିର ଲୋରେଞ୍ଜୋ ମୁସେଟି ୨-୬, ୬-୪, ୫-୭, ୧-୬ ସେଟ୍‌ରେ ଜର୍ଜିୟାର ନିକୋଲୋଜ ବାସିଲାଶଭିଲିଙ୍କଠୁ ହାରି ବିଦାୟ ନେଇଛନ୍ତି।

ଫ୍ରାନ୍ସର ୬ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଜିଏଭାନି ପେରିକାର୍ଡ ଚଳିତ ୱିମ୍ବଲଡନ୍ ଓପନ୍‌ରେ ଇତିହାସ ରଚିଛନ୍ତି। ୱିମ୍ବଲଡନ୍ ଇତିହାସର ଦ୍ରୁତତମ ସର୍ଭିସ୍ ମାରିବାର ରେକର୍ଡ ନିଜ ନାମରେ ଲିପିବଦ୍ଧ କରି ନେଇଛନ୍ତି ସେ। ପଞ୍ଚମ ସିଡ୍ ଟେଲର ଫ୍ରିଜ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ହିଁ ପେରିକାର୍ଡ ଘଣ୍ଟାପ୍ରତି ୨୪୬ କିଲୋମିଟର ବେଗରେ ସର୍ଭିସ୍ କରିଥିଲେ। ହେଲେ ଫ୍ରିଜ୍ କେବଳ ଏହାକୁ ସଫଳତାର ସହ ରିଟର୍ଣ୍ଣ କରି ନଥିଲେ, ବରଂ ପଏଣ୍ଟ ବି ଜିତି ନେଇଥିଲେ। ପେରିକାର୍ଡ କିନ୍ତୁ ପ୍ରଥମ ଦୁଇ ସେଟ୍ ଜିତି ନେଇଥିଲେ। ଫ୍ରିଜ୍ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇ ଯାଇଥିଲେ। ସମୟ ଅଭାବରୁ ସୋମବାର ଏହି ମ୍ୟାଚ୍ ସେହିଠାରେ ସ୍ଥଗିତ ରହିଥିଲା। ମଙ୍ଗଳବାର ପଞ୍ଚମ ତଥା ଶେଷ ସେଟ୍‌କୁ ଜିତି ଫ୍ରିଜ୍ ମ୍ୟାଚ୍‌କୁ ନିଜ ନାଁରେ କରି ଦେଇଥିଲେ। ଫଳରେ ନୂଆ ରେକର୍ଡ ସତ୍ତ୍ୱେ ପେରିକାର୍ଡ ନୈରାଶ୍ୟଜନକ ଭାବେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପେରିକାର୍ଡ ଏହିକ୍ରମରେ ୨୦୧୦ ମସିହାରେ ଆମେରିକାର ଟେଲର ଡେଣ୍ଟ୍ ମାରିଥିବା ଘଣ୍ଟାପ୍ରତି ୨୩୮ କିଲୋମିଟର ବେଗର ସର୍ଭିସ୍ ରେକର୍ଡକୁ ଭାଙ୍ଗିଥିଲେ। ଏହି ରେକର୍ଡ ସେ ପୂର୍ବ ବିଜେତା ନୋଭାକ ଜୋକୋଭିକ୍‌ଙ୍କ ବିପକ୍ଷ ମ୍ୟାଚ୍‌ରେ କରିଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583